ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୧୬ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 MARCH 2023
Vol.No. 34 ■ No. 70 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ପୁଣି ତେଜିଲା ଆମେରିକା-ଋଷ ବିବାଦ

### ମଝି ଆକାଶରେ ଆମେରିକା ଡ୍ରୋନ ମାରି ଖସାଇଲା ଋଷିଆ ସେନା



ନୂଆଦିଲ୍ଲୀ, ୧୫/୦୩ : ୟୁକ୍ରେନ୍ ଯୁଦ୍ଧକୁ ନେଇ ଋଷ ଓ ଆମେରିକା ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । କୃଷ୍ଣସାଗର ଉପରେ ଋଷର ଦୁଇଟି ଜେଟ୍, ଆମେରିକାର ଏକ ଡ୍ରୋନ୍ ମାରି ଖସାଇ ଦେଇଛି । ଫଳରେ ଡ୍ରୋନ୍ଟି କୃଷ୍ଣ ସାଗରରେ ଖସି ପଡ଼ିଛି । ଆମେରିକା ସେନା ପକ୍ଷରୁ ଏକ ବିବୃତି ଜାରି କରି ଏହି ସୂଚନା ଦିଆଯାଇଛି । କୁହାଯାଇଛି ଯେ, କୃଷ୍ଣ ସାଗର ଉପରେ ସବୁଦିନ ଭଳି ମାନବବିହୀନ ଡ୍ରୋନ୍ ଏମକ୍ୟୁ-ନାଇନ୍ ପାଟ୍ରୋଲିଂ କରୁଥିଲା । ଋଷର ଦୁଇଟି ସୁଖୋଇ-୨୭ ଯୁଦ୍ଧ ବିମାନ ମଧ୍ୟ ନିଜ ସୀମା ମଧ୍ୟରେ ପାଟ୍ରୋଲିଂ କରୁଥିଲେ । ହେଲେ ଋଷର ଜେଟ୍ ଡ୍ରୋନ୍ ସମ୍ମୁଖକୁ ଚାଲିଆସିଥିଲା । ଜେଟର ୱିଙ୍ଗ ଡ୍ରୋନ୍ରେ ବାଜିବା ଯୋଗୁ ଡ୍ରୋନ୍ କ୍ଷତିଗ୍ରସ୍ତ ହୋଇଛି । ଋଷ ଜାଣିଶୁଣି ଏପରି କରିଥିବା କହିଛି ଆମେରିକା । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି । ସୂଚନା ଅନୁସାରେ ଆମେରିକା ଡ୍ରୋନକୁ ୪୦ ମିନିଟ୍ ଧରି ଘେରିଲା ଋଷ ବିମାନ । ପରେ ଏହାକୁ ମାରି ଖସାଇଦେଇଥିବା ଅଭିଯୋଗ କରିଛି ଆମେରିକା । ପେଣ୍ଟାଗନ୍ ଏହି ଘଟଣାକୁ ଦୁର୍ଭାଗ୍ୟଜନକ କହିଛି । ସେପଟେ କ୍ରେମଲିନ୍ କହିଛି, ଗୁଇନ୍ଦାଗିରି ଉଦ୍ଦେଶ୍ୟରେ କୃଷ୍ଣ ସାଗର ଉପରେ ଡ୍ରୋନ୍ ଉଡାଇଥିଲା ଆମେରିକା । ୟୁକ୍ରେନ୍ – ରୁଷିଆ ଯୁଦ୍ଧ ଭିତରେ ବିବାଦରେ ରହିଛି କୃଷ୍ଣ ସାଗର । ଆଉ ଆମେରିକା ଏହି ବିବାଦରୁ ଦୂରରେ ରହୁ ବୋଲି ଚେତାବନୀ ଦେଇଛି କ୍ରେମଲିନ୍ । ଆମେରିକାର ମାନବ ବିହୀନ ଡ୍ରୋନ୍ ଖସି କୃଷ୍ଣ ସାଗରରେ ପଡିଛି । ରିମୋଟ୍ ଦ୍ୱାରା ଡ୍ରୋନ୍ ପରିଚାଳିତ ହୁଏ । ନଷ୍ଟ ହୋଇଥିବା ଡ୍ରୋନକୁ ଉଦ୍ଧାର କରାଯିବ ବୋଲି ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ଏହି ଡ୍ରୋନରେ ରହିଛି ଅନେକ ଗୁପ୍ତ ତଥ୍ୟ, ଯାହା ଶତ୍ରୁ ହାତରେ ଲାଗିଲେ ଅନେକ ସମସ୍ୟା ଆସିପାରେ । ସେପଟେ ଆମେରିକାର ଯେଉଁ ଡ୍ରୋନ୍କୁ ରୁଷିଆ ସେନା ମାରି ନଷ୍ଟ କରିଛି ସେହି ଡ୍ରୋନ୍ ଆମେରିକା ଠାରୁ କିଣୁଛି ଭାରତ । ଏମକ୍ୟୁ – ନାଇନ୍ର ଅପଗ୍ରେଡ୍ ଭର୍ସନ୍ ଡ୍ରୋନ୍ ଭାରତ, ଆମେରିକା ଠାରୁ କ୍ରୟ କରୁଥିବା ସୂଚନା ରହିଛି ।

## ଡ୍ରାଇଭର ସଙ୍ଘର ଷ୍ଟିୟରିଂ ଛାଡ଼ ଧର୍ମଘଟ

### ବିଭିନ୍ନ ସ୍ଥାନରେ ଶାନ୍ତିପୂର୍ଣ୍ଣ ଧାରଣା, ବସ୍ ଚଳାଚଳ ବାଧାପ୍ରାପ୍ତ



ଭୁବନେଶ୍ୱର, ୧୫/୦୩ (ନି.ପ୍ର): ୧୦ ଦଫା ଦାବି ନେଇ ଆଜିଠାରୁ ଷ୍ଟିୟରିଂ ଛାଡ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଡ୍ରାଇଭର ମହାସଂଘ । ବୁଧବାର ସକାଳୁ ସକାଳୁ ରାଜ୍ୟର ବିଭିନ୍ନ ସ୍ଥାନରେ ଡ୍ରାଇଭରଙ୍କ ପ୍ରତିବାଦ ଦେଖିବାକୁ ମିଳିଛି । ଭୁବନେଶ୍ୱର ତମାଣ୍ଡୋ ଠାରେ ଶହ ଶହ ଡ୍ରାଇଭର ଏକାଠି ହୋଇ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜଣାଇଛନ୍ତି । ମାଲବାହୀ ଗାଡ଼ିଗୁଡ଼ିକ କାଁଭାଁ ଚାଲୁଥିଲା ବେଳେ ଯାତ୍ରୀବାହୀ ବସ୍ ଚଳାଚଳବାଧାପ୍ରାପ୍ତ ହୋଇଛି । ରାଜ୍ୟର ଅନେକ ସ୍ଥାନରେ ବସ୍ ଷ୍ଟାଣ୍ଡରୁ ବସ୍ ବାହାରିଥିଲେ ବି ଅଧବାଟରେ ଅଟକିଯାଉଛି । ଫଳରେ ବସ୍ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୁବନେଶ୍ୱର ବରମୁଣ୍ଡା ଓ କଟକ ବାଦାମବାଡି ବସଷ୍ଟାଣ୍ଡରେ ବସ୍ ଚଳାଚଳ ବାଧାପ୍ରାପ୍ତ ହେବାରୁ ବହୁ ସଂଖ୍ୟାରେ ଯାତ୍ରୀ ଅଟକି ରହିଛନ୍ତି । ଅପରପକ୍ଷରେ ମାଟ୍ରିକ୍ ପରୀକ୍ଷା ଚାଲୁଥିବାରୁ ଭୁବନେଶ୍ୱର ସହର ଭିତରେ କୌଣସି ବିରୋଧ କରାଯିବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସେହିପରି ସମ୍ବଲପୁର ଅଇଁଠାପାଲି ଛକରେ ମଧ୍ୟ ପ୍ରତିବାଦ କରୁଛନ୍ତି ଡ୍ରାଇଭର । ଯେଉଁ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ନହୋଇ ଗାଡି ଚଳାଉଛନ୍ତି, ସେମାନଙ୍କୁ ଆନ୍ଦୋଳନରତ ଡ୍ରାଇଭରଙ୍କ ପକ୍ଷରୁ ଫୁଲମାଳ ପିନ୍ଧାଯାଉଛି । ଏହାସହ ସେମାନଙ୍କୁ ମୁଣ୍ଡିଆ ମାରି ଚକୋଲେଟ୍ ଦେଉଥିବାର ଦେଖିବାକୁ ମିଳିଛି । କେବଳ ସମ୍ବଲପୁର ନୁହେଁ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକ୍ ରେ ଡ୍ରାଇଭରମାନେ ଆନ୍ଦୋଳନ କରୁଥିବାର ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ ଡ୍ରାଇଭରମାନଙ୍କୁ ଆବାସ ଯୋଜନା ରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା , ଗାଡ଼ି ଗୁଡ଼ିକ ପାର୍କିଂ ଏବଂ ଡ୍ରାଇଭରମାନଙ୍କୁ ବିଶ୍ରାମ ନେବାପାଇଁ ପାର୍କିଂ ସହିତ ବିଶ୍ରାମାଗାର ଏବଂ ପ୍ରତ୍ୟେକ ୧୦୦ କି.ମି. ଅନ୍ତରରେ ଶୌଚାଳୟର ବ୍ୟବସ୍ଥା କରାଯାଉ , ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭର ମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ବିମା ରାଶି ଏବଂ ଦୁର୍ଘଟଣାରେ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ର ବିମାରାଶି ସହିତ ଦୁର୍ଘଟଣା ଜନିତ ଚିକିତ୍ସା ପାଇଁ ଡ୍ରାଇଭରମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବିମା ଦେବା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି ଡ୍ରାଇଭର ସଂଘ ।

## ୧୭ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ରାଜ୍ୟରେ ଆଗାମୀ ୧୯ ତାରିଖ ଯାଏଁ ପଶ୍ଚିମା-ଝଡ଼ର ପ୍ରଭାବ ସମ୍ଭାବନା ରହିଛି । ଏଥିଯୋଗୁଁ ୧୫ରୁ ୧୯ ତାରିଖ ମଧ୍ୟରେ ରାଜ୍ୟରେ ବିଜୁଳି ଘଡଘଡି ସହ ଝଡ-ପବନ ଘଂଟା ପ୍ରତି ୪୦ ରୁ ୫୦ କିମି ସମ୍ଭାବନା ରହିଛି । ୧୭ ରୁ ବର୍ଷାର ବିସ୍ତୃତି ବଢିବ ବୋଲି ସୂଚନା ଦେଇଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର । ବୁଧବାର ସକାଳୁ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆକାଶ ମେଘାଛନ୍ନ ରହିଥିବା ବେଳେ କିଛି ସ୍ଥାନରେ ବର୍ଷା ହେବାର ସୂଚନା ମିଳିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ପଶ୍ଚିମା ଝଡ଼ ପ୍ରଭାରେ ୧୬ରୁ ୧୭ ତାରିଖ ମଧ୍ୟରେ କୋରାପୁଟ , ମାଲକାନଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଦେବଗଡ, ସୁନ୍ଦରଗଡ, ମୟୁରଭଂଜ, କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ୧୭ ରୁ ୧୮ ତାରିଖ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ନୂଆପଡା, ରାୟଗଡା, ଗଜପତି, ଗଂଜାମ, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଦେବଗଡ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ବହିପାରେ । ଏହା ବ୍ୟତୀତ ଅନ୍ୟ ସବୁ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ୧୮ରୁ ୧୯ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ▶▶ପୃଷ୍ଠା ୭

## ଦେଶରେ ଇନଫ୍ଲୁଏଞ୍ଜା ଭାଇରସରେ ଗଲାଣି ୭ଜଣଙ୍କ ଜୀବନ

### ନୂଆ ଭାରିଆଣ୍ଟ ଏକ୍ସବିବି.୧.୧୬ ଯୋଗୁଁ ଦେଶରେ କୋଭିଡ ସଂକ୍ରମଣ ବୃଦ୍ଧି



ନୂଆଦିଲ୍ଲୀ, ୧୫/୦୩ : ଇନଫ୍ଲୁଏଞ୍ଜା-ଏ ଭୂତାଣୁକୁ ନେଇ ଏବେ ଲୋକେ ଚିନ୍ତିତ ଥିବା ବେଳେ କୋଭିଡର ଆଉ ଏକ ନୂଆ ଭ୍ୟାରିଆଣ୍ଟ ଆସିଛି । ଗତ ୧୦ ଦିନ ମଧ୍ୟରେ ୬୦ ପ୍ରତିଶତ ସଂକ୍ରମଣ ଦେଶରେ ବଢିଛି । ଗତ ମାର୍ଚ୍ଚ ୧ ତାରିଖରେ ଭାରତରେ ଦୈନିକ ସଂକ୍ରମଣ ୨୦୦ ଥିବା ବେଳେ ଏବେ ୬୦୦ ଟପିଗଲାଣି । ଏହା ବଢିବାର କାରଣ ହେଉଛି କୋଭିଡଏ ନୂଆ ଭ୍ୟାରିଆଣ୍ଟ 'ଏକ୍ସବିବି.୧.୧୬' । ଭାରତ ସମେତ ଅନ୍ୟ ଦେଶଗୁଡିକର ମଧ୍ୟ କୋଭିଡର ଏହି ନୂଆ ଭାରିଆଣ୍ଟ ଯୋଗୁ ପୁଣି ସଂକ୍ରମଣ ବଢୁଥିବା ଦେଖିବାକୁ ମିଳୁଛି । ଭାରତରେ ୪୮, ବ୍ରୁନେଇରେ ୨୨, ଆମେରିକାରେ ୧୫, ସିଙ୍ଗାପୁରରେ ୧୪ ଜଣ ଲେଖାଏଁ ନୂଆ ଭ୍ୟାରିଆଂଟ 'ଏକ୍ସବିବି.୧.୧୬' ସଂକ୍ରମିତ ଥିବା ସୂଚନା ମିଳିଛି । ପୂର୍ବ ଭାରିଆଣ୍ଟ ଅପେକ୍ଷା ନୂଆ ପ୍ରଜାତି 'ଏକ୍ସବିବି.୧.୧୬' ଅଧିକ ଦ୍ରୁତ ଗତିରେ ବ୍ୟାପୁଥିବାରୁ ସଂକ୍ରମଣ ଆହୁରି ବଢିବାର ଆଶଙ୍କା ସୃଷ୍ଟି ହୋଇଛି । ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଗୁଜରାଟରେ କୋଭିଡର ଏହି ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି ।

## ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ : ବିନା ୟୁନିଫର୍ମରେ ସ୍କୁଲ ଯିବେ ଶିକ୍ଷକ



ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଆନ୍ଦୋଳନରୁ ଓହରିଛି ପ୍ରାଥମିକ ଶିକ୍ଷକ ସଂଘ । ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ର ସଭାପତି ହୃଦାନନ୍ଦ ଦ୍ୱିବେଦୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି । ତେବେ ଶିକ୍ଷକ ଶିକ୍ଷୟତ୍ରୀ ବିନା ୟୁନିଫର୍ମରେ ସ୍କୁଲ ଯିବା ନିଷ୍ପତିରେ ଅଟଳ ରହିଛନ୍ତି । ସରକାର ୟୁନିଫର୍ମ ପାଇଁ ଭତା ଦେଉନଥିବାରୁ ଏହାକୁ ବର୍ଜନ କରୁଛୁ ବୋଲି କହିଛି ସଂଘ । ଷ୍ଟିୟରିଂ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଥିବା ସେ ଜଣାଇଛନ୍ତି । ଆସନ୍ତା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ପୁଣି ଥରେ ଷ୍ଟିୟରିଂ କମିଟି ବୈଠକ ବସିବ । ଆଗାମୀ ଦିନରେ ଯଦି ସରକାର ଶିକ୍ଷକମାନଙ୍କର ଦାବିଗୁଡ଼ିକ ପ୍ରତି ସକାରାତ୍ମକ ଦୃଷ୍ଟି ନ ଦିଅନ୍ତି, ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି । ତିନି ମାସ ସମୟ ନେଲେ ସରକାର । ହେଲେ ଦାବି ପୂରଣ କଲେନି । ତେଣୁ ପୁଣିଥରେ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି ପ୍ରାଥମିକ ଶିକ୍ଷକ । ଆଉ ବୁଧବାର ଆନ୍ଦୋଳନକୁ ପୁଲିସ ଅନୁମତି ଦେଇନଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏବଂ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟରେ ଆଲୋଚନା ହୋଇଛି । ବିଧାନସଭାର ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଶିକ୍ଷକ ସଂଘ ପକ୍ଷରୁ ୧୧ ଜଣିଆ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି । ଏହି ଆଲୋଚନାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ଶିକ୍ଷକମାନଙ୍କ ସହ ଆଲୋଚନା ହେଲା, ପୂର୍ବରୁ ହାଇ ଲେବଲ କମିଟି ସହ ସେମାନଙ୍କ ଆଲୋଚନା ହୋଇଥିଲା । ସେମାନଙ୍କ ଦାବି ଉକ୍ତ କମିଟିକୁ ପଠାଇ ଦିଆଯିବ । ସେମାନଙ୍କ ଦାବି ନେଇ ଆଲୋଚନା ଜାରି ରହିଛି, ବିଭିନ୍ନ ପର୍ଯ୍ୟାୟରେ ଆହୁରି ଆଲୋଚନା ହେବ । ଆଲୋଚନା ମାଧ୍ୟମରେ ସେମାନଙ୍କର ଦାବି ବିଷୟରେ ସମାଧାନ ହେବ । ତେବେ ଶିକ୍ଷକ ସମାଜକୁ ଅନୁରୋଧ ସେମାନେ ୟୁନିଫର୍ମ ବର୍ଜନ କରନ୍ତୁ ନାହିଁ । ୟୁନିଫର୍ମ ବର୍ଜନ ନିଷ୍ପତିରୁ ବିରତ ରୁହନ୍ତୁ । ଅନ୍ୟପଟେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ପରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ କୁହାଯାଇଛି ଯେ ଆସନ୍ତାକାଲିଠାରୁ ୟୁନିଫର୍ମ ବିନା ପ୍ରାଥମିକ ଶିକ୍ଷକ ସ୍କୁଲ ଯିବେ । ମନ୍ତ୍ରୀସ୍ତରୀୟ କମିଟିକୁ ଆମର ଦାବି ପଠାଇବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ▶▶ପୃଷ୍ଠା ୭

## ବିଧାନସଭାରେ ପୁଣି ଉଠିଲା ନବ ଦାସ ହତ୍ୟାକାଣ୍ଡ ମାମଲା

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ବିଧାନସଭାରେ ବୁଧବାର ଦିନ ପୁଣି ଥରେ ନବ ଦାସ ହତ୍ୟା ପ୍ରସଙ୍ଗ ଉଠିଛି । ଏହି ମାମଲାରେ ତଦନ୍ତକୁ ନେଇ ରାଜ୍ୟର ଜନସାଧାରଣ ସନ୍ଦିହାନ ଥିବା ବେଳେ ଏହି ମାମଲାର ତଦନ୍ତ କେବେ ସରିବ ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଦାବି କରିଛନ୍ତି । ଶ୍ରୀ ମିଶ୍ର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟ ସରକାରରେ ମନ୍ତ୍ରୀ ଥିବା ନବ ଦାସଙ୍କ ହତ୍ୟା କରାଯିବାର ୪୫ ଦିନ ଅର୍ଥାତ ଦେଢ ମାସ ବିତି ସାରିଲାଣି । ଏହି ହତ୍ୟାର କାରଣ କଣ ଓ ହତ୍ୟା ପଛରେ କିଏ ଅଛି ତାହା ଦେଢ ମାସ ପରେ ମଧ୍ୟ ସ୍ପଷ୍ଟ ହୋଇ ପାରି ନାହିଁ । ଏତେ ଦିନ ପରେ ମଧ୍ୟ ହତ୍ୟାର କାରଣ ଓ ଷଡଯନ୍ତ୍ରକୁ ନେଇ ରାଜ୍ୟ ବାସୀ ସନ୍ଦିହାନ ଅଛନ୍ତି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ କଥାରେ ତାଳମେଳ ନାହିଁ । ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଗୋଟିଏ କଥା କହୁଥିବା ବେଳେ ଗୃହ ରାଷ୍ଟ୍ର ମନ୍ତ୍ରୀ ଆଉ ଗୋଟିଏ କଥା କହୁଛନ୍ତି । ତେଣୁ ଏହି ମାମଲାର ତଦନ୍ତ ପ୍ରକ୍ରିୟା କେବେ ପୂରଣ ହେବ ସେ ନେଇ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି ।

## ଜଗବନ୍ଧୁ ଚାନ୍ଦକୁ ସର୍ତମୂଳକ ଜାମିନ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଲେଡି ବ୍ଲକ୍ ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦକୁ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ଓଡିଶା ହାଇକୋର୍ଟ । ସାକ୍ଷୀଙ୍କୁ ପ୍ରଭାବିତ ନକରିବା, ପାସପୋର୍ଟ ଜମା କରିବା, କାହାକୁ ଧମକ ନଦେବା, ତଦନ୍ତରେ ସହଯୋଗ କରିବା ପାଇଁ ସର୍ତ ରଖିଛନ୍ତି କୋର୍ଟ । ଖଣ୍ଡଗିରି ଥାନାରେ ହୋଇଥିବା ଏତଲା ଉପରେ ଏହି ଜାମିନ ମିଳିଛି । ଜଗବନ୍ଧୁଙ୍କ ବିରୋଧରେ ଇଡି ସମେତ ୩ ଟି ମାମଲା ରହିଥିବା ବେଳେ ଗୋଟିଏରେ ଜାମିନ ମିଳିଛି ।

## ସଂସଦ ଭବନରୁ ଇଡି ଅଫିସ : ଆଦାନୀ ମାମଲାରେ ବିରୋଧୀଙ୍କ ପଦଯାତ୍ରା



ନୂଆଦିଲ୍ଲୀ, ୧୫/୦୩ : ବୁଧବାର ଦିଲ୍ଲୀରେ ଦେଖିବାକୁ ମିଳିଛି ସରକାରଙ୍କ ବିରୋଧରେ ବିରୋଧୀଙ୍କ ହାଲ୍ଲାବୋଲ । ହାତରେ ପ୍ଲାକାର୍ଡ, ମୁହଁରେ ଆଦାନୀ ବିରୋଧୀ ନାରାବାଜୀ । ଆଦାନୀ ମାମଲାରେ ଜେପିସି ଗଠନ, ଗୃହରେ ଚର୍ଚ୍ଚା ଓ ମାମଲା ଉପରେ ତୁରନ୍ତ ଯାଞ୍ଚ ଦାବି ନେଇ ସଂସଦଭବନରୁ ଇଡି ଅଫିସ ପର୍ଯନ୍ତ ପଦଯାତ୍ରା କରିଥିଲେ ବିରୋଧୀ । ଇଡି ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ଦେବାକୁ କଂଗ୍ରେସ ସମେତ ୧୭ ବିରୋଧୀ ଦଳର ସାଂସଦମାନେ ପଦଯାତ୍ରା କରିଥିଲେ । ସେପଟେ ସୁରକ୍ଷାବଳ ପଦଯାତ୍ରାରେ ବାଧା ଦେଇଥିବା ସାଂସଦମାନେ ଅଭିଯୋଗ କରିଛନ୍ତି । ବିରୋଧୀ କହିଛନ୍ତି ଦେଶକୁ ଲୁଟୁଛନ୍ତି ଆଦାନୀ ଓ ତାଙ୍କ ପରି କିଛି ପୁଞ୍ଜିପତି ବ୍ୟକ୍ତି । ସରକାର ସବୁ ଜାଣି ନିରବଦ୍ରଷ୍ଟା କଣ ପାଇଁ ସାଜିଛନ୍ତି । ସେପଟେ ବଜେଟ ଅଧିବେଶନର ୩ୟ ଦିନରେ ମଧ୍ୟ ସୁରୁଖୁରରେ ଚାଲିପାରିନି ଗୃହକାର୍ଯ୍ୟ । ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ବିରୋଧୀ ଆଦାନୀ ପ୍ରସଙ୍ଗରେ ଚର୍ଚ୍ଚା ପାଇଁ ଅଡିବସିଥିଲେ ।ସାଂସଦମାନଙ୍କୁ ଚେତାବନୀ ଦେଇ ଗୃହକାର୍ଯ୍ୟ ସୁରୁଖୁରରେ ଚଳାଇବା ପାଇଁ ଅପିଲ କରିଥିଲେ ଲୋକସଭା ବାଚସ୍ପତି ଓମ ବିର୍ଲା । ମାର୍ଚ୍ଚ ୧୬ପର୍ଯ୍ୟନ୍ତ ଉଭୟ ଗୃହକୁ ମୁଲତବୀ ରଖାଯାଇଛି । ଆମେରିକୀୟ ରିସର୍ଚ୍ଚ ଫାର୍ମ ହିଣ୍ଡନବର୍ଗ ଯେବେଠୁ ଭାରତର ଶିଳ୍ପପତି ଗୌତମ ଆଦାନୀ ଓ ତାଙ୍କ ବ୍ୟବସାୟ ସାମ୍ରାଜ୍ୟ ଉପରେ ଦୁର୍ନୀତି ଅଭିଯୋଗ ଆଣିଛି ସେବେଠୁ ମୋଦୀ ସରକାରଙ୍କୁ ଘେରିବା ଆରମ୍ଭ କରିଛି ବିରୋଧୀ । ଦେଶର ବିଭିନ୍ନ ସ୍ଥାନରେ ଏନେଇ ପ୍ରତିବାଦ, ଧାରଣା ଦେଇ ପ୍ରଧାନମନ୍ତ୍ରୀଙ୍କଠୁ ଜବାବ ଦାବି କରୁଛନ୍ତି ବିରୋଧୀ ।

## ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗ ପରେ ବଦଳିଲା ମାଟ୍ରିକ ପରୀକ୍ଷା ନିୟମ



ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଚାଲିଥିବା ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ନେଇ ବହୁ ଅଭିଯୋଗ ପରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଆଯାଇଛି ପ୍ରତିକାରମୂଳକ ପଦକ୍ଷେପ । ମାଟ୍ରିକ ବାକି ୩ଟି ପରୀକ୍ଷା ପାଇଁ ନିୟମରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବା ସମୟ ବଦଳିଛି । ନିୟମ ମୁତାବକ ନୋଡାଲ ସେଣ୍ଟରରୁ ସାଢ଼େ ୬ଟା ପୂର୍ବରୁ ନିଆଯାଇ ପାରିବନି ପ୍ୟାକେଟ । ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ୬ଟା ୪୫ରୁ ସାଢ଼େ ୭ରେ ପହଞ୍ଚିବ । ୬ଟା ୪୫ ପୂର୍ବରୁ ପ୍ୟାକେଟ ନପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛି ବୋର୍ଡ । ଯଦି କେହି ଏହାର ଖିଲାପ କରନ୍ତି ତେବେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ବୋର୍ଡ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଚେତାଇ ଦିଆଯାଇଛି ।

## ବିଜେଡିର ବିରୋଧ ଯୋଗୁଁ ଭର୍ତ୍ତୃହରି ସଂସଦରେ ଉପବାଚସ୍ପତି ହୋଇପାରିଲେନି : ଜୟନାରାୟଣ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ବିଜେଡି ସାଂସଦ ଭର୍ତ୍ତୃହରି ମହତାବଙ୍କୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଶଂସା ପ୍ରସଙ୍ଗରେ ବିଜେଡିକୁ ଟେର୍ଚ୍ଛା ବାଣ ମାରିଛନ୍ତି ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର । ଗଣମାଧ୍ୟମକୁ ସେ କହିଛନ୍ତି ଯେ ଭର୍ତ୍ତୃହରି ଜଣେ ଦକ୍ଷ ନେତା, ଲୋକସଭାରେ ତାଙ୍କର ପରଫରମାନ୍ସ ଭଲ । ପ୍ରଧାନମନ୍ତ୍ରୀ ତାଙ୍କୁ ସଂସଦରେ ଉପବାଚସ୍ପତି କରିବାକୁ ଚାହୁଁଥିଲେ । ତାଙ୍କ ଦଳରୁ ତାଙ୍କୁ ବିରୋଧ କରାଗଲା, ସେ ପଦ ପାଇଲେ ନାହିଁ ବୋଲି କହିଛନ୍ତି ଜୟନାରାୟଣ । ସେହିପରି କଟକ ବାରବାଟୀ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ କହିଛନ୍ତି ମୁଁ କଟକର ବିଧାୟକ ଭାବେ କହିବି ଭର୍ତ୍ତୃହରି ଜଣେ ଜ୍ଞାନୀ ଲୋକ । ସେ ୬ ଥର କଟକରୁ ନିର୍ବାଚିତ ହୋଇଛନ୍ତି । ଦିଲ୍ଲୀରେ ଉଚ୍ଚ ପଦରେ କାମ କରୁଛନ୍ତି । ଆମର ଅଭ୍ୟାସ ଯିଏ ଉପରକୁ ଉଠିବାକୁ ଚେଷ୍ଟା କରେ, ତାକୁ ତଳକୁ ଟାଣିବା ।ଏହା ରାଜନୀତି ଓ ସାମାଜିକ କ୍ଷେତ୍ରରେ ଶୋଭା ପାଏ ନାହିଁ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି । ଅପରକ୍ଷରେ ▶▶ପୃଷ୍ଠା ୭

# ରଥକାଠ ସଂଗ୍ରହ ସମ୍ପର୍କିତ ବୈଠକ ଅନୁଷ୍ଠିତ

ପୁରୀ, ୧୫/୦୩ (ନି.ପ୍ର): ପୁରୀର ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭାବାବେଗ ରଥଯାତ୍ରା ସହ ଜଡ଼ିତ। ତେଣୁ ରଥଯାତ୍ରାର ମୁଖ୍ୟ ଆଧାର ଶ୍ରୀଜୀଉ ମାନଙ୍କ ରଥ ନିର୍ମାଣ ପାଇଁ ସମସ୍ତେ ସହଯୋଗ କରିବାକୁ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡଃ. ସୁରେଶ ଚନ୍ଦ୍ର ଦଳାଇ ପରାମର୍ଶ ଦେଇଛନ୍ତି । ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ରଥଯାତ୍ରା ପାଇଁ ରଥକାଠ ଯୋଗାଣ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଆୟୁକ୍ତ ଡଃ. ଦଳାଇ ରଥ ନିର୍ମାଣ ପାଇଁ ମୋଟ୍ ୮୬୫ ଖଣ୍ଡ ବିଭିନ୍ନ ପ୍ରକାରର କାଠର ଆବଶ୍ୟକତା ଥିବା ବେଳେ ପୂର୍ବ ବର୍ଷର ୧୧୮ ଖଣ୍ଡ ବଳକା ଥିବାରୁ ଅବଶିଷ୍ଟ ୭୪୭ ଖଣ୍ଡ କାଠର ଆବଶ୍ୟକତା ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି ବୋଲି ସୂଚନା ଦେଇଥିଲେ । ଏହି କାଠ ନୟାଗଡ, ବୌଦ୍ଧ, ଖୋର୍ଦ୍ଧା, ଘୁମୁସର, ରେଢାଖୋଲ ଇତ୍ୟାଦି ବନଖଣ୍ଡରୁ ଯୋଗାଣ ପାଇଁ ସମ୍ପୃକ୍ତ ଡିଏଫଓ ମାନେ ସୂଚନା ଦେଇଛନ୍ତି । ଅପରପକ୍ଷରେ ରଥ କାଠର ଆବଶ୍ୟକତାକୁ ମେଂଟାଇବା ପାଇଁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର ବ୍ୟବସ୍ଥା ସହ ନିୟମିତ ଅନୁଧାନ କରାଯାଉଛି । ପ୍ରତ୍ୟେକ ଡିଏଫଓ ମାନେ ସେମାନଙ୍କ ଅଂଚଳକୁ ଅନୁଧାନ କରି ରଥକାଠ ସମ୍ପର୍କରେ ଏକ ଡାଟାବେଶ ପ୍ରସ୍ତୁତ କରିବାକୁ ଆୟୁକ୍ତ ପରାମର୍ଶ ଦେଇଥିଲେ । ଯେଉଁ ବ୍ୟକ୍ତି ବିଶେଷ ରଥ ନିର୍ମାଣ ପାଇଁ କାଠ ସ୍ୱଇଚ୍ଛାରେ ଦେଉଛନ୍ତି ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଡ଼ଃ. ଦଳାଇ ମତ ଦେଇଥିଲେ । ଏହି ବୈଠକରେ ଆରସିସିଏଫ ସଞ୍ଜିତ କୁମାର, ଜିଲ୍ଲାପାଳ ସମର୍ଥ ବର୍ମା, ପୁରୀ ଡିଏଫଓ ଡି ରାମସିଂ, ଖୋର୍ଦ୍ଧା ଡିଏଫଓ ପୂର୍ଣ୍ଣମା ପାଣ୍ଡିଆନ, ନୟାଗଡ଼ ଡିଏଫଓ କ୍ଷମା ଷଡ଼ଙ୍ଗୀ, ଭୁବନେଶ୍ୱର ଉତର ଡିଏଫଓ ସୁଦର୍ଶନ ବେହେରା, ଭୁବନେଶ୍ୱର ଦକ୍ଷିଣ ଡିଏଫଓ ଦିଲ୍ଲୀପ କୁମାର ରାଉତ, ବୌଦ୍ଧ ଡିଏଫଓ ଦେବପ୍ରିୟ କାମ୍ପା, ଶ୍ରୀମନ୍ଦିର ପ୍ରଶାସକ ଉନ୍ନୟନ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ସୁଦର୍ଶନ ମେକାପ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜିଓ ପକ୍ଷରୁ ନୂଆ ପୋଷ୍ଟପେଡ୍ ଫାମିଲି ପ୍ଲାନ୍ "ଜିଓ ପ୍ଲସ୍'ର ଶୁଭାରମ୍ଭ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଏକ ମାସ ମାଗଣା ଟ୍ରାଏଲ୍ ସୁବିଧା ସହ ରିଲାଏନ୍ସ ଜିଓ ପକ୍ଷରୁ ନୂଆ ଫାମିଲି ପ୍ଲାନ୍ "ଜିଓ ପ୍ଲସ୍'ର ଶୁଭାରମ୍ଭ କରାଯାଇଛି । ଜିଓ ପ୍ଲସ୍ ପ୍ଲାନ୍‌ର ନୂତନ ସଂଯୋଗ ନେବା ଲାଗି ଗ୍ରାହକଙ୍କୁ ୩୯୯ ଟଙ୍କା ଦେବାକୁ ହେବ । ସେହି ପ୍ଲାନ୍‌ରେ ତିନିଟି ଅତିରିକ୍ତ କନେକ୍ସନ ଯୋଡ଼ାଯାଇପାରିବ । ପ୍ରତି ଅତିରିକ୍ତ କନେକ୍ସନ ପାଇଁ ୯୯ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ । ଜିଓ ପ୍ଲସ୍ ପ୍ଲାନ୍‌ରେ ଗୋଟିଏ ପରିବାରର ୪ଟି କନେକ୍ସନ ପାଇଁ ପ୍ରତି ମାସରେ ୬୯୬ ଟଙ୍କା (୩୯୯+୯୯+୯୯+୯୯) ଦେବାକୁ ହେବ। ଏହି ପ୍ଲାନ୍ ସହିତ ମାସିକ ୭୫ ଜିବି ଡାଟା ମିଳିବ, ଯାହା ବିନା କୌଣସି ଦୈନିକ ଲିମିଟ୍‌ରେ ଆଦାନପ୍ରଦାନ କରାଯାଇପାରିବ । ଚାରିଟି କନେକ୍ସନ ବିଶିଷ୍ଟ ଫାମିଲି ପ୍ଲାନ୍‌ରେ ପ୍ରତି ମାସରେ ସିମ୍ ପିଛା ହାରାହାରି ଖର୍ଚ୍ଚ ୧୭୪ ଟଙ୍କା ରହିବ। ଯେଉଁ ଗ୍ରାହକମାନେ ଅଧିକ ଡାଟା ବ୍ୟବହାର କରୁଛନ୍ତି ସେମାନେ ପ୍ରତି ମାସରେ ୧୦୦ ଜିବି ଡାଟା ପ୍ଲାନ୍ ମଧ୍ୟ ନେଇପାରିବେ । ଏହି ପ୍ଲାନ୍‌ରେ ପ୍ରଥମ କନେକ୍ସନ ଲାଗି ୬୯୯ ଟଙ୍କା ଦେବାକୁ ପଡ଼ିବ ଏବଂ ଅନ୍ୟ ଅତିରିକ୍ତ କନେକ୍ସନ ପାଇଁ ୯୯ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ । ମୋଟ ୩ଟି ଅତିରିକ୍ତ କନେକ୍ସନ ନିଆଯାଇପାରିବ । ଏହି ଅବସରରେ ଜିଓ ପକ୍ଷରୁ କିଛି ବ୍ୟକ୍ତିଗତ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି । ଏଥି ମଧ୍ୟରେ ରହିଛି ୨୯୯ ଟଙ୍କିଆ ୩୦ ଜିବି ପ୍ଲାନ୍ ଏବଂ ଅସୀମିତ ଡାଟା ପ୍ଲାନ୍ ଯେଉଁଥିପାଇଁ ଗ୍ରାହକଙ୍କୁ ମାସିକ ୫୯୯ ଟଙ୍କା ଦେବାକୁ ପଡ଼ିବ । ଫାମିଲି ପ୍ଲାନ୍ "ଜିଓ ପ୍ଲସ୍' ସହିତ କଂପାନି ପକ୍ଷରୁ ଜିଓ ଟ୍ରୁ ୫ଜି ୱେଲ୍ ?କମ୍ ଅଫରରେ ଅସୀମିତ ୫ଜି ଡାଟା ପ୍ରଦାନ କରାଯାଉଛି ଯାହାକୁ ସାରା ପରିବାର ବ୍ୟବହାର କରିପାରିବେ । ଏଥିରେ ଡାଟାର କୌଣସି ଦୈନିକ ସୀମା ନିର୍ଧାରଣ କରାଯାଇନାହିଁ । ଏହାର ଅର୍ଥ ହେଉଛି ଯେତେ ଚାହିଁବେ ସେତେ ଡାଟା ବ୍ୟବହାର କରିପାରିବେ । ଏକକ ବିଲିଂ, ଡାଟା ସେୟାରିଂ ଏବଂ ନେଟ୍‌ଫ୍ଲିକ୍ସ, ଆମାଜନ, ଜିଓ ଟିଭି ଓ ଜିଓ ସିନେମା ଭଳି ମନୋରଞ୍ଜନକାରୀ ପ୍ରିମିୟମ୍ କଂଟେଟ୍ ଆପ୍ ବି ମିଳିବ । ଜିଓ ଫାଇବର ବ୍ୟବହାରକାରୀ, କର୍ପୋରେଟ୍ କର୍ମଚାରୀ, ଅନ୍ୟ ଟେଲିକମ୍ ଅପରେଟରଙ୍କ ପୋଷ୍ଟପେଡ୍ ଗ୍ରାହକଙ୍କ ସମେତ ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ଏସ୍‌ବିଆଇର କ୍ରେଡିଟ୍ କାର୍ଡ ଗ୍ରାହକମାନଙ୍କୁ କୌଣସି ସିକ୍ୟୁରିଟି ଡିପୋଜିଟ୍ ଦେବାକୁ ପଡ଼ିବ ନାହିଁ । ଏହି ଅବସରରେ ରିଲାଏନ୍ସ ଜିଓର ଅଧକ୍ଷ ଆକାଶ ଅମ୍ବାନି କହିଛନ୍ତି ଯେ, "ଜିଓ ପ୍ଲସ୍ ଶୁଭାରମ୍ଭ କରିବାର ଉଦ୍ଦେଶ୍ୟ ହେଉଛି ପୋଷ୍ଟପେଡ୍ ବ୍ୟବହାରକାରୀମାନଙ୍କୁ ନୂଆ ଲାଭ ଓ ଅନୁଭବ ପ୍ରଦାନ କରିବା । ଜିଓ ଦେଶର ୩୩୧ ସହରରେ ଜିଓ ଟ୍ରୁ ୫ଜିର ଶୁଭାରମ୍ଭ କରି ନିଜ ନେଟ୍‌ୱର୍କକୁ ଆହୁରି ସୁଦୃଢ଼ କରିପାରିଛି । ନିୟୁତାଧିକ ସନ୍ତୁଷ୍ଟ ପୋଷ୍ଟପେଡ୍ ଗ୍ରାହକଙ୍କ ସମେତ ୪୩ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇଆସୁଥିବା ଜିଓ ପାଇଁ ଏବେ ନିୟୁତାଧିକ ନୂଆ ପୋଷ୍ଟପେଡ୍ ଗ୍ରାହକଙ୍କୁ ସ୍ୱାଗତ କରିବାର ଉପଯୁକ୍ତ ସମୟ । ଅନ୍ୟ ସେବା ବ୍ୟବହାର କରୁଥିବା ବହୁ ପୋଷ୍ଟପେଡ୍ ବ୍ୟବହାରକାରୀ ସେବା ପ୍ରଦାନକାରୀ ବଦଳାଇବା ଲାଗି ସୁବିଧା ବାଟ ଖୋଜୁଛନ୍ତି । ଜିଓ ପ୍ଲସ୍ ପ୍ଲାନ୍‌ର ମାଗଣା ଟ୍ରାଏଲ୍‌ରେ ସେମାନଙ୍କୁ ନିଜ ସମସ୍ୟାର ସମାଧାନ ମିଳିଯିବ। ଜିଓ ପ୍ଲସ୍‌ରେ ଉତମ ଗୁଣବତା ସାଙ୍ଗକୁ ରହିଛି ଟ୍ରୁ ୫ଜି ପରିଚାଳିତ ଅସୀମିତ ସଂଯୋଗ, ପ୍ରିମିୟମ୍ ଏଂଟରଟେନ୍‌ମେଂଟ୍, ଲାଭ ଆଦାନପ୍ରଦାନ କରାଯାଇପାରୁଥିବା ଫାମିଲି ପ୍ଲାନ୍, ସୁଲଭ ଆନ୍ତର୍ଜାତିକ ରୋମିଂ ସୁବିଧା, ଅତ୍ୟାଧୁନିକ ଫିଚର ଏବଂ ସବୁଠାରୁ ଭଲ ଗ୍ରାହକ ଅନୁଭୂତି । ଆମେ ଏକ ସର୍ବୋତ୍କୃଷ୍ଟ ଗ୍ରାହକ ଅନୁଭୂତି ପ୍ରସ୍ତୁତ କରିବା ପ୍ରଚେଷ୍ଟା କରିଛୁ ଏବଂ ଆଶା କରୁଛୁ ଭାରତର ପ୍ରତ୍ୟେକ ପୋଷ୍ଟପେଡ୍ ଗ୍ରାହକ ଏହାର ଲାଭ ନେବେ ।'' ଜିଓ ପ୍ଲସ୍ ନୂଆ ପୋଷ୍ଟପେଡ୍ ଫାମିଲି ପ୍ଲାନ୍‌ଗୁଡ଼ିକ ୨୨ ମାର୍ଚ୍ଚ ୨୦୨୩ଠାରୁ ସମସ୍ତ ଜିଓ ଷ୍ଟୋର୍ ଏବଂ ହୋମ୍ ଡେଲିଭରି ବିକଳ୍ପରେ ଉପଲବ୍ଧ ହେବ । ଜିଓ ପକ୍ଷରୁ କୁହାଯାଇଛି ଯେ ଯଦି ମାଗଣା ଟ୍ରାଏଲ୍ ସେବା ଲାଭ କରିବା ପରେ କୌଣସି ଗ୍ରାହକ ସେବା ଓ ସୁବିଧାଗୁଡ଼ିକରେ ସନ୍ତୁଷ୍ଟ ନହୁଅନ୍ତି ତେବେ ସେ ନିଜ କନେକ୍ସନକୁ ବାତିଲ କରିପାରିବେ ଏବଂ ତାଙ୍କୁ ସେଥିପାଇଁ କୌଣସି ପ୍ରଶ୍ନ କରାଯିବ ନାହିଁ ।

# ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

କନ୍ଧମାଳ, ୧୪/୦୩ (ନି.ପ୍ର): ମହାସଂଘର ଆବାହକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଭାନେତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କ ନେତୃତ୍ୱରେଏବଂ ସାଧାରଣ ସମ୍ପାଦକ ଜିତେନ୍ଦ୍ର ମାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ କନ୍ଧମାଳ ଶାଖା ତରଫରୁ କନ୍ଧମାଳ ଜିଲ୍ଲାର କୋଣ ଅନୁକୋଣରେ ସରକାରୀ ଦପ୍ତରର ବିଭିନ୍ନ ବିଭାଗରେ ଆଉଟସୋର୍ସିଙ୍ଗ ଜରିଆରେ କାର୍ଯ୍ୟରତ ଥିବା ବିଭିନ୍ନ ବର୍ଗର କର୍ମଚାରୀମାନେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି ଫୁଲବାଣୀସ୍ଥିତ ମାଦିକୁନ୍ଦା ଛକ ଠାରେ ଏକତ୍ରିତ ହୋଇ ଏକ ପ୍ରତିବାଦ ସଭାରେ ଯୋଗଦେବା ସହ ଶୋଭାଯାତ୍ରାରେ ମାଦିକୁନ୍ଦା ଛକଠାରୁ ବାହାରି କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳଙ୍କୁ ସାକ୍ଷାତକରି ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି ଏବଂ ପରେ ପରେ ନେତୃମଣ୍ଡଳୀ ସମସ୍ତେ ମିଶି ଆଲୋଚନା କରି ରାଜ୍ୟ ନେତୃବୃନ୍ଦ ପଠାଇଥିବା ବାର୍ତାକୁ ଗ୍ରହଣ କରିଥିଲେ । ଆଜି ଠାରୁ ୧୮ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପରିଧାନ କରି ନିଜ ନିଜ ବିଭାଗରେ ସୁଚାରୁ ରୂପେ କାର୍ଯ୍ୟ କରିବା ପାଇଁ ସ୍ଥିରୀକୃତ କରାଯାଇଛି । ଏଥି ସହିତ ରାଜ୍ୟ ନେତୃମଣ୍ଡଳିଙ୍କ ଆହ୍ୱାନ କ୍ରମେ ୧୯/୦୩/ ୨୦୨୩ ରିଖରେ ଭୁବନେଶ୍ୱର ଠାରେ ଏକ ସେମିନାର କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ତରଫରୁ ପାଖାପାଖି ୩୦୦ ରୁ ୪୦୦ ସଂଖ୍ୟାରେ ଆଉଟସୋର୍ସ କର୍ମଚାରୀ ଯୋଗଦେବେ ବୋଲି ସଂଘ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହାସତ୍ୱେ ଯଦି ରାଜ୍ୟ ସରକାର ଦାବିକୁ କୌଣସି ପ୍ରକାର କର୍ଣ୍ଣପାତ ନକରନ୍ତି ଏବଂ ଦାବି ପୁରଣ ପାଇଁ କିଛି ଯୁକ୍ତିଯୁକ୍ତ ପଦକ୍ଷେପ ନନିଅନ୍ତି ତେବେ ପୁଣି ରାଜ୍ୟ ନେତୃବୃନ୍ଦଙ୍କ ଆହ୍ୱାନକ୍ରମେ ଅଫିସ କାର୍ଯ୍ୟ ଦିବସରେ ଛୁଟି ଦରଖାସ୍ତ ଦେବା ସହିତ ଅଫିସ ଛାଡ ଏବଂ ସରକାରୀ କାମ ବନ୍ଦ ଡାକରାର ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି । ଏଥି ନିମନ୍ତେ ପୁନଃ ଛୁଟି ଅନୁମୋଦନ ପାଇଁ ସମସ୍ତେ ନିଜ ନିଜର ଅଫିସକୁ ଛୁଟି ଦରଖାସ୍ତ ଦେବା ସହ ତା- ୨୫/୦୩/ ୨୦୨୩ ରିଖରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା, ବିକ୍ଷୋଭ ଏବଂ 'ମୁଖ୍ୟ ମନ୍ତ୍ରୀଙ୍କୁ ଭେଟିବା ଚାଲ' କାର୍ଯ୍ୟକ୍ରମରେ ଜିଲ୍ଲାର ସବୁ ସରକାରୀ ଦପ୍ତରରୁ କାମ ବନ୍ଦ କରି ଅନିର୍ଦ୍ଧିଷ୍ଟ କାଳ ପାଇଁ କାର୍ଯ୍ୟକ୍ରମରେ ଯୋଗ ଦେବୁ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

ଆଜିକାର ଏହି ପ୍ରତିବାଦ ସଭାରେ ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସହିତ ଜିଲ୍ଲା ସଂଘର ସଭାନେତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡା ମତ ସାବ୍ୟସ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରଜ କିଶୋର ପଟ୍ଟନାୟକ, ଉପଦେଷ୍ଟା, ମାନସ ରଞ୍ଜନ ଆଚାରୀ, ନୀଳମାଧବ ସାହୁ, ସରୋଜ କୁମାର ନାୟକ, ଉପସଭାପତି ସତ୍ୟ ନାରାୟଣ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଜଳୁଛି ଜଙ୍ଗଲ, ନଷ୍ଟ ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟ

ହରିଚନ୍ଦନପୁର, ୧୪/୦୩ (ନି.ପ୍ର): ସକାଳୁ ସନ୍ଧ୍ୟା ଯାଏଁ ଜଙ୍ଗଲରେ ନିଆଁ କୁହୁଳୁଥିବା ବେଳେ ରାତିରେ ହୁହୁ ହୋଇ ଜଳି ଚାଲିଛି ଜଙ୍ଗଲ । ଫଳରେ ଶହଶହ ଛୋଟବଡ଼ ଗଛ ଜଳି ନିଆଁର ଆଲୋକ ମାଳାରେ ଦୂରରୁ ମନ୍ଦିର ପରି ଦୃଶ୍ୟମାନ ହୋଇ ନଷ୍ଟ ହେଉଛି । ଗତ ସୋମବାର ଠାରୁ ନିଆଁ ଲାଗି ଗୋଟିଏ ପାହାଡରୁ ଅନ୍ୟ ପାହାଡକୁ ନିଆଁ ଡିଆଁ ମାରି ଗଛ ଗୁଡିକୁ ପୋଡି ନଷ୍ଟ କରୁଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ନିଷ୍କ୍ରିୟତା ସହ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଚର୍ଚ୍ଚା ହେଉଛି । ଅନ୍ୟପଟେ ଦିନକୁ ଦିନ ଜଙ୍ଗଲ ପୋଡ଼ି ବୃଦ୍ଧି ପାଉଥିବା ବେଳେ ହରିଚନ୍ଦନପୁର ଅଞ୍ଚଳର ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି । ଏମିତି ଏକ ଘଟଣା କେନ୍ଦୁଝର ଜିଲା ଘଟଗାଁ, ଦେଓଗାଁ, ଦୈତାରୀ ଓ କେନ୍ଦୁଝର ସଦର ରେଞ୍ଜର ଦେଓବନ୍ଧ, ଭଗାମୁଣ୍ଡା, ବ୍ରାହ୍ମଣୀପାଳ, ହରିଚନ୍ଦନପୁର, ଜଙ୍ଘିରା, ଫରେଷ୍ଟ ବିଟ୍ ଅଧିନରେ ଥିବା ଜଙ୍ଗଲ । ପ୍ରତ୍ୟେକ ଦିନ କେହି ଦୁର୍ବୃତ୍ତ ନିଆଁ ଲଗାଉଥିବା ବେଳେ ଏହି ନିଆଁ ବ୍ୟାପି ଶାଳ, ମହୁଲ, ଅଶନ, ଶିଶୁ ସମେତ ବହୁ ମୁଲ୍ୟବାନ ଗଛ ଗୁଡିକ ପୋଡି ନଷ୍ଟ ହୋଇଯାଇଛି । ଏତଦ୍ ବ୍ୟତିତ ଜଙ୍ଗଲରେ ରହିଥିବା ଗୋଟିଖଡିକା, ଅଁଳା, ହରିଡା, ଜାମୁ, ପାତାଳ ଗରୁଡ ଆଦି ମୂଳ ଯାତୀୟ ଗଛ ଓ ଲତା ଯାତୀୟ ବୃକ୍ଷ ଗୁଡିକରୁ ମିଳୁଥିବା ପତ୍ର, ଫୁଲ, ଫଳ, ଚେର, ମଞ୍ଜିରୁ ବିଭିନ୍ନ ପ୍ରକାର ରୋଗ ପାଇଁ ପ୍ରସ୍ତୁତ ହେଉଥିବା ଔଷଧୀୟ ଗଛ ଗୁଡିକ ମଧ୍ୟ ନିଆଁରେ ପୋଡି ହଜିବାକୁ ବସିଲାଣି । ଅନ୍ୟପଟେ ବନ୍ୟଜନ୍ତୁଙ୍କ ବାସସ୍ଥାନ ହରାଉଥିବା ବେଳେ ଖାଦ୍ୟ ଅଭାବରୁ ଗାଁ ମୁହାଁ ହେଉଛନ୍ତି । ହାତୀ ଘରଭାଙ୍ଗି ଧାନ ଖାଉଥିବା ବେଳେ ଅନ୍ୟ ଛୋଟ ବନ୍ୟଜନ୍ତୁ ଖାଦ୍ୟ ପାଇଁ ଗାଁ ମୁହାଁ ହେବାକୁ ଯାଇ ରାସ୍ତା ପାର ହେଉଥିବା ସମୟରେ ଗାଡି ଧକ୍କାରେ ମୃତ୍ୟୁବରଣ କରୁଛନ୍ତି । ଫରେଷ୍ଟ ବିଟ୍ ଅଧିନରେ ଆସୁଥିବା ବିଭିନ୍ନ ବନ୍ଧ ଗୁଡ଼ିକରେ ପକ୍ଷୀ ମାନେ ଶୋଷ ମେଣ୍ଟାଇବାକୁ ଆସିଥାନ୍ତି କିନ୍ତୁ ପାହାଡରେ ନିଆଁ ଲାଗିଥିବା ଦିନଠାରୁ ପକ୍ଷୀମାନଙ୍କ ଶବ୍ଦ ଶୁଭୁ ନଥିବା ଆଶ୍ଚର୍ଯ୍ୟକର ବିଷୟ ବୋଲି ନିକଟସ୍ଥ ସାହିବାସୀ କହନ୍ତି । ୨୫ ବର୍ଷ ପୂର୍ବରୁ ବନବିଭାଗ କର୍ମଚାରୀମାନେ ସ୍ୱଳ୍ପ ଦରମାରେ ଜଙ୍ଗଲ ସାରା ଘୁରିବୁଲି ନିଆଁ ଲଗାଳିମାନଙ୍କ ଉପରେ ରୋକ୍ ଲଗାଉଥିବା ବେଳେ । ବର୍ତମାନ ବନ କର୍ମଚାରୀ ମୋଟା ଅଙ୍କର ଦରମା ପାଉଥିଲେ ମଧ୍ୟ ନିଆଁ ଲଗାଳି ଉପରେ ରୋକ୍ ଲଗାଇ ନପାରିବା ଓ ନିଆଁ ଲିଭାଇବାରେ ଅକ୍ଷମ ହେବା ଏକ ଦୁଃଖର ବିଷୟ ବୋଲି କୁହାଯାଉଛି । ଜଙ୍ଗଲ ବିଭାଗ କର୍ମୀମାନେ କେବଳ ରାସ୍ତାକଡ଼ର ପତ୍ର ହଟାଇବାରେ ସୀମିତ ରହିଥିବା ଚର୍ଚ୍ଚା ହେଉଛି । ଏଣୁ ଜିଲ୍ଲା ଜଙ୍ଗଲ ଅଧିକାରୀ ଦୃଷ୍ଟି ଦେଇ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ସହ ଦୁର୍ବୃତମାନଙ୍କ ଉପରେ ରୋକ୍ ଲଗାଇବାକୁ ହରିଚନ୍ଦନପୁର ଅଞ୍ଚଳର ପ୍ରକୃତି ପ୍ରେମୀ ଓ ପରିବେଶବିତମାନେ ନିବେଦନ କରିଛନ୍ତି ।

# ହାତୀଙ୍କ ଉପରେ ନଜର ରଖୁଛି ଥର୍ମାଲ ଡ୍ରୋନ

କେନ୍ଦୁଝର, ୧୪/୦୩ (ନି.ପ୍ର): ରାଜ୍ୟରେ ପ୍ରଥମ ଥର ପାଇଁ ହାତୀଙ୍କ ଉପରେ ନଜର ରଖୁଛି ଥର୍ମାଲ ଡ୍ରୋନ। ରାତି ସମୟରେ ହାତୀଙ୍କ ଗତିବିଧି ଜାଣିବା ପାଇଁ ଏହି ଥର୍ମାଲ ଡ୍ରୋନ ବ୍ୟବହାର କରାଯାଉଛି । ଏହି ଡ୍ରୋନ ବ୍ୟବହାର ଦ୍ୱାରା ରାତିର ଅନ୍ଧକାରରେ ଘଂଚ ଜଙ୍ଗଲରେ ହାତୀଙ୍କ ପ୍ରକୃତ ଗତିବିଧି ଜାଣି ହେଉଛି ।

ହାତୀ - ମଣିଷ ଲଢ଼େଇରେ କେତେବେଳେ ମଣିଷ ଜୀବନ ଯାଉଛି ତ କେତେବେଳେ ଆଖି ବୁଜୁଛି ହାତୀ। କେତେବେଳେ ଶିକାରୀ ହାତରେ ହାତୀର ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି କିମ୍ବା ଟ୍ରେନ୍ ଧକ୍କାରେ ହାତୀର ମୃତ୍ୟୁ ଘଟୁଛି । ପାଦେ ପାଦେ ହାତୀର ଜୀବନ ପ୍ରତି ବିପଦ ଥିବାରୁ ତାକୁ ଏହି ବିପଦରୁ ଉଦ୍ଧାର କରିବାରୁ ଅଂଟା ଭିଡ଼ିଛି ବନ ବିଭାଗ । ଏପରି ଦୁର୍ଘଟଣା ପ୍ରାୟତଃ ରାତିରେ ଘଟୁଥିବାରୁ, ହାତୀର ପ୍ରକୃତ ଲୋକେସନ ଚିହ୍ନଟ କରିବାକୁ ତଥା ରିୟଲ ଟାଇମ୍ ଜାଣିବାକୁ କେନ୍ଦୁଝର ବନଖଣ୍ଡରେ ଆରମ୍ଭ ହୋଇଛି ନୂଆ ପ୍ରୟାସ । ରାତିର ଅନ୍ଧକାରରେ ହାତୀ ଉପରେ କଡ଼ା ନଜର ରଖିବାକୁ ବ୍ୟବହାର ହେଉଛି ଏହି ଥର୍ମାଲ ଡ୍ରୋନ ।

କେନ୍ଦୁଝର ବନଖଣ୍ଡରେ ଥିବା ୭ଟି ରେଞ୍ଜ ଏବେ ହାତୀ ପ୍ରବଣ । ଏହି ସବୁ ରେଞ୍ଜରେ ହାତୀ- ମଣିଷ ସଂଘର୍ଷ ରୋକିବାକୁ ତଥା ହାତୀଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିବାକୁ ଆରମ୍ଭ ହୋଇଛି ଥର୍ମାଲ ଡ୍ରୋନ ବ୍ୟବସ୍ଥା। ଏହାକୁ ପ୍ରଥମେ ଚମ୍ପୁଆ ରେଞ୍ଜରେ ବ୍ୟବହାର କରାଯାଇଛି । ଏଥି ସହ ପାଟଣା ଓ ଘଟଗାଁ ରେଞ୍ଜ ରେ ମଧ୍ୟ ରାତିରେ ହାତୀର ଗତିବିଧିକୁ ନେଇ ସଫଳ ପରୀକ୍ଷା କରାଯାଇଛି । ଏହି ଡ୍ରୋନ ବ୍ୟବହାର ଦ୍ୱାରା ହାତୀଙ୍କ ପ୍ରକୃତ ଗତିବିଧି ଜାଣି ହେଉଛି । ରାତିର ଅନ୍ଧକାରରେ ଘଂଚ ଜଙ୍ଗଲରେ ହାତୀଙ୍କ ଗତିବିଧି, ସେମାନେ କେଉଁଆଡ଼ ମୁହାଁଉଛନ୍ତି ଆଦି ସବୁ ତଥ୍ୟ ଟିକିନିଖି ମିଳିପାରୁଛି । କେବଳ ସେତିକି ନୁହେଁ, ରୋଗିଣା ହାତୀଙ୍କୁ ଉଦ୍ଧାର କରିବା, ଦୁର୍ଗମ ଜଙ୍ଗଲରେ ହାତୀଙ୍କୁ ଖୋଜିବା ପାଇଁ ମଧ୍ୟ ଏହାର ବ୍ୟବହାର କରିହେବ । ଗୋଟିଏ ଦଳରେ କେତୋଟି ହାତୀ ଅଛନ୍ତି, ସେଥିରେ କେତୋଟି ଛୁଆ ହାତୀ ଅଛନ୍ତି, ସବୁ ଟିକିନିଖି ଖବର ଦେବ ଥର୍ମାଲ ଡ୍ରୋନ । ଏହା ବ୍ୟତୀତ ନିର୍ଦ୍ଦିଷ୍ଟ ସ୍ଥାନରେ ହାତୀ ସ୍କ୍ୱାର୍ଡ ମୁତୟନ ସହ ହାତୀ ଦାନ୍ତ ତସ୍କର ଓ ଜଙ୍ଗଲ ମାଫିଆଙ୍କ ଉପରେ ନଜର ରଖିବା, ଉଚିତ ଦିଗରେ ହାତୀଙ୍କୁ ଘଉଡ଼ାଇବା ପାଇଁ ମଧ୍ୟ ଏହାର ବ୍ୟବହାର କରିହେବ । ଯାହାକି, ମନୁଷ୍ୟ- ହାତୀ ସଂଘର୍ଷ କମାଇବା ପାଇଁ ଫଳପ୍ରଦ ହେବ ବୋଲି ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି । କିଛି ଦିନ ହେଲା ବନ ବିଭାଗ ପକ୍ଷରୁ ହାତୀଙ୍କ ସ୍ଥିତାବସ୍ଥା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ପାଇଁ ସେମାନଙ୍କ ମୋବାଇଲ ଫୋନ୍ କୁ ମେସେଜ୍ ଯିବା ସହ ଏହାର ସୁବିଧା ନଥିବା ଅଂଚଳରେ ମାଇକ୍ ଯୋଗେ ପ୍ରଚାର କରି ହାତୀଙ୍କ ଗତିବିଧି ସମ୍ପର୍କରେ ଅଂଚଳବାସୀଙ୍କୁ ସୂଚନା ଦିଆଯାଉଛି ।

## ଟ୍ରାନ୍ସପୋର୍ଟ ଅଫିସରୁ ବିଷାକ୍ତ ସାପ ଉଦ୍ଧାର

କୋରାଇ, ୧୪/୦୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ମା ଦୁର୍ଗା ରୋଡ କେରିୟର କାର୍ଯ୍ୟାଳୟ ମଧ୍ୟରୁ ବିଷାକ୍ତ ସାପ ଉଦ୍ଧାର କରାଯାଇଛି । ପ୍ରକାଶ ଯେ ସୋମବାର ରାତ୍ରୀରେ ଏକ ବିଷାକ୍ତ ୫ଫୁଟର ସାପ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ମଧ୍ୟରେ ପଶି ଯାଇଥିଲା । ମାଲିକ ଓ ସେଠାରେ ଥିବା କର୍ମଚାରୀ, ଚାଳକ ମାନେ ଭୟରେ ବାହାରକୁ ପଳାଇ ଆସିଥିଲେ । ଖବର ପାଇ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ । ଏନେଇ ପାଣିକୋଇଲି ଥାନା ଖବର ପାଇବା ପରେ କନେଷ୍ଟବଳ ମନମୋହନ ବାରିକ ଘଟଣାସ୍ଥଳେ ପହଂଚି ସାପଟିକୁ ଉଦ୍ଧାର କରିଥିଲେ । ପରେ ତାକୁ ଏକ ନିକାଂଚନ ସ୍ଥାନରେ ଛାଡିଥିବା ଶ୍ରୀ ବାରିକ ସୂଚନା ଦେଇଛନ୍ତି ।

# ନୂଆପଡ଼ାରେ ପୁଣି କଲରାପତରିଆ ଆତଙ୍କ: ଆକ୍ରମଣରେ ୪ଟି ଗାଈ ଓ ବାଛୁରୀ ମୃତ, ଲୋକେ ଭୟଭୀତ



ନୂଆପଡ଼ା, ୧୫/୦୩ (ନି.ପ୍ର): ସଦର ବ୍ଲକ ଲୋଡ଼ରା ଗ୍ରାମରେ କଲପତରିଆ ବାଘ ଆତଙ୍କ ଦେଖାଯାଇଛି । କିଛି ଦିନ ହେଲା କଲରାପତରିଆ ପାବରତୋଲା ଓ ତରିଆ ମହୁଆଭଟା ଗ୍ରାମବାସୀଙ୍କ ନିଦ ହଜିଯାଇଛି । ମଙ୍ଗଳବାର ରାତିରେ ତରିଆ ମହୁଆଭଟା ଗ୍ରାମର ଭାଗରଥି ଭୋଇ ଗୁହାଳକୁ କଲରାପତରିଆ ବାଘ ପଶି ବାଛୁରୀକୁ ଆକ୍ରମଣ କରିଛି । କିନ୍ତୁ ଏହି ସମୟରେ ଗାଇମାନଙ୍କର ଶବ୍ଦ ଶୁଣି ମାଲିକ ଉଠି ଗୁହାଳକୁ ଯାଇଥିଲେ । ହେଲେ ତାପୂର୍ବରୁ ବାଘ ପଳାଇ ଯାଇଥିବା ଶ୍ରୀ ଭୋଇ କହିଛନ୍ତି । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇଁ ଆଜି ସକାଳୁ ନୂଆପଡ଼ା ରେଞ୍ଜର ଓ ଆମାନେରା ଫରେଷ୍ଟର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଗ୍ରାମରେ ଆଜିକୁ ୯ ଦିନ ହେବ ବାଘ ଆତଙ୍କ ଦେଖା ଦେଇଛି । ଏହାରି ଭିତରେ ୫ଟି ଗ୍ରାମର ୨ଟି ଗାଈ ଓ ୨ଟି ବାଛୁରୀକୁ ବାଘ ମାରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ବାଘର ଆତଙ୍କରେ ପାରବତୋଲ, ତରିଆ ମହୁଆଭଟା ଗ୍ରାମର ଲୋକେ ଘରୁ ବାହାରକୁ ବାହାରୁନଥିବା ଦେଖିବାକୁ ମିଳିଛି । ଜଣେ ବ୍ୟକ୍ତି ମଧ୍ୟ ବାଘକୁ ଦେଖିଥିବା ଗ୍ରାମବାସୀ କହିଛନ୍ତି । ପ୍ରକାଶ ଯେ ନୂଆପଡ଼ା ରେଞ୍ଜ ଅଧିନସ୍ଥ ପାବରତୋଲା ଗ୍ରାମରରେ ଆଜକୁ ୯ ଦିନ ହେବ କଲରାପତରିଆ ବାଘର ଆତଙ୍କ ଦେଖା ଦେଇଛି । ଚଳିତ ମାସ ୯ ତାରିଖ ଦିନ ମହେଶ ନାଏକଙ୍କ ବଳଦକୁ ବାଘ ନେଇ ମାରିଥିବା ଅଭିଯୋଗ ହୋଇଥିଲା । ବନବିଭାଗ ଖବର ପାଇଁ ଗାଁକୁ ପହଞ୍ଚି ତଦନ୍ତ କରିଥିଲା । ଗତ ୮ ତାରିଖ ଦିନ ତରିଆମହାଭଟା ଗ୍ରାମରୁ ଏକ ଗାଈକୁ ଓ ଆଜି ପୁଣି ପାବରତୋଲ ଗ୍ରାମରୁ ଏକ ବାଛୁରୀକୁ ନେଇ ବାଘ ମାରିଥିଲା । ବର୍ତ୍ତମାନ ଗ୍ରାମରେ ବାଘ ଭୟରେ ଚାଷୀମାନେ ଜମିକୁ ଯାଉନଥିବା ବେଳେ ଲୋକ ପିଲାଛୁଆମାନଙ୍କୁ ବାହାକରୁ ଛାଡୁନଥି ସହ ଗାଁରେ ୬ ଦିନ ହେବ ସଂପୂର୍ଣ୍ଣ ଭାବେ ବାଘ ପାଇଁ ଭୟର ବାତାବରଣ ଦେଖା ଦେଇଛି ।

# ଶ୍ରୀକ୍ଷେତ୍ରରେ ଚୈତ୍ର ମଙ୍ଗଳବାର

ପୁରୀ, ୧୫/୦୩ (ନି.ପ୍ର): ଚୈତ୍ରମାସ ମଙ୍ଗଳବାରରେ ମା ମଙ୍ଗଳାଙ୍କ ପନ୍ଦେଇ ଓଷାର ପ୍ରଥମପାଳି ଆରମ୍ଭ ହୋଇଛି । ପୁରୀରେ ବିଭିନ୍ନ ସାହି ଗଳିକନ୍ଦିରେ ସଧବା ମହିଳାମାନେ ଭୋର ଭୋରରୁ ସ୍ନାନ ଓ ନୂତନବସ୍ତ୍ର ପରିଧାନ କରିବା ସହ ନିଷ୍ଠା ଓ ଭକ୍ତିର ସହ ଘରଦ୍ୱାର ଗୋବର ପାଣିରେ ଲିପି ରାସ୍ତା କଡ଼ରେ ପନ୍ଦେଇ ଖୋଳି ଗୋବର ପାଣିରେ ଲିପିବା ସହ ପନ୍ଦେଇ ମଧ୍ୟରେ ହଳଦି, ଚୁଆ, ଖୀର, ପାଣି ଢାଳି ପନ୍ଦେଇ ଚାରିପଟେ ନଡ଼ିଆ ଆମ୍ବଡ଼ାଳ, ଆମ୍ବକଷି ଗୁଆ ରଖାଯାଇ ଚନ୍ଦନ, ସିନ୍ଦୁର ସହ ବିଭିନ୍ନ ରଙ୍ଗର ମୁରୁଜ ପକାଯାଇଥିଲା । ପରେ କଦଳୀ, ସେଉ, ଅଙ୍ଗୁର, ପିଜୁଳି ଓ ଶାକର, ଫେଣି, ଚଣା ଲିଆ, ଉଖୁଡ଼ା ଆଦି ଭୋଗ ରଖି ମା ମଙ୍ଗଳାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ନିଷ୍ଠା ଓ ଭକ୍ତିର ସହ ପୂଜା ବହି ପାଠ କରି ହୁଳହୁଳି ପକାଇ ମାଙ୍କୁ ସୁମରଣ କରିଛନ୍ତି ମହିଳାମାନ । ଶଙ୍ଖ, ଧୂପ ଦୀପ ଓ ଝୁଣାରେ ମାଙ୍କ ଆସ୍ଥାନ ପାଖରେ ଆଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପ୍ରଥମ ପାଳିରେ ମା ମଙ୍ଗଳାଙ୍କ ନେତ୍ରଉତ୍ସବ ବିଧିବିଧାନ ଆରମ୍ଭ ହୋଇଛି । ଚୈତ୍ର ମାସର ୫ଟି ମଙ୍ଗଳବାର ପୂଜା କରିବା ବିଧି ରହିଛି । ଏହି ଓଷା ୫ମ ମଙ୍ଗଳବାରରେ ଉଦଯାପିତ ହୋଇଥାଏ । ଏହି ପୂଜା କରିବା ଦ୍ୱାର ମା ମଙ୍ଗଳାଙ୍କ କୃପା ରହିବା ସହ ସଧବା ମହିଳା ପୁତ୍ରବତୀ ହୋଇଥାନ୍ତି ବୋଲି ଧାର୍ମିକ ବିଶ୍ୱାସ ରହିଛି । ସ୍ୱାମୀ ଓ ସନ୍ତାନ ମାନଙ୍କ ମଙ୍ଗଳ କାମନା କରି ସଧବା ସ୍ତ୍ରୀମାନେ ଏହି ଓଷା ପାଳନ କରିଥାନ୍ତି ।

# ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା, ୧୫/୦୩ (ନି.ପ୍ର): ଲଖନପୁର ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଆଜି ମୋଟ୯୩ଟି ଅଭିଯୋଗ ଶୁଣାଣି ହୋଇଛି । ଏଥି ମଧ୍ୟରୁ ୧୯ଟି ସାମୁହିକ ଓ ୭୪ଟି ବ୍ୟକ୍ତିଗତ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପରଷୋତମ ଦାସ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ପଂଚାୟତ ସମିତି ଅଧକ୍ଷା, ସିଡିଏମ୍ ଓ ଡାକ୍ତର ଡୋଳାମଣି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠିତ ଶିବିରରେ କୁଡ଼ାବଗା ମେଗା ପ୍ରଜେକ୍ଟରୁ ଦୁଆନମୁଣ୍ଡା ଗ୍ରାମକୁ ଜଳ ଯୋଗାଣ, ଲୁହାବଗା ଗ୍ରାମରେ ବିଜୁ କୃଷକ ଯୋଜନାରେ ଗଭୀର ନଳକୂପ ଖନନ, ବରତାପ ମୌଜାରେ ବେଦାନ୍ତ ପାଉଁଶ ପକାଇବା ନେଇ ବିରୋଧ, ଭିକମପାଲି ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ଅଭିଯୋଗ, ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା, ସାଗରପାଲି ଗ୍ରାମରେ ପିଚୁ ରାସ୍ତା ପରିବର୍ତେ କଂକ୍ରିଟ ରାସ୍ତା ନିର୍ମାଣ କରାଯିବା, କୁଟ୍ରାପାଲି ଗ୍ରାମରେ ଜମି ଚିହ୍ନଟ ଓ ଗୋବିନ୍ଦପୁରରେ ଜମି କିସମ ପରିବର୍ତନ ଆବେଦନ ଖାରଜ, ସିମିଳିଆରେ ନଳକୂପ ଖନନ ଓ ମରାମତି, ଲଖନପୁର ଏମ୍ ସି ଏଲ୍ ଠିକା କମ୍ପାନୀରେ ନିଯୁକ୍ତି, ସୁକୁଲପାଲିରେ ପାନୀୟ ଜଳ ବ୍ୟବସ୍ଥା, ଛୁଆଲିବେର୍ଣ୍ଣାରେ ଏମ୍ ସି ଏଲ୍ ପକ୍ଷରୁ କ୍ଷତିପୂରଣ ଓ ବାଘମୁଣ୍ଡା(ଜାତୀୟ ରାଜପଥ -୪୯)ରୁ ଲିମେଇଟିକ୍ରା ରାସ୍ତା ନିର୍ମାଣ ଆଦି ବିଭିନ୍ନ ସାମୂହିକ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା । ସେହିପରି ଆବାସ ଯୋଜନାରେ ଗୃହ ଯୋଗାଣ, ଚିକିତ୍ସା ସକାଶେ ଆର୍ଥିକ ସହାୟତା, ଜମିଜମା ବିବାଦ, ୫ -ଟି କାର୍ଯ୍ୟକ୍ରମରେ ପଣ୍ଡରୀ ସ୍କୁଲରେ ଶ୍ରେଣୀଗୃହ ନିର୍ମାଣ, ବେଲପାହାଡ଼ରେ ପୋଖରୀ ପୁନରୁଦ୍ଧାର, ହୀରାକୁଦ ବିସ୍ଥାପିତଙ୍କୁ କ୍ଷତିପୂରଣ, ଅତ୍ୟଧିକ ବିଦ୍ୟୁତ ବିଲ ଓ ଚାଷ ଉପଯୋଗୀ ଜମି ପ୍ରଦାନ ସମ୍ପର୍କିତ ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି ପୂର୍ବକ ଅଭିଯୋଗ ସମ୍ପର୍କରେ ଅନୁଧାନ ପୂର୍ବକ ସମସ୍ୟା ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚିକିତ୍ସା ସହାୟତା ବାବଦକୁ ୬ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୩ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ବିଡ଼ିଓ, ଡେପୁଟି କଲେକ୍ଟର ପ୍ରତିମା ପିଙ୍ଗ, ଆସିଷ୍ଟାଣ୍ଟ କଲେକ୍ଟର ହରେନ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ଅଂଚଳରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, ୧୫/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳରୁ ବିଏସଏଫ ଯବାନ ମାନେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ସ୍ୱାଭିମାନ ଅଂଚଳରେ ମାଓ ମୁକାବିଲା ପାଇଁ ମୁତୟନ ହୋଇଥିବା ୧୭୭ ବାଟାଲିଆନ ବିଏସଏଫ ଯବାନ ମାନେ ଯୋଡାମ୍ବ ଥାନା ଅନ୍ତର୍ଗତ ଯନ୍ତ୍ରୀ ପଂଚାୟତ ଅର୍ଲଙ୍ଗପଡା ଅଞ୍ଚଳକୁ ସର୍ଚ୍ଚ ଅପରେସନରେ ଯାଇଥିବା ବେଳେ ମାଟିତଳେ ଏକ ମାଓ ଡମ୍ପଥିବା ଦେଖିବାକୁ ପାଇଥିଲେ । ଅତି ସତର୍କତାର ସହ ମାଟି ତଳୁ ଡମ୍ପକୁ ଉଦ୍ଧାର କରିଥିଲେ । ଉକ୍ତ ଡମ୍ପ ରୁ ଯବାନ ମାନେ ୭ଟି ଜିଲୋଟିନ ଷ୍ଟିକ, ୧୪ଟି ଡିଟୋନେଟର, ୨୦ ମିଟରର ୪ ବଣ୍ଡଲ କୋଡେକ୍ସ ତାର, ୬ଟି ବ୍ୟାଟେରୀ, ୨୫ ମିଟର ଫ୍ଲେକ୍ସେଲ ତାର, ଛତା କପଡା, ଖାଲି ଟିଫିନ ଜବତ କରିଛନ୍ତି ।

# ପିଲାଙ୍କୁ ମଧୁମେହ

ଦିନ ଥିଲା, ବୟସ୍କ ବ୍ୟକ୍ତିମାନଙ୍କୁ ହିଁ ଡାଇବେଟିଜ ବା ମଧୁମେହ ରୋଗ ହେଉଥିଲା । ମାତ୍ର ବର୍ତ୍ତମାନର ଖାଦ୍ୟାଖ୍ୟାସ ଯୋଗୁ ପିଲାଏ ମଧ ଏହି ଘାତକ ରୋଗରେ ପଡ଼ୁଛନ୍ତି । ପିଲାଙ୍କ ଖାଦ୍ୟ, ପାନୀୟ ପ୍ରତି ବାପା, ମା' ସଚେତନ ହେଲେ ପିଲାଙ୍କୁ ଏହି ରୋଗ କବଳରୁ ସୁରକ୍ଷିତ ରଖାଯାଇପାରିବ । ଅନିୟମିତ ଜୀବନଶୈଳୀ, ଶାରୀରିକ ପରିଶ୍ରମ ଦିନକୁ ଦିନ କମିଯିବା ଦ୍ୱାରା ବର୍ତ୍ତମାନ ଅଧିକାଂଶ ଲୋକ ମଧୁମେହ ବା ଡାଇବିଟିଜରେ ପୀଡ଼ିତ ହେଉଥିବା ଦେଖିବାକୁ ମିଳୁଛି । ଏହି ରୋଗୀଙ୍କ ସଂଖ୍ୟା ଏଭଳି ଭାବରେ ବଢ଼ିଚାଲିଛି ଯେ, ଭାରତକୁ ମଧୁମେହର ରାଜଧାନୀ ବୋଲି ବି କୁହାଗଲାଣି । କିଛି ବର୍ଷ ତଳେ କେବଳ ବୟସ୍କ ବ୍ୟକ୍ତିମାନେ ଡାଇବେଟିଜ୍ ବା ମଧୁମେହ ଭୋଗୁଥିଲେ । ସାଧାରଣତଃ ୪୫ ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ମଧୁମେହ ହେଉଥିବା ଶୁଣାଯାଉଥିଲା । ମାତ୍ର ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ସଚେତନତାର ଅଭାବ, ଖାଦ୍ୟପେୟରେ ସତର୍କତା, ସାବଧାନତା ଅବଲମ୍ବନ କରାଯାଉନଥିବାରୁ ବର୍ତ୍ତମାନ ପିଲାମାନେ ମଧ ମଧୁମେହରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ତେବେ ବାପା, ମା' ଟିକିଏ ସାବଧାନତା ଅବଲମ୍ବନ କଲେ ବା ସଚେତନ ହେଲେ ପିଲାଏ ଏହି ଘାତକ ରୋଗରେ ପଡ଼ିବେ ନାହିଁ । ବାପା, ମା' ମାନେ ପିଲାଙ୍କ ଖାଦ୍ୟ, ପାନୀୟ ଅଭ୍ୟାସରେ ପରିବର୍ତ୍ତନ ଆଣି ଏହି ରୋଗରୁ ନିଜ ପିଲାଙ୍କୁ ଦୂରରେ ରଖିପାରିବେ । ଏଭଳି ବହୁତ ଖାଦ୍ୟ ପଦାର୍ଥ ଅଛି, ଯାହା ମଧୁମେହର କାରଣ ପାଲଟିଥାଏ । ଏଭଳି ଖାଦ୍ୟ ଅଧିକ ପରିମାଣରେ ଓ ଅଧିକ ଦିନ ଧରି ଖାଇବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ । ସେହିଭଳି କିଛି ଖାଦ୍ୟ ସମ୍ପର୍କରେ ଏଠାରେ ଆଲୋଚନା କରିବା ।



### ଫାଷ୍ଟଫୁଡ୍

ସାଧାରଣତଃ ପିଲାମାନେ ଫାଷ୍ଟଫୁଡ୍ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏକ ସର୍ଭେରୁ ଜଣାପଡ଼ିଛି ଯେ, ପିଲାମାନେ ସପ୍ତାହରେ ଦୁଇ ବା ତା' ଠାରୁ ଅଧିକ ଥର ଫାଷ୍ଟ ଫୁଡ୍ ଖାଇବାକୁ ମନ ବଳାଇଥାନ୍ତି ଓ ବାପା, ମା'ଙ୍କ ନିକଟରେ ଜିଦ୍ କରିଥାନ୍ତି । ବାପା, ମା' ମାନେ ମଧ ପିଲାଙ୍କ ଜିଦ୍ ଆଗରେ ହାରମାନି ପିଲାଙ୍କୁ ଫାଷ୍ଟ ଫୁଡ ଖୁଆଇଥାନ୍ତି । ଏଭଳି ପରିସ୍ଥିତିରେ ପିଲାଙ୍କ ଶରୀରେ ଫାଷ୍ଟ ଫୁଡ୍ ଜରିଆରେ ଯେଉଁ ଅତିରିକ୍ତ କ୍ୟାଲୋରୀ ପହଞ୍ଚେ, ତାହା ସେମାନଙ୍କ ଶାରୀରିକ ଗତିବିଧି ଦ୍ୱାରା ପୂରାପୂରି ଖର୍ଚ୍ଚ ହୁଏ ନାହିଁ । ଫଳରେ




ପିଲାମାନେ ମୋଟା ହୋଇଯାଆନ୍ତି । ମୋଟାପଣ କାରଣରୁ ପିଲାମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି । ଏଭଳି କ୍ଷେତ୍ରରେ ମଧୁମେହ ଭଳି ରୋଗ ହେବାର ଆଶଙ୍କା ବଢ଼ିଯାଇଥାଏ ।



### ଚକୋଲେଟ୍, କ୍ୟାଣ୍ଡି ଓ କୁକିଜ୍

ମଧୁମେହରେ ପୀଡ଼ିତ ପିଲା, ବଡ଼ ସମସ୍ତଙ୍କୁ ଚିନି ଓ ଚିନିରୁ ତିଆରି ଖାଦ୍ୟ ପଦାର୍ଥ ଖାଇବାକୁ ବାରଣ କରାଯାଇଥାଏ । ଚିନି ଅଧିକ ବ୍ୟବହାର ହୋଇଥିବା ଚିଜ ଯେମିତିକି ଚକୋଲେଟ୍, କ୍ୟାଣ୍ଡି ଓ କୁକିଜରେ ପୋଷକତତ୍ତ୍ୱ ନଥାଏ । ଏସବୁ ଜିନିଷରେ କାର୍ବୋହାଇଡ୍ରେଟର ମାତ୍ରା ମଧ କମ ଥାଏ । ଫଳରେ ଏହା ରକ୍ତ ଶର୍କରା ବଢ଼ାଇଥାଏ । ଏହା ବ୍ୟତୀତ ଚିନି ଖାଇବା ଦ୍ୱାରା ମୋଟାପଣ ବଢ଼ିଥାଏ, ଯାହା ଡାଇବିଟିଜ ପାଇଁ ବିପଜ୍ଜକ ସାବ୍ୟସ୍ତ ହୋଇଥାଏ ।

### ମୃଦୁପାନୀୟ



ପିଲାମାନେ ବଜାରରେ ମିଳୁଥିବା ବିଭିନ୍ନ ସଫ୍ଟଡ୍ରିଙ୍କ ବା ମୃଦୁପାନୀୟ ପିଇବାକୁ ପସନ୍ଦ କରିଥାନ୍ତି । ବାପା, ମା' ଅଭିଭାବକମାନେ ଯେତେ ମନା କଲେ ହେଁ ପିଲାଏ ବେଧଡ଼କ ମୃଦୁପାନୀୟ ପିଇବାରେ ଲାଗିଥାନ୍ତି । ଏହି ସବୁ ମୃଦୁପାନୀୟରେ ସୁଗାରର ମାତ୍ରା ବହୁତ ଅଧିକ ଥାଏ, ଏହି କାରଣରୁ ଏସବୁ ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବଢ଼ିଯାଏ । ଏଭଳି ସଫ୍ଟଡ୍ରିଙ୍କରେ କ୍ୟାଲୋରିର ମାତ୍ରା ମଧ ବହୁତ ଅଧିକ ଥାଏ, ଯାହା ଡାଇବିଟିଜ୍ ହେବାରେ ଅଧିକ ସହାୟତା କରିଥାଏ ।

## ଶଙ୍ଖସାରୁ



ମାର୍ଚ୍ଚ ମାସରେ ଶଙ୍ଖସାରୁ ଲଗାନ୍ତୁ, ଅଧିକ ଅମଳ ମିଳିବ । ମୁଣ୍ଡାଗୁଡ଼ିକରୁ ଦୁଇରୁ ତିନିଟି ଗଜା ଥିବା ପଚାଶ ଗ୍ରାମ ଓଜନର ଖଣ୍ଡ କାଟି ବିହନ ଭାବେ ବ୍ୟବହାର କରନ୍ତୁ । ଏକ ଏକର ଫସଲ ପାଇଁ ଆଠରୁ ଦଶ କୁଇଣ୍ଟାଲ ବିହନ ଦରକାର । ହୃଷ୍ଟପୁଷ୍ଟ ରୋଗ ନିରୋଧକ ଶକ୍ତି ଥିବା ଶଙ୍ଖସାରୁ କିସମ ଲଗାନ୍ତୁ । ଏକ କିଗ୍ରା ସାରୁ ବିହନକୁ ଦୁଇଗ୍ରାମ ରିଡୋମିଲ କବକ ନାଶକ ଔଷଧରେ ବିଶୋଧନ କରନ୍ତୁ । ଜମିର ପ୍ରକାର ଅନୁସାରେ ଦୁଇରୁ ତିନି ଓଡ଼ଚାଷ ପରେ ମାଟିକୁ ଭଲଭାବେ ଗୁଣ୍ଡ କରି ସମତୁଲ କରନ୍ତୁ । ଚାଷ ଓଡ଼ଚାଷ ପୂର୍ବରୁ ଏକର ପ୍ରତି ଚାରି ଟନ୍ ଗୋବର ଖତ ମାଟି ସହିତ ଭଲଭାବେ ମିଶାନ୍ତୁ । ଦୁଇଫୁଟ ବ୍ୟବଧାନରେ ନାଳି କାଟି ଗଛକୁ ଗଛ ଦେଢ଼ଫୁଟ୍ ବ୍ୟବଧାନରେ ଲଗାନ୍ତୁ । ପଟାସ୍ ସାରକୁ ମାଟି ସହିତ ଭଲଭାବେ ମିଶାନ୍ତୁ । ଗଜା ବାହାରିବାର ଏକ ସପ୍ତାହ ପରେ ଏକର ପ୍ରତି ଆଠ କିଗ୍ରା ଯବକ୍ଷାରଜାନ ଓ ଆଠ କିଗ୍ରା ପଟାସ୍ ସାର ଧାଡ଼ିର ଦୁଇପାଖରେ ଦେଇ ମାଟି ଟେକି ଦିଅନ୍ତୁ ।

# କେଶକୁ ଘନ ଏବଂ ମଜବୁତ୍ କରେ ନିମ୍ବ

ନିମ୍ବରେ ଅନେକ ଔଷଧୀୟ ଗୁଣ ରହିଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ଯେତିକି ଉପକାରୀ ଚର୍ମ ପାଇଁ ମଧ ବରଦାନ ସଦୃଶ । ଏହାକୁ ଆମ ତ୍ୱଚାରେ ଅନେକ ଉପାୟରେ ବ୍ୟବହାର କରାଯାଏ । କ'ଣ ଆପଣ ଜାଣିଛନ୍ତି କି, ନିମ୍ବ ଆମ କେଶ ପାଇଁ ବହୁତ ଫାଇଦା ଦେଇଥାଏ । ଯଦି ଆପଣ କେଶକୁ ସୁନ୍ଦର ଏବଂ ଘନ କରିବାକୁ ଚାହୁଁଛନ୍ତି, ତାହାଲେ ବାହାରେ ମିଳୁଥିବା ବିଭିନ୍ନ ପ୍ରକାର ତେଲ ଏବଂ ସାମ୍ପୁ ବ୍ୟବହାର ନ କରି ଘରୋଇ ଉପାୟରେ ଏହି ପ୍ରାକୃତିକ ଜିନିଷ ବ୍ୟବହାର କରନ୍ତୁ ।



♦ ନିମ୍ବ କେଶକୁ ଝଡ଼ିବାକୁ ଦିଏ ନାହିଁ । ଘନ କରିଥାଏ । କେବଳ ଏତିକି ନୁହେଁ ଏହା କେଶରେ ରୂପି ସମସ୍ୟା ମଧ ଦୂର କରିଥାଏ ।

♦ ତାହାଲେ ଆସନ୍ତୁ ଜାଣିବା ଏହାକୁ ଆପଣ କିପରି ବ୍ୟବହାର କରି ସୁଫଳ ପାଇ ପାରିବେ ।

♦ ଆପଣ କିଛି ତାଜା ନିମ୍ବ ପତ୍ର ଆଣି ଭଲରେ ଧୋଇ ଦିଅନ୍ତୁ । ଏହା ପରେ ଏହି ପତ୍ରକୁ ଭଲରେ ଗ୍ରାଇଣ୍ଡ କରି ଦିଅନ୍ତୁ । ଏହାକୁ ଏବେ କେଶରେ ଲଗାଇ ୧୦ରୁ ୧୫ ମିନିଟ୍ ? ପର୍ଯ୍ୟନ୍ତ ରଖନ୍ତୁ । ଆଉ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା କେଶକୁ ମଜବୁତ୍ କରିବା ସହ ପ୍ରାକୃତିକ କଣ୍ଡିସନର ଭଳି କାମ ଦେବ ।

♦ ଯଦି କେଶ ଶୁଷ୍କ ହୋଇଯାଇଛି ତାହାଲେ ତାଜା ନିମ୍ବ ପତ୍ର ଆଣି ଖରାରେ ଶୁଖାଇ ଦିଅନ୍ତୁ । ପତ୍ର ଶୁଖିଗଲା ପରେ ଗ୍ରାଇଣ୍ଡ କରି ଦିଅନ୍ତୁ । ଏହା ପରେ ଆପଣ ନିମ୍ବ ପତ୍ର ଗୁଣ୍ଡକୁ ମହୁରେ ମିଶାଇ କେଶରେ ଲଗାନ୍ତୁ । ଏବଂ କିଛି ସମୟ ପରେ କେଶ ଧୋଇ ଦିଅନ୍ତୁ । ତେଲରେ ମିଶାଇ ମଧ ଆପଣ ଏହାକୁ ଲଗାଇ ପାରିବେ ।

♦ ଏହା କଲେ କେଶ ମଜବୁତ୍ ହେବ । ଏହା କେଶକୁ ସୁନ୍ଦର ଏବଂ ଘନ ମଧ କରିଥାଏ । ଏହା ସହ ଆପଣଙ୍କ କେଶରେ କୌଣସି ସମସ୍ୟା ହେବାକୁ ଦେବ ନାହିଁ ।

## ପନୀର୍ ପତ୍ରପୋଡ଼ା

**ଆବଶ୍ୟକ ସାମଗ୍ରୀ:** ପନିର, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଅଦାରସୁଣ ପେଷ୍ଟ, ଟମାଟୋ ପେଷ୍ଟ, ସୋରିଷ ବଟା, କଞ୍ଚା ଲଙ୍କା ଓ ରିଫାଇନ ତେଲ, ଶାଳ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଛୋଟ ଛୋଟ କାଟି ରଖନ୍ତୁ । କଟା ପନିରରେ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଅଦାରସୁଣ ପେଷ୍ଟ, ଟମାଟୋ ପେଷ୍ଟ, ସୋରିଷ ବଟା, କଞ୍ଚା ଲଙ୍କା ଓ ରିଫାଇନ ତେଲ, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ଶାଳପତ୍ରରେ ସୋରିଷ ମସଲା ଗୋଳା ପନିର



ରଖି ଗୁଡ଼ାଇ ବାନ୍ଧି ଦିଅନ୍ତୁ । ଏହାପରେ ନିଆଁ ଅଙ୍ଗାରରେ ପନିର ମସଲା ଗୁଡ଼ା ପତ୍ରକୁ ରଖି ତା' ଉପରେ ଆଉ କିଛି ନିଆଁ ଅଙ୍ଗାର ରଖନ୍ତୁ । ୧୫ରୁ ୨୦ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ପନିର ପତ୍ରପୋଡ଼ା ।

# ସକାଳ ଜଳଖିଆରେ ଖାଆନ୍ତୁ ଦହି ଓ ଚିନି

ଭଲ କାମରେ ବାହାରକୁ ଗଲେ ଦହି ଓ ଚିନି ଖାଇବା ଶୁଭ ବୋଲି କୁହାଯାଏ । ସେହିପରି ଦହିରେ ଚିନି ମିଶାଇ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫାଇଦା ମିଳେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହନ୍ତି । ଦହିକୁ ସୁପରଫୁଡ୍ ବୋଲି ମଧ କୁହାଯାଇଥାଏ । ଏଥିରେ କ୍ୟାଲସିୟମ୍, ଭିଟାମିନ୍ ବି୨, ଭିଟାମିନ୍ ବି ୧୨, ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ଭଳି ଭିଟାମିନ୍ ରହିଛି । ଗରମ ଦିନରେ ଦହିରେ ଚିନି ମିଶାଇ ଖାଇ ବାହାରକୁ ବାହାରିଲେ ଶରୀରକୁ ଆବଶ୍ୟକ ମାତ୍ରାର ଗ୍ଲୁକୋଜ ମିଳିଥାଏ ଓ ଏନର୍ଜି ଉତ୍ପନ୍ନ ହୋଇଥାଏ । ତା'ହେଲେ ଆସନ୍ତୁ ଜାଣିବା ସକାଳ ଜଳଖିଆରେ ଦହି ଓ ଚିନି ଖାଇଲେ କ'ଣ ସବୁ ଫାଇଦା ମିଳିଥାଏ ।



■ ଦହି ପାଚନ କ୍ରିୟାକୁ ମଜବୁତ୍ କରିଥାଏ । ତେଣୁ ଏହାକୁ ଖାଇଲେ ଶରୀରରେ ଭଲ ବ୍ୟାକ୍ଟେରିଆ ସୃଷ୍ଟି ହେବା ସହ ଇମ୍ୟୁନିଟି ପାୱାର ବଢ଼ିଥାଏ ।

■ ସକାଳ ଜଳଖିଆରେ ଦହି, ଚିନି ଖାଇଲେ ପେଟ ଥଣ୍ଡା ରହିଥାଏ । ଆୟୁର୍ବେଦ ଅନୁସାରେ ସକାଳେ ଦହି, ଚିନି ଖାଇଲେ ପିତ୍ତ ଦୋଷ କମ୍ ହୋଇଥାଏ ।

■ ଦହି, ଚିନି ଖାଇଲେ ସାଇଷ୍ଟିସିସ୍ ଓ ୟୁଟିଆଇ ପରି ଶାରୀରିକ ସମସ୍ୟା ଦୂର ହୋଇଥାଏ । ଦହି ମୂତ୍ରାଶୟକୁ ଥଣ୍ଡା ରଖିଥାଏ । ଯେଉଁମାନେ କମ୍ ପାଣି ପିଉଛନ୍ତି, ସେମାନେ ଦହି ନିଶ୍ଚିନ୍ତ ଖାଆନ୍ତୁ । ଏଥିରେ ଥିବା ଭିଟାମିନ୍ ସି, ଫୋଲେଟ୍, ଭିଟାମିନ୍ ବି, ଭିଟାମିନ୍ ଏ, ଭିଟାମିନ୍ ଇ, ଭିଟାମିନ୍ ବି ୧୨, କୋରେଟିନାଇଡ୍ ଓ ପାଇରିଡୋକ୍ସିନ୍ ଭିଟାମିନ୍ ଆପଣଙ୍କୁ ଫିଟ୍ ରଖିଥାଏ ।

■ ଦହି ଓ ଚିନିରୁ ମିଳୁଥିବା ଗ୍ଲୁକୋଜ୍ ଆପଣଙ୍କ ଶରୀର ଓ ମସ୍ତିଷ୍କକୁ ଖୁବ୍ ଶୀଘ୍ର ଶକ୍ତି ପ୍ରଦାନ କରିଥାଏ । ତେଣୁ ଦହି ଓ ଚିନି ଖାଇ ଘରୁ ବାହାରିଲେ ଆପଣ ଦିନସାରା ସୁସ୍ଥ ଅନୁଭବ କରିବେ ।

## ଅଧିକ ଚିନି ବଢ଼ାଏ କର୍କଟ ଆଶଙ୍କା !



ଖାଦ୍ୟରେ ଅଧିକ ଚିନି ଖାଇବା ଦ୍ୱାରା କେବଳ ମଧୁମେହ କିମ୍ବା ମେଦ ବହୁଳତାର ଶିକାର ହେବାକୁ ପଡ଼େ ନାହିଁ, ବରଂ ସ୍ତନ ଓ ଫୁସଫୁସ୍ କର୍କଟ ଆଶଙ୍କା ବଢ଼ିବା ଏକ ନୂତନ ଅଧ୍ୟୟନରୁ ପ୍ରକାଶ । ଟେକ୍ସାସ ବିଶ୍ୱବିଦ୍ୟାଳୟର ଏମଡି ଅଣ୍ଡରସନ କ୍ୟାନସର ରିସର୍ଚ୍ଚ ସେଣ୍ଟର ଗବେଷକମାନେ ମୂଷାମାନଙ୍କ ଶରୀରରେ ପରୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଚାରିଟି ବର୍ଗରେ ବିଭାଜିତ କିଛି ମାଈ ମୂଷାଙ୍କୁ ଚିନି ଏବଂ ଚିନି ମିଶ୍ରିତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ତିରିଶ ପ୍ରତିଶତ ମୂଷାଙ୍କର କ୍ଷୀର ଉତ୍ପନ୍ନକାରୀ ଗ୍ରନ୍ଥିରେ କର୍କଟାକ୍ରାନ୍ତ ଛୋଟ ଆବଚୁ ସୃଷ୍ଟି ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା । ମିଠାଜାତୀୟ ପାନୀୟ ମଧ୍ୟ କ୍ଷତିକାରକ । ଏହା ହୃଦରୋଗ, ପୃଥୁଳତା ଏବଂ କର୍କଟ ସୃଷ୍ଟିର କାରଣ ବୋଲି ପୂର୍ବରୁ ପରୀକ୍ଷିତ ।

# ପ୍ରତିଦିନ ଖାଆନ୍ତୁ ପୋଇ

ପୋଇ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥାଏ । ଏହାକୁ ଲୋକମାନେ ସାଲାଡ୍, ତରକାରୀ ବା ସୁପ୍ କରି ପିଇବାକୁ ପସନ୍ଦ କରିଥାନ୍ତି । ଭିଟାମିନ୍, କ୍ୟାଲୋରୀ, ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫ୍ୟାଟ୍, ଫାଇବର ଏବଂ ଆଇରନରେ ଭରପୂର ଥିବା ପୋଇ ଶରୀରର ଅନେକ ସମସ୍ୟାକୁ ଦୂର କରିଥାଏ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୋଇଥାଏ । ଏବେ ଆସନ୍ତୁ ଜାଣିବା ଏଥିରୁ ଶରୀରକୁ ମିଳୁଥିବା ଅନେକ ଫାଇଦା ବିଷୟରେ..



୧.କିଛି ଲୋକ ପୋଇକୁ କେବଳ ଶରୀରରେ ହେମୋଗ୍ଲୋବିନ୍ ବଢ଼ାଇବା ପାଇଁ ବ୍ୟବହାର କରାଯାଏ ବୋଲି ଭାବିଥାନ୍ତି । କିନ୍ତୁ ଏଥିରେ ଅନେକ ପ୍ରକାରର ଉପକାରୀ ଗୁଣ ରହିଛି । ଏହା ହେମୋଗ୍ଲୋବିନ୍ ବଢ଼ାଇବା ସହ ହୃଦୟକୁ ମଧ ସୁସ୍ଥ ରଖିଥାଏ । ପୋଇ ଆନେମିଆ ରୋଗୀଙ୍କ ପାଇଁ ଔଷଧଠାରୁ ଅଧିକ ଲାଭଦାୟକ ହୋଇଥାଏ ।

୨.ପୋଇ ଶରୀର ସହ କେଶ ପାଇଁ ଲାଭଦାୟକ ହୋଇଥାଏ । ଯେଉଁମାନଙ୍କର କେଶ ଝଡ଼ିବାର ସମସ୍ୟା ରହିଛି, ସେମାନେ ପୋଇକୁ ନିଜ ଖାଦ୍ୟରେ ସାମିଲ କରିବା ଉଚିତ୍, ଯାହା ଶରୀରରେ ଆଇରନ୍‌ର ଅଭାବକୁ ଦୂର କରି କେଶ ଝଡ଼ିବା ରୋକିଥାଏ ।

୩. ପୋଇ ତ୍ୱଚାର ଅନେକ ସମସ୍ୟା ଦୂର କରିଥାଏ । ଚର୍ମ ଲୋଚାକୋଚା ହୋଇ ଯାଇଥିଲେ,ପୋଇ ଏବଂ ଲେମ୍ବୁ ରସରେ କିଛି ବୁନ୍ଦା ଗ୍ଲିସେରିନ୍ ମିଶାଇ ରାତିରେ ଶୋଇବା ପୂର୍ବରୁ ଲଗାନ୍ତୁ । ଧିରେ ଧିରେ ତ୍ୱଚାଜନିତ ସମସ୍ତ ସମସ୍ୟା ଦୂର ହୋଇଯିବ ।

୪.ପୋଇରେ ଫଲିକ୍ ଏସିଡ୍ ଏବଂ କ୍ୟାଲସିୟମ ଅଧିକ ମାତ୍ରାରେ ରହିଥାଏ । ଯଦି ଆପଣଙ୍କର ପାଇରିୟା ସମସ୍ୟା ରହିଛି, ତେବେ କଞ୍ଚା ପୋଇର ପତ୍ର ଚୋବାଇବା ଆରମ୍ଭ କରନ୍ତୁ ।

୫. ପୋଇ ରସରେ ଗାଜର ରସ ମିଶାଇ ପିଇବା ଦ୍ୱାରା ପେଟର ଚର୍ବି କମ ହୋଇଥାଏ । ଯଦି ଆପଣ ମୋଟାପଣ ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ପୋଇ ରସ ସହ ଗାଜର ବା ଲେମ୍ବୁ ରସ ମିଶାଇ ପିଇ ପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଶୋଷଣ ମୁକ୍ତ ସମାଜର ଆବଶ୍ୟକତା

**ବିଷ୍ଣୁ ପ୍ରସାଦ ଦାସ**



ପରିସଂଖ୍ୟାନରୁ ଜଣାଯାଏ ଯେ ପୃଥିବୀ ପୃଷ୍ଠରେ ଅଦ୍ୟାବଧି ଆଠଶହ କୋଟିରୁ ଊର୍ଦ୍ଧ୍ୱ ମନୁଷ୍ୟ ବସବାସ କରୁଛନ୍ତି ତନ୍ମଧ୍ୟରୁ କେତେ ପ୍ରତିଶତ ଶୋଷଣରୁ ମୁକ୍ତ? ହୁଏତ ଏହାର ସଠିକ ଉତ୍ତର କାହାରି ପାଖରେ ମିଳିବ ନାହିଁ, ଆଉ ଯାହା ମିଳିବ ତାହା କେବଳ ଆନୁମାନିକ ଓ ତେବେ ଶୋଷଣ ତ' ଅନେକ ପ୍ରକାର ଅଛି, ମାନସିକ, ଶାରୀରିକ, ଆର୍ଥିକ, ବ୍ୟବସାୟିକ, ଯୌନ, ଶିକ୍ଷା, ଆଇନ କାନୁନ, ନାବାଳକ ଶିଶୁ, ଗୋଟି ଶ୍ରମିକ, ପୋଲିସ, ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ପ୍ରାୟ ସବୁ କ୍ଷେତ୍ରରେ ଏହି ଶୋଷଣ ପ୍ରକ୍ରିୟା ଅଳ୍ପେ ବହୁତେ ପରିଲକ୍ଷିତ ହେଉଛି ଓ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଶୋଷଣର ଶିକାର ହେଉଥିବା ଲକ୍ଷ ଲକ୍ଷ ମନୁଷ୍ୟ ଆଜି ନିଜ ଭାଗ୍ୟକୁ ଦୋଷଦେଇ ଅସହ୍ୟ ଯନ୍ତ୍ରଣା ମଧ୍ୟ ଦେଇ କାଳାତିପାତ କରୁଛନ୍ତି, ସେମାନଙ୍କ ଜୀବନ ନର୍କଠାରୁ ମଧ୍ୟ ଭୟଙ୍କର ହୋଇ ଯାଉଛି ଓ ମିଳିତ ଜାତିସଂଘଙ୍କ ମାନବାଧିକାର ଉପରେ କହିବା କଥା ହେଲା ଯେ, 'ଜାତି, ଲିଙ୍ଗ, ଜାତୀୟତା, ଭାଷା, ଧର୍ମ କିମ୍ବା ଅନ୍ୟ କୌଣସି ସ୍ଥିତିକୁ ଖାତିର ନ'କରି ମାନବିକ ଅଧିକାର ସମସ୍ତ ମାନବଙ୍କ ପାଇଁ ଅନ୍ତର୍ନିହିତ ଅଧିକାର ଅଟେ'। ମାନବିକ ଅଧିକାରରେ ଜୀବନ ଏବଂ ସ୍ୱାଧୀନତା, ଦାସତ୍ୱ ତଥା ନିର୍ଯାତନାରୁ ମୁକ୍ତି, ମତ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା, କାର୍ଯ୍ୟ, ଶିକ୍ଷା ଅଧିକାର ଏବଂ ଅନ୍ୟାନ୍ୟ ଅନ୍ତର୍ଭୁକ୍ତ। ଭେଦଭାବ ବିନା ସମସ୍ତେ ଏହି ଅଧିକାର ପାଇବାକୁ ହକଦାର କିନ୍ତୁ ଏହା ଦ୍ୱାରା କ'ଣ ପ୍ରକୃତରେ ନିର୍ଯାତିତ ମନୁଷ୍ୟ ତା'ର ହକ/ଅଧିକାର ପାଉଛି କି? ନାଁ ଭାଇ, ଏହି ପ୍ରଥାର ବିଲୋପ ଅତୀତରେ ହୋଇନାହିଁ, ବର୍ତ୍ତମାନ ହୋଇ ପାରୁନାହିଁ କିମ୍ବା ଭବିଷ୍ୟତରେ ମଧ୍ୟ ହୋଇ ପାରିବାର ସମ୍ଭାବନା ଅସ୍ପଷ୍ଟ ଓ ଏହି ଅମାନୁଷିକ ପରିସ୍ଥିତିରେ ସୁଧାର ଆଣିବାକୁ କର୍ମକର୍ତ୍ତା କାର୍ଯ୍ୟରତ, ଅଜସ୍ର ବ୍ୟୟ ବରାଦ ହୁଏ କିନ୍ତୁ କେତେ ପ୍ରତିଶତ ସୁଫଳ ମିଳେ ? ଭାରତୀୟ କାରାଗାର/ଜେଲ ବିଷୟରେ ଆଜିକାର ବିଷୟବସ୍ତୁ ଉପସ୍ଥାପନା କରିବାକୁ ଚେଷ୍ଟା କରିଛି ହୁଏତ ସଂଗୃହିତ ତଥ୍ୟ ମଧ୍ୟରେ କିଛି ତ୍ରୁଟି ରହି ଯାଇଥାଇ ପାରେ ସେଥିପାଇଁ ଦୁଃଖିତଃ ଓ

ଜେଲ ବା ବନ୍ଦୀ ଗୃହ ନାମ ଶୁଣିଲେ ଯେ କେହି ଭୟଭୀତ ହୋଇଯିବ ଏକ ସ୍ୱାଭାବିକ କଥା ଓ ୨୦୨୧ ଏନ:ସି:ଆର:ବିର ସଂଗୃହିତ ତଥ୍ୟ ଅନୁଯାୟୀ, ଭାରତୀୟ ଜେଲର ସମୁଦାୟ କଏଦୀଙ୍କ ମଧ୍ୟରୁ ୭୭ % ବିଚାରାଧୀନ କଏଦୀ ଥିବାବେଳେ ମାତ୍ର ୨୨ % ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଛନ୍ତି, ପ୍ରାୟ ଅର୍ଦ୍ଧେକ ବ୍ୟକ୍ତି ୨ ବର୍ଷରୁ ଅଧିକ ସମୟ ଜେଲରେ ଅଛନ୍ତି, ୫,୫୪,୦୦୦ କଏଦୀଙ୍କ ମଧ୍ୟରୁ ୪,୨୭,୦୦୦ ବିଚାରକୁ ଅପେକ୍ଷା କରିଥିଲେ, ସେଥିମଧ୍ୟରୁ ୨୪,୦୩୩ ବିଚାରାଧୀନ ଅବସ୍ଥାରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲରେ ଥିଲେ। ଜେଲ ଗୁଡିକର କ୍ଷମତା ଠାରୁ ଢେର ଅଧିକ ବ୍ୟକ୍ତିଙ୍କୁ ଜେଲ ଭିତରେ ପୋକ ମାଛି ସଦୃଶ ରଖାଯାଉଛି ଓ ଜେଲଗୁଡିକ ଏବଂ ସେମାନଙ୍କର ପ୍ରଶାସନ ହେଉଛି ବିଭିନ୍ନ ରାଜ୍ୟର ବିଷୟ ଯାହାକି ଭାରତର ସମ୍ବିଧାନର ସପ୍ତମ ସୂଚୀରେ ରାଜ୍ୟ ତାଲିକା ଅନ୍ତର୍ଗତ ବିଷୟ ୪ ଦ୍ୱାରା ଅନ୍ତର୍ଭୁକ୍ତ ଓ ଜେଲଗୁଡିକର ପରିଚାଳନା ଏବଂ ପ୍ରଶାସନ କେବଳ ରାଜ୍ୟ ସରକାରଙ୍କ ଅଧୀନରେ ଥାଏ ଏବଂ ଜେଲ୍ ନିୟମ ୧୮୯୪ ଏବଂ ସଂପୃକ୍ତ ରାଜ୍ୟ ସରକାରଙ୍କ ଜେଲ ମାନୁଆଲ ଦ୍ୱାରା ପରିଚାଳିତ ଓ ତେଣୁ ବର୍ତ୍ତମାନର ଜେଲରେ ପ୍ରଚଳିତ ନିୟମ ଏବଂ ନିୟମାବଳୀକୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ମାନଙ୍କର ପ୍ରାଥମିକ ଭୂମିକା, ଦାୟିତ୍ୱ ଏବଂ ଅଧିକାର ରହିଛି। ଜେଲଗୁଡିକର ସୁରକ୍ଷା, ପୁରାତନ କାରାଗାରର ମରାମତି ତଥା ନବୀକରଣ, ଚିକିତ୍ସା ସୁବିଧା, ଜେଲ ବିଦ୍ୟାଳୟର ବିକାଶ, ମହିଳା ଅପରାଧୀଙ୍କୁ ସୁବିଧା, ଯୋଗ ତାଲିମ, ଆଧ୍ୟାତ୍ମିକ ମାର୍ଗ ପ୍ରତି ଆକର୍ଷଣ, ଧନ୍ଦାମୂଳକ ତାଲିମ, ଜେଲ୍ ଭିତରେ ଥିବା ଶିଳ୍ପଗୁଡିକର ଆଧୁନିକୀକରଣ, ଜେଲ୍ କର୍ମଚାରୀଙ୍କୁ ତାଲିମ ଦେବା ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ଜେଲ ଗୁଡିକରେ କିଛିଟା ପରିବର୍ତ୍ତନ ସହିତ ଉଚ୍ଚ ସୁରକ୍ଷା ପ୍ରାଚୀର ଅତ୍ୟାଧୁନିକ ଯନ୍ତ୍ରପାତି ସି:ସି: କ୍ୟାମେରା, ମୋବାଇଲ ଜାମର, ସୁରକ୍ଷା କର୍ମୀଙ୍କ ପାଇଁ ବେତାର ଯନ୍ତ୍ର ତଥା ଉଚ୍ଚ ଶକ୍ତି ସମ୍ପନ୍ନ ଆଗ୍ନେୟାସ୍ତ୍ର ଯୋଗାଣ, ନୂତନ ସକାରାତ୍ମକ ବାତାବରଣ ସୃଷ୍ଟି ପାଇଁ ଅନେକ ରାଜ୍ୟ ସରକାର ଚେଷ୍ଟିତ ଓ ଜେଲ ପ୍ରଶାସନର ବିଭିନ୍ନ ଦିଗ ଉପରେ ବିଚାର କରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଜେଲ ସମ୍ବନ୍ଧରେ ତିନୋଟି ନୀତି ପ୍ରଣୟନ କରିଛନ୍ତି ସେଗୁଡିକ ହେଲା : ପ୍ରଥମ, ଜେଲରେ ଥିବା ଜଣେ ବ୍ୟକ୍ତି ଅଣ-ବ୍ୟକ୍ତି ହୁଅନ୍ତି ନାହିଁ, ଦ୍ୱିତୀୟ, ଜେଲରେ ଥିବା ବ୍ୟକ୍ତି କାରାଗାରର ସୀମା ମଧ୍ୟରେ ସମସ୍ତ ମାନବିକ ଅଧିକାର ପାଇବାକୁ ହକଦାର ଅଟନ୍ତି, ତୃତୀୟ, କାରାଗାର ପ୍ରକ୍ରିୟାରେ କଏଦୀଙ୍କୁ ପୂର୍ବରରୁ ଦିଆଯାଇଥିବା ଯନ୍ତ୍ରଣାକୁ ଆଉ ବଢାଇବାର ଯଥାର୍ଥତା ନାହିଁ ଓ

ଭାରତରେ କାରାଗାର/ଜେଲ ଗୁଡିକ ତିନୋଟି ସ୍ତରରେ ଅବସ୍ଥିତ - ତାଲୁକା ସ୍ତର, ଜିଲ୍ଲା ସ୍ତର ଏବଂ କେନ୍ଦ୍ରୀୟ ସ୍ତର, ଏହି ସ୍ତରର ଜେଲଗୁଡ଼ିକୁ ଯଥାକ୍ରମେ ସବ୍ ଜେଲ୍, ଜିଲ୍ଲା ଜେଲ୍ ଏବଂ ସେଣ୍ଟ୍ରାଲ୍ ଜେଲ୍ କୁହାଯାଏ ଓ ସାଧାରଣତ, ସବ୍ ଜେଲରୁ ସେଣ୍ଟ୍ରାଲ୍ ଜେଲ୍ ପର୍ଯ୍ୟନ୍ତ ଭିତ୍ତିଭୂମି, ସୁରକ୍ଷା ଏବଂ କଏଦୀଙ୍କ ସୁବିଧା ଯଥା ଚିକିତ୍ସା, ଶିକ୍ଷା ଏବଂ ପୁନର୍ବାସ ଭଳି ଉନ୍ନତିମୂଳକ କାର୍ଯ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥାଏ। ଅନ୍ୟ ପ୍ରକାରର ଜେଲ୍ ପ୍ରତିଷ୍ଠାନଗୁଡ଼ିକ ହେଉଛି ମହିଳା ଜେଲ୍, ବାଳ ସୁଧାର ସ୍କୁଲ୍, ଉନ୍ମୁକ୍ତ ଜେଲ୍ ଏବଂ ସ୍ୱତନ୍ତ୍ର ଜେଲ୍ ଓ ସଂଗୃହିତ ତଥ୍ୟ ଅନୁଯାୟୀ ୩୧ ଡିସେମ୍ବର ୨୦୧୬ ସୁଦ୍ଧା ସମଗ୍ର ଭାରତରେ ଜେଲ ସଂଖ୍ୟା ଏବଂ ଉପଲବ୍ଧ କଏଦୀ କ୍ଷମତା ଦର୍ଶାଯାଇଛି କେନ୍ଦ୍ରୀୟ ଜେଲ୍ ୧୩୭ ଗୋଟି କଏଦୀ କ୍ଷମତା ୧୬୫,୭୫୦, ଜିଲ୍ଲା ଜେଲ୍ ୩୯୪-- କଏଦୀ କ୍ଷମତା ୧୪୭, ୦୦୩ ଜଣ, ସବ୍ ଜେଲ୍ ୭୩୨ -- ୪୫, ୫୬୯ ଜଣ, ମହିଳା ଜେଲ୍ ୨୦--୫,୧୯୭ ଜଣ, ବୋର୍ଷ୍ଟାଲ୍ ସ୍କୁଲ/ ସୁଧାର ଗୃହ ୨୦--୧, ୬୩୦ ଜଣ, ଉନ୍ମୁକ୍ତ ଜେଲ୍ ୬୪-- ୫,୪୧୨ ଜଣ, ସ୍ୱତନ୍ତ୍ର ଜେଲ୍ ୪୨ -- ୧୦, ୧୪୫ ଜଣ, ଅନ୍ୟ ଜେଲ୍ ୩ -- ୧୭୦ଜଣ, ସମୁଦାୟ ୧,୪୧୨ ଗୋଟି ଜେଲ ଏବଂ ଏହାର କଏଦୀ କ୍ଷମତା ୩,୮୦,୮୭୬ ଜଣ ଓ ବର୍ତ୍ତମାନ ପରିସ୍ଥିତିରେ ଆଉ ଅଧିକ ଜେଲ ବଢାଇବାର ଆବଶ୍ୟକତା ଅଛି ନା' ତୃଣମୂଳ ସ୍ତରରୁ ଅପରାଧ କମାଇ ଜେଲ ଗୁଡିକର କ୍ଷମତାଠାରୁ କମ କଏଦୀଙ୍କ ଉପସ୍ଥିତିକୁ ସ୍ୱାଗତ କରିବାର ଅଛି ? ଯଦି ଆମେ ସମସ୍ତେ ଅନ୍ତରରୁ ଚେଷ୍ଟା କରିବା ହୁଏତ ଆମ ପଡୋଶୀ ରାଷ୍ଟ୍ର ଭୁଟାନ ପରି ଧୀରେ ଧୀରେ ଜେଲ ଗୁଡିକ କଏଦୀ ଶୂନ୍ୟ ହୋଇ ଶେଷରେ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେବ ଓ ଏକଥା ସମାଜର ସବୁ ସ୍ତରର ବ୍ୟକ୍ତି ବିଶେଷ ନିଜ ଅନ୍ତରରୁ ଚିନ୍ତା କରନ୍ତୁ,ପଞ୍ଜୁରୀ ଭିତରେ ପକ୍ଷୀ ଟିଏ ଯେପରି ମାନସିକ, ଶାରୀରିକ ଯନ୍ତ୍ରଣା ପାଏ ତଥା ତା'ର ସ୍ୱାଧୀନତାକୁ ସେ ପଞ୍ଜୁରୀର ଶକ୍ତ ବଳୟ ଭିତରେ ହରାଇ ଦେଇଥାଏ ସେହିପରି ଜଣେ କଏଦୀ ତା'ର ସମସ୍ତ ସ୍ୱାଧୀନତାରୁ ବଂଚିତ ହୋଇ ଅମଣିଷ ପରି ବଞ୍ଚି ରହିବାକୁ ବାଧ୍ୟ ହୋଇଥାଏ ଓ ପୁରାଣରେ ବର୍ଣ୍ଣିତ ଯମପୁରୀ ଏବଂ ଯମ ଦଣ୍ଡର ଅବିକଳ ନକଲ ଜେଲ ଗୁଡିକରେ ଦେଖିବାକୁ ମିଳେ, କେବଳ ଭାରତବର୍ଷ ନୁହେଁ ପୃଥିବୀର ୯୦ ପ୍ରତିଶତ ଦେଶର ଜେଲ ଗୁଡିକ ଖୁବ ଭୟାନକ, ଅସ୍ୱାସ୍ଥ୍ୟକର ପରିବେଶ ଜେଲର ଅନ୍ତେବାସୀ ମାନେ ପଶୁଠାରୁ ମଧ୍ୟ ହୀନ ଅବସ୍ଥାରେ କାଳାତିପାତ କରୁଛନ୍ତି ଓ ଆମ ମାନବିକତା ଏବଂ ମାନସିକତାକୁ ଅବିଳମ୍ବେ ବଦଳାଇବାକୁ ଆମେ ଚେଷ୍ଟିତ ହେବା ଉଚିତ, ତାହା ଦ୍ୱାରା ଅପରାଧ କମିବ ଏବଂ ଅପରାଧୀ ମଧ୍ୟ ସଚେତନ ହେବେ।

ନିକଟ ଅତୀତରେ ମହାମହିମ ରାଷ୍ଟ୍ରପତି ମାନନୀୟ ଦ୍ରୌପଦୀ ମୁର୍ମୁଜୀ ଏକ ଭାବପ୍ରବଣ ଭାଷଣ ସହିତ ଖୁବ ସୁନ୍ଦର ଭାବେ ଜେଲ ବିଷୟରେ ନିଜର ଅନ୍ତରର କଥାକୁ ଉପସ୍ଥାପନା କରିଥିଲେ ଓ ସଭାରେ ଉପସ୍ଥିତ ଥିବା ଭାରତୀୟ ନ୍ୟାୟିକ ବ୍ୟବସ୍ଥାର କର୍ମକର୍ତ୍ତା, ସାରା ଭାରତର ନ୍ୟାୟାଧୀଶ, ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି ଏବଂ ଆଇନ ମନ୍ତ୍ରୀମାନଙ୍କୁ ଅନୁରୋଧ ଛଳରେ ଜେଲ ଅନ୍ତେବାସୀଙ୍କ ଦୁଃଖକୁ ବଖାଣି ବସିଥିଲେ, ଏହା ତା'ଙ୍କର ହୃଦୟର ବ୍ୟଥା ଥିଲା ଓ ଅନେକ ନିରୀହ, ଆଇନ ଜାଣି ନଥିବା ବ୍ୟକ୍ତି, ଛୋଟ ଛୋଟ ଅପରାଧିକ ଘଟଣାରେ ଜଡିତ ହୋଇ କିପରି ଆମ ପରି ଶିକ୍ଷିତ ବ୍ୟକ୍ତିମାନଙ୍କ କୂଚକ୍ରରେ ପଡି ବର୍ଷ ବର୍ଷ ଧରି ଜେଲ ଭିତରେ ସଢୁଛନ୍ତି, ନିଜର ମକଦ୍ଦମା ଅଦାଲତରେ ଲଢ଼ିବା ପାଇଁ କିପରି ଆଇନ ରକ୍ଷକଙ୍କଦ୍ୱାରା ନିର୍ଯାତିତ/ ଶୋଷିତ ହେଉଛନ୍ତି, ଶେଷରେ ନିଜର ସମସ୍ତ ସଂଚିତ ଥିବା ପୁଞ୍ଜି ସରିଯିବାପରେ ଜମି, ବାଡ଼ି ଏପରିକି ନିଜର ବାସନ କୁସନ ମଧ୍ୟ ବିକ୍ରି କରି ଦେଉଛନ୍ତି, ତଥାପି ସେମାନେ ଆଇନ ଆଖିରେ ନିରପରାଧୀ ସାବ୍ୟସ୍ତ ହୋଇ ପାରୁ ନାହାନ୍ତି ଓ ପୋଲିସ, ଆଇନଜୀବି, ଅଦାଲତର ନିୟମ କାନୁନ ଭିତରେ ପେଷି ହୋଇ ତିଳ ତିଳ ହୋଇ ମରୁଛନ୍ତି । (କ୍ରମଶଃ)

# ଭାରତୀୟ ସିନେମାକୁ ସ୍ୱୀକୃତି...

ବିଶ୍ୱ ଇତିହାସରେ ଭାରତୀୟ ଚଳଚ୍ଚିତ୍ରକୁ ମିଳିଛି ଦୁଇ ଦୁଇଟି ଅସ୍କାର ପୁରସ୍କାର। ଲସ୍ ଆଞ୍ଜେଲସ୍‌ରେ ୯୫ତମ ଏକାଡେମୀ ପୁରସ୍କାର ଜିତିଛି ଶ୍ରେଷ୍ଠ ମୌଳିକ ସଙ୍ଗୀତ ପୁରସ୍କାର 'ନାଟୁ ନାଟୁ'। ଆଉଆର୍ଆର୍ ଫିଲ୍ମର ଏହି ନାଟୁନାଟୁ ଜିତିଛି ଅଗଣିତ ଦର୍ଶକଙ୍କ ହୃଦୟକୁ । ସେହିଭଳି ଅନ୍ୟତମ ଦକ୍ଷିଣ ଭାରତୀୟ ଡକୁମେଣ୍ଟାରୀ ଫିଲ୍ମ "ଦି ଏଲିଫ୍ୟାଣ୍ଟ ହୁଇସ୍କରସ୍'କୁ ମିଳିଛି ମର୍ଯ୍ୟାଦାପନ୍ନ ଅସ୍କାର ଆୱାର୍ଡ଼ । ବିଶ୍ୱର ସବୁଠାରୁ ବଡ଼ ପୁରସ୍କାର ମଞ୍ଚରେ ଭାରତୀୟ ତେଲୁଗୁ ସିନେମା 'ଆର୍ ଆର୍ ଆର୍ ଶ୍ରେଷ୍ଠ ପୁରସ୍କାରର ବିଜେତା ହୋଇଛି। ଲେଡି ଗାଗା ଓ ରିହାନାଙ୍କ ଭଳି ପ୍ରଖ୍ୟାତ ସେଲିବ୍ରିଟିଙ୍କ ସଙ୍ଗୀତ 'ନାଟୁ ନାଟୁ'କୁ ବିଶ୍ୱସ୍ତରୀୟ ସ୍ୱୀକୃତି କେବଳ ମିଳିନାହିଁ, ଦର୍ଶକମଣ୍ଡଳୀ ନାଟୁ ନାଟୁର ତାଳେ ତାଳେ ନାଚରେ ଝୁମିଛନ୍ତି । ନାଟୁ ନାଟୁ ପାଇଁ ଅସ୍କାର ପୁରସ୍କାର ଗ୍ରହଣ ଉତ୍ସବ ସମସ୍ତ ଭାରତୀୟ ଚିତ୍ରପ୍ରେମୀଙ୍କ ଲାଗି ଗର୍ବ ଓ ଗୌରବର ଗାଥା ବଖାଣିଛି । ସମସ୍ତ ଦେଶବାସୀ ଏଥି ପାଇଁ ଗୌରବାନ୍ୱିତ ମନେ କରୁଛନ୍ତି। ଅନ୍ୟ ଡକୁମେଣ୍ଟାରୀ କ୍ଷୁଦ୍ର ଫିଲ୍ମ 'ଏଲିଫ୍ୟାଣ୍ଟ ହିସ୍କରସ୍'କୁ ଶ୍ରେଷ୍ଠ ପୁରସ୍କାର ପାଇବା ମଧ୍ୟ ଭାରତୀୟ ଚିତ୍ରପ୍ରେମୀଙ୍କ ପାଇଁ ଆନନ୍ଦଦାୟକ ସମାଚାର । ଆର୍ ଆର୍ ଆର୍ ନିର୍ମାତା ଏସ୍. ଏସ୍. ରାଜାମୌଳି ଏବଂ ଅଭିନେତା ରାମ ଚରଣ ଓ ଜୁନିଅର୍ ଏନ୍. ଟି. ଆର୍‌ଙ୍କ ସମେତ ତମାମ୍ ଟିମ୍‌କୁ ସବୁ ମହଲରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏହି ବିଜୟ ପାଇଁ ଅଭିନନ୍ଦନ ବାର୍ତ୍ତା ଦେଇଛନ୍ତି। ଅନ୍ୟତମ ଦକ୍ଷିଣ ଭାରତୀୟ ଡକୁମେଣ୍ଟାରୀର ସଫଳତା ପାଇଁ ମଧ୍ୟ ବଧାଦଇ ମିଳିଛି । ନାଟୁ ନାଟୁର ସଫଳତା ଓ ଶ୍ରେୟ ପାଇଁ ଗୀତିକାର ଚନ୍ଦ୍ର ବୋଷ ଓ ଲେଖକ ଏମ୍. ଏମ୍. କିରବାନ୍ ପୁରସ୍କାର ଗ୍ରହଣ ଅବସରରେ ଅତ୍ୟନ୍ତ ଆବେଗଭରା କଣ୍ଠରେ ପୁରସ୍କାର ସ୍ୱୀକାର କରିଥିଲେ। ଶ୍ରେଷ୍ଠ ଅସ୍କାର ବିଜୟ କ୍ରମରେ ସତ୍ୟଜିତ୍ ରାୟ ଓ ଏ. ଆର୍. ରେହମାନ୍‌ଙ୍କ ପରେ ଦକ୍ଷିଣ ଭାରତୀୟ ଆର୍ ଆର୍ ଓ ଦି ଏଲିଫାଣ୍ଟ ହିସ୍କରସ୍ ବିଜୟ ସମସ୍ତଙ୍କୁ ବିମୋହିତ କରିଦେଇଛି । ପୁରସ୍କାର ଗ୍ରହଣ ଉତ୍ସବରେ ମୂଳ ଗାୟକ ରାହୁଲ ସିପଲଗୁଞ୍ଜ ଓ କାଲ ଭୈରବଙ୍କ ନାଟୁ ନାଟୁ ଗାୟନ ମଞ୍ଚକୁ ଦୁଲୁକାଇ ଦେଇଥିଲା । ସେଥି ସହିତ ମାର୍କିନ୍ ଅଭିନେତ୍ରୀ ଲରେନ୍ ଗୋଟଲିବ୍ ଓ ସାଥୀ କଳାକାରଙ୍କ ନୃତ୍ୟାଭିନୟ ସମସ୍ତଙ୍କ ଭିତରେ ଚମକ ଭରି ଦେଇଛି । ଜାନୁଆରୀରେ ଆର୍ ଆର୍ ଆର୍ କୁ ମିଳିଥିଲା ଗୋଲଡେନ୍ ଗ୍ଲୋବ୍ ପୁରସ୍କାର । ତାହାପରେ ଇତିହାସ ରଚିଥିବା ନାଟୁ ନାଟୁ ସୋମବାର ବେଷ୍ଟ ଅରିଜିନାଲ ସଙ୍ଗ୍ ପୁରସ୍କାର ପାଇବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଯେଉଁ ସମ୍ମାନ ଓ ବିଶ୍ୱସ୍ତରୀୟ ମାନ୍ୟତା ଆଣିଦେଇଛି, ତାହା ଅବିସ୍ମରଣୀୟ ହୋଇ ରହିବ। ଅସ୍କାର ଜିତିବା ପୂର୍ବରୁ ନାଟୁ ନାଟୁକୁ କ୍ରିଟିକ୍ସ ଚଏସ୍ ପୁରସ୍କାର ମିଳିଥିଲା। ଉଲ୍ଲେଖଯୋଗ୍ୟ, ଲସ୍ ଆଞ୍ଜେଲସ୍ ମଞ୍ଚରେ ଉପସ୍ଥିତ ପୁଲିସ ଅଧିକାରୀମାନେ ମଧ୍ୟ ନାଟୁ ନାଟୁର ତାଳେ ତାଳେ ନାଚିବାକୁ ଭୁଲିନଥିଲେ। ବିଭିନ୍ନ ଷ୍ଟେପ୍ ଭିତରେ ଉଭୟ ରାମ ଚରଣ ଓ ଜୁନିଅର୍ ଏନ୍. ଟି. ଆର୍‌ଙ୍କ ନାଟୁ ନାଟୁ ନାଚ ଦର୍ଶକ ମଣ୍ଡଳୀକୁ ମାତାଲ କରିଦେଇଥିଲା । ଅସ୍କାର ଉତ୍ସବରେ ଉପସ୍ଥିତ ରହି ଅଭିନେତ୍ରୀ ଦୀପିକା ପାଦୁକୋନ୍ ନାଟୁ ନାଟୁ ଚୋପ୍ରା, ଦୀପିକା ପାଦୁକୋନ୍‌ଙ୍କ ପାଇଁ ଥିଲା ବିଶେଷ ଗୌରବ । ଅସ୍କାର ଉତ୍ସବରେ ଉପସ୍ଥିତ ରହି ଅଭିନେତ୍ରୀ ଦୀପିକା ପାଦୁକୋନ୍ ନାଟୁ ନାଟୁ ପ୍ରଦର୍ଶନର ଉପକ୍ରମ ଉପସ୍ଥାପନା କରିଥିଲେ । କ୍ଷୁଦ୍ର ଅଥଚ ଭାବପୂର୍ଣ୍ଣ ଉପସ୍ଥାପନା ପାଇଁ ଉକ୍ତ ଫିଲ୍ମକୁ ଅସ୍କାର ଆୱାର୍ଡ ମିଳିବା ଅନେକ କାରଣରୁ ବିଶେଷ ମହତ୍ତ୍ୱ ରଖୁଛି। ଏକ ସମୟରେ ଦୁଇ ଦୁଇଟି ଅସ୍କାର ପୁରସ୍କାର ବିଜୟ ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟିକୁ ଆସିଛି । ଭାରତୀୟ ଫିଲ୍ମର ଅସ୍କାର ବିଜୟ ପାଇଁ ଆମ ଦେଶ ସହିତ ବିଶ୍ୱବାସୀଙ୍କ ଭିତରେ ସୃଷ୍ଟି ହୋଇଥିବା ଉତ୍ସାହ ଓ ଉନ୍ମାଦନା ସମସ୍ତଙ୍କର ପ୍ରଶଂସା ଓ ସ୍ୱୀକୃତିର ଅବଶ୍ୟ ଦାବିଦାର । ଅସ୍କାର ତାର ପରମ୍ପରା ଓ ଇତିହାସରେ ଏକସମୟରେ ଦୁଇଟି ସମ୍ମାନଜନକ ପୁରସ୍କାର ପାଇବାରେ ଏହା ପ୍ରଥମ। ତେଣୁ ଭାରତର ଏହି ପୁରସ୍କାର ବିଜୟ ସମସ୍ତ ଚଳଚ୍ଚିତ୍ରପ୍ରେମୀଙ୍କୁ ଉତ୍ସାହିତ କରିବା ସ୍ୱାଭାବିକ । ଭାରତୀୟ ଚଳଚ୍ଚିତ୍ରର ଲୋକପ୍ରିୟତା ନୁହେଁ, ଏହାର କଳାତ୍ମକ ଦିଗ ପ୍ରତି ମଧ୍ୟ ବିଶ୍ୱ ଏବେ ଗୁରୁତ୍ୱର ସହ ବିଚାର କରୁଥିବା ପରି ପ୍ରତୀୟମାନ ହୁଏ।

# ଧାନ ମଣ୍ଡିରେ ଝୁଲିଛି ଚାଷୀଙ୍କ ଜୀବନ

**ଶୁଭମ୍ ଖଡ଼ିରତ୍ନ**

ବର୍ତ୍ତମାନ ଓଡ଼ିଶାର ସମସ୍ତ ଜିଲ୍ଲାରେ ଧାନ ବିକ୍ରୟ ପାଇଁ ଧାନ ମଣ୍ଡିରେ ଅସନ୍ତୋଷ ଦେଖାଦେଇଛି। କେଉଁଠି ଜିଲ୍ଲାପାଳଙ୍କ ଆଗରେ ଚାଷୀ ଧାନ ପକାଇ ପ୍ରତିବାଦ କରିଛନ୍ତି ତ କେଉଁଠି ରାଜରାସ୍ତାକୁ ଧାରଣା ପାଇଁ ଓହ୍ଲାଇଛନ୍ତି। ମଣ୍ଡିରେ ଧାନ କିଣା ପ୍ରକ୍ରିୟା ଦୁଇ ମାସରୁ ଅଧିକ ବିତି ଗଲେବି ଏବେ ବି ଧାନବିକାର ସମସ୍ୟା ସମାଧାନ ହୋଇପାରି ନାହିଁ। ଓଡିଶାରେ ପନିପରିବା ସହ ବିଭିନ୍ନ ଚାଷ ହେଉଥିଲେ ମଧ୍ୟ ଧାନ ଅଧିକ ଅମଳ ହୁଏ। ଅନେକ ପରିବାର ଧାନ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି।

ଭାରତରେ ଧାନ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଷଷ୍ଠ ସ୍ଥାନରେ ଅଛି। ଶତକଡ଼ା ୬୯ ପ୍ରତିଶତ ଧାନ ଓଡ଼ିଶାରେ ଉତ୍ପାଦନ ହୁଏ। ଗତ ୩୫ ବର୍ଷ ମଧ୍ୟରେ ରାଜ୍ୟରେ ଚାଉଳ ଉତ୍ପାଦନ ପ୍ରାୟ ୪ ନିୟୁତ ହେକ୍ଟର ଅଟିକି ରହିଛି। ଯାହା ଚାଉଳ କ୍ଷେତ୍ରରେ ପ୍ରାୟ ଶତକଡ଼ା ୧୦ ପ୍ରତିଶତ ଅଟେ। ଦେଶରେ ଚାଉଳ ଉତ୍ପାଦନରେ ଓଡିଶାର ଅଂଶ ୧୧ ଶତକଡ଼ାରୁ ଅଧିକ। ଯାହାକି ୨୦୦୮-୦୯ ମସିହାରେ ଧୀରେ ଧୀରେ ୯ ରୁ ୭ ଶତକଡ଼ାକୁ ହ୍ରାସ ପାଇଥିଲା। ଓଡ଼ିଶାରେ ବର୍ତ୍ତମାନ ୪.୪ ନିୟୁତ ହେକ୍ଟର ଜମିରେ ଚାଷ କରାଯାଏ। ଯାହା ଶସ୍ୟ ପରିମାଣରେ ୯୧ ଶତକଡ଼ା ଅଟେ। ରାଜ୍ୟରେ ମୋଟ୍ ଶସ୍ୟ ଉତ୍ପାଦନରେ ୯୪ ଶତକଡ଼ା କରିଥାଏ। ଓଡ଼ିଶାରେ ଧାନ ବିଭିନ୍ନ ଇକୋସିଷ୍ଟମ ଏବଂ ବିଭିନ୍ନ ଜଳବାୟୁ ପରିସ୍ଥିତିରେ ଚାଷ କରାଯାଏ। ଏହାକୁ ସାତୋଟି ଇକୋସିଷ୍ଟମରେ ବିଭକ୍ତ କରାଯାଇଛି। ଜଳ ସେଚିତ ଖରିଫ ୨୭.୪ ଶତକଡ଼ା ବର୍ଷା। ଜଳଭୂମି ୧୯.୧ ମଧ୍ୟମ ଜମି ୧୨.୪ ଶତକଡା, ଅସ୍ଥାୟୀ ନିମ୍ନ ଭୂମି ୨୨.୫ ଶତକଡା ଅର୍ଦ୍ଧ ଗଭୀର ୭.୯ ଶତକଡା, ଗଭୀର ୩.୪ ଶତକଡ଼ା ଏବଂ ଜଳସେଚିତ ରବି ୭.୪ ଶତକଡା। ଖରିଫ ଧାନ ସଂଗ୍ରହ ଋତୁ ଶେଷ ହେବାକୁ ଯେତେ ସମୟ ପକେଇ ଆସୁଛି, ଧାନ ମଣ୍ଡିରେ ଧାର୍ଯ୍ୟ ହୋଇଥିବା ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହେଇପାରୁ ନାହିଁ। ଟୋକନ ପାଇଁ ଧାନ ଚାଷୀମାନେ ଅପେକ୍ଷା କରି ଭାଙ୍ଗି ପଡିଲେଣି। ବାର ବାର ପ୍ରତିଶ୍ରୁତି ଦିଆଯାଉଛି କିନ୍ତୁ ଧାନ କିଣା ଯାଉନାହିଁ। ରାଜ୍ୟରେ ଅନେକ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ଚାଷୀ ରାଜ୍ୟପାଳ ଓ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଆଗରେ ଧାରଣା ଦେବାର ଦୃଶ୍ୟ ସାମ୍ନାକୁ ଆସୁଛି। ମଣ୍ଡିରେ ଧାନ କିଣାକୁ ନେଇ ସବୁ ଯାଗାରେ ଅସନ୍ତୋଷ ଦେଖାଦେଇଛି। ସବୁ ରାଜନୈତିକ ଦଳ ନିଜ ଦୋଷକୁ ସ୍ୱୀକାର ନକରି ଅନ୍ୟ ଦଳ ଉପରେ ଦୋଷ ଲଦି ଚାଲିଛନ୍ତି। ପ୍ରକୃତ ଚାଷ କରିଥିବା ଜମିର ପରିମାଣ ଅନୁଯାୟୀ ଚାଷୀମାନଙ୍କୁ ସର୍ଭେ ନାଁରେ ଠିକ୍ ଭାବରେ ଟୋକନ ମିଳିପାରିନାହିଁ। ମଣ୍ଡିରେ କଟନି ଛଟନି ଲାଗି ରହିଛି। କ୍ୱିଣ୍ଟାଲ ପିଛା ୭ ରୁ ୯ କେଜି ଧାନ କଟା ଯାଉଛି। ଗତବର୍ଷ ଧାନର (ଏମ ଏସ ପି) ସର୍ବ ନିମ୍ନ ସହାୟତା ରାଶି ୧୦୦ ଟଙ୍କା ବୃଦ୍ଧି କରି ୨୦୪୦ ଟଙ୍କା କରଯାଇଛି। ଏମ ଏସ ପି ଦର ୩୦୫୦ ଟଙ୍କାକୁ ବୃଦ୍ଧି କରାଯାଉ ବୋଲି ଚାଷୀଙ୍କ ଦାବି ମଧ୍ୟ ରହୁଛି। ଧାନର ଦର ୨୦୪୦ ଟଙ୍କା ଥିଲେ ମଧ୍ୟ ମଣ୍ଡିରେ କଟା ଛଟା ପାଇଁ ଧାର୍ଯ୍ୟ ହୋଇଥିବ ମୂଲ୍ୟ ମଧ୍ୟ ମିଳି ପାରୁନାହିଁ। ଟୋକନ ପାଇଥିବା ଚାଷୀ ବି ମଣ୍ଡିରେ ଧାନ ଦେଇପରୁନାହାନ୍ତି। ବାଧ୍ୟରେ ବାହାରେ ୧୪୦୦ ରୁ ୧୫୦୦ ଟଙ୍କାରେ ଅନ୍ୟ ବେପାରୀଙ୍କୁ ଦେବାକୁ ପଡୁଛି।ଚାଷୀ ଋଣ ଆଣି ଚାଷ କରୁଛନ୍ତି କିନ୍ତୁ ଧାନ ମଣ୍ଡିର ସମସ୍ୟା ଯୋଗୁଁ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟରେ ଗତ ୧୫ ବର୍ଷ ଭିତରେ ୩୬୦୦ ଚାଷୀ ଆତ୍ମହତ୍ୟା କଲେଣି। ହେଲେ ୨୦୧୭ ପରେ ରାଜ୍ୟରେ ଆଉ ଚାଷୀ ଆତ୍ମହତ୍ୟା ରିପୋର୍ଟରେ ଦେଖିବାକୁ ମିଳୁନାହିଁ। ସତରେ ଚାଷୀ ଆତ୍ମହତ୍ୟା କରୁଥିଲେ ବି ରିପୋର୍ଟ ବାହାର କରା ଯାଉନାହିଁ। ଯେତେ ବି ଚାଷୀ ମରୁଛନ୍ତି ତାଙ୍କୁ ବିଭିନ୍ନ କାରଣ ଦର୍ଶାଇ ସରକାର ଟାଳି ଦେଉଛନ୍ତି। ପଡୋଶୀ ରାଜ୍ୟ ତେଲେଙ୍ଗାନାରେ ଚାଷୀ ମୃତ୍ୟୁ ହେଲେ ୬ ଲକ୍ଷ ଟଙ୍କାର ଓ ଆନ୍ଧ୍ରପ୍ରଦେଶ ୭ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରୁଛନ୍ତି। କିନ୍ତୁ ଓଡ଼ିଶା ସରକାର କାହିଁକି ଚାଷୀଙ୍କ ପ୍ରତି ଏଭଳି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ତାହା ବୁଝା ପଡୁନାହିଁ ।

ପ୍ରତିବର୍ଷ ଏପରି ସମସ୍ୟା ଦେଖାଯାଏ। ଚାଷ ଓ ଚାଷୀଙ୍କ ସଶକ୍ତୀକରଣକୁ ନେଇ ରାଜ୍ୟ ସରକାର ବାହସ୍ୱଟ ମାରୁଛନ୍ତି। ହେଲେ ଚାଷୀଙ୍କ କୋହ କହିଲେ ନ ସରେ। ଧାନ ସଂଗ୍ରହ ଲାଗି ସରକାରଙ୍କ ପାଖରେ ଆବଶ୍ୟକ ମଣ୍ଡି ନଥିବା ବେଳେ ଟୋକନ ବ୍ୟବସ୍ଥା ଭେଲିକିରେ ପରଣିତ ହୋଇଛି। କଟଣି ଛଟଣି ଯୋଗୁଁ ଚାଷୀ ହନ୍ତ ସନ୍ତ ହେଉଥିବା ବେଳେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଆତ୍ମହତ୍ୟା କରୁଛନ୍ତି। ତେଣୁ ଟୋକନ ବ୍ୟବସ୍ଥା କିପରି ଠିକ୍ ଭାବରେ କାର୍ଯ୍ୟକ୍ଷମ ହେବା ତାହା ପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ। କଟଣି ଛଟଣି ପ୍ରକ୍ରିୟାକୁ କେମିତି କମା ଯାଇପାରିବ ତାହା ଚାଷୀଙ୍କ ପ୍ରତି ଲାଭ ଦାୟକ ହେବ।

ଆଇଆଇଏମ୍ ସି, ଢ଼େଙ୍କାନାଳ
ଓଡ଼ିଆ ସାମ୍ବାଦିକତା ଛାତ୍ର
ମୋ: ୯୭୭୭୫୪୯୪୫୮



## ଆବେଗ

**ଦିବାକର ନାୟକ**



ଆସିବାକୁ କହିଥିଲି ଆସିଲନି କାହିଁକି
ରାତି ଏଠି ସରୁ ନାହିଁ ତୁମ ବାଟ ଚାହିଁ
କି ।

ଶୀତଳ ଲାଗୁନି ଆଉ ଜହ୍ନର
ଜୋଛନା
ରଜନୀଗନ୍ଧା କି ସତେ ଦେଉନି
ବାସନା;
ଆସିବନି କହିଥିଲେ ହୋଇଥାନ୍ତା
ଭଲ
ମନର ଆବେଗ ବେଶୀ କରେ
କଲବଲ;

ତୁମକୁ ମୁଁ କେତେ ଝୁରେ ତୁମେ ଜାଣ
ନାହିଁ କି..

ଆସିବାକୁ କହିଥିଲି ଆସିଲନି
କାହିଁକି ।

କି ଯାଦୁ ରହିଛି ତୁମ ହାଡ଼ ମାଂସ
ଦେହେ
ଅଳକାପୁରିର ସୁଖ ମରତେ ମୁଁ ପାଏ;
ମୋ ଜୀବନେ ତୁମେ ଚିର ନୂତନ
ଆଶ୍ଚର୍ଯ୍ୟ
ମୋ କାମନା-କୋଣାରକେ ଅଦ୍ଭୁତ
ଭାସ୍କର୍ଯ୍ୟ;

ବାରତା ମୋ ଅଧା ପଢ଼ି ଆସ ପାଶେ
ଧାଇଁ କି..
ଆସିବାକୁ କହିଥିଲି ଆସିଲନି କାହିଁକି।

ପାଟପୁର କନିସି ଗଞ୍ଜାମ
ମୋ:୯୯୩୮୬୧୯୯୮୧

## ସ୍ମୃତି

**ରମାକାନ୍ତ ଦାସ**



ସ୍ମୃତି,
କେବେ ପାଉଁଶ ତଳର ନିଆଁ
କେବେ ଶେଷ ଶ୍ରାବଣର ଛୁଆଁ ।

ସ୍ମୃତି,
କେବେ ଚୋରାବାଲିର ଦେହ
କେବେ ଅନ୍ଧାର ରାତିର ଲୁହ ।

ସ୍ମୃତି,
କେବେ ଅଭୁଲା ପ୍ରୀତିର ନାଆଁ
କେବେ ପହିଲି ପ୍ରେମର ଛୁଆଁ ।

ସ୍ମୃତି,
କେବେ ଅବୁଝା ଫଗୁଣର ସାଥି
କେବେ ପ୍ରତାରଣା କେବେ ପ୍ରୀତି ।

ସ୍ମୃତି,
କେବେ ଅବ୍ୟକ୍ତ ମନର ଆଶା
କେବେ ପ୍ରେମଭରା ରଙ୍ଗବର୍ଷା ।

ସ୍ମୃତି,
କେବେ ଯନ୍ତ୍ରଣାର ଜଉଘର
କେବେ ବାରୁଦ ସହର ।

ସ୍ମୃତି,
କେବେ ପହିଲି ପୁଲକ
କେବେ ଗ୍ଲାନିର ଦହକ ।

ସ୍ମୃତି,
କେବେ ଶୀତଳ ଚୁମ୍ବନର ଶିହରଣ
କେବେ ଅଫେରା ଫଗୁଣ ।

ସ୍ମୃତି,
କେବେ ମହମହ ବାସଭରା
କେବେ ଆଜୀବନ ଅପାଶୋରା ।

ସ୍ମୃତି,
କେବେ ଛଳନାର ଅଳିଭାଗାର
କେବେ ପାଉଣା ପହିଲି ପ୍ରେମର ।

ସ୍ମୃତି,
କେବେ ସମ୍ପର୍କର ମଧୁଗୀତି
କେବେ ଚାନ୍ଦିନୀର ଚୋରା ଚଇତି ।

ସ୍ମୃତି,
କେବେ ମନତଳର ଅଲିଭା ଛାପ
କେବେ ଲିଭେନାହିଁ ତାର ପ୍ରଲେପ ।

ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ମୋ-୯୬୬୮୮୧୫୩୬୯

## ଆହେ ପ୍ରଭୁ ଭୋଳାନାଥ

**ସୁବ୍ରତ କୁମାର ପ୍ରଧାନ**



ଦେବ ଦେବ ପ୍ରଭୁ ଆହେ
ଭୋଳାନାଥ
ସକଳ ବ୍ରହ୍ମାଣ୍ଡ ଈଶ
ମନ ଜାଣି ବର ଦେଉଥାଅ ଯାଚି
ଭକ୍ତ ପ୍ରିୟ ଆଶୁତୋଷ ।

ବିଭୂତି ଭୂଷଣ ଶ୍ମଶାନ ନିବାସୀ
ଜଗତ କଲ୍ୟାଣ ପାଇଁ
ବିଷ ପାନେ ସାଜିଥିଲ ନୀଳକଣ୍ଠ
ତ୍ରିଭୁବନ ମଣେ ସାଇଁ ।

ସତ୍ୟ ଶିବ ପ୍ରଭୁ ସୁନ୍ଦର ମୂରତି
ଉଜ୍ଜ୍ୱଳ ଆଭାର ଜ୍ୟୋତି
ପ୍ରାଣ ପ୍ରିୟା ପାଇଁ ଅର୍ଦ୍ଧନାରୀଶ୍ୱର
ତ୍ରିପୁରାରୀ ଉମା ପତି ।

ତୃତୀୟ ନୟନେ ଜାଳିଛ ମଦନ
ନାଶିଛ ଦାନବ ତେଜ
ମାତା କାଳୀ କ୍ରୋଧ ଭୈରବ ରଡ଼ିକୁ
ଦୂରକଲ ନଟରାଜ ।

ଗଙ୍ଗାଧର ଶିବ ପିନାକୀ ଧୂର୍ଜଟି
ବିଶ୍ୱମ୍ଭର ଲୋକନାଥ
ପଞ୍ଚାକ୍ଷରୀ ଜପି କ୍ଷୀର ଦେଲେ ଢାଳି
ନାଶୁଛ ପାପ କଳୁଷ ।

ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ତିଥି
ପଡଇ ମହାଜାଗର
ମହାବ୍ରତ ପାଳି ଭକ୍ତ ପାଏ କୃପା
କଟେ ହୃଦ ଅନ୍ଧକାର ।

କୋଟି ପ୍ରଣିପାତ ପାଦତଳେ ରୁଦ୍ର
ରୋଗ ଶୋକ ହେଉ କ୍ଷୟ
ମହାଦୀପ ତବ ଶାନ୍ତିଲୋକ ଦେଉ
ସତ୍ୟ ଲଭୁ ସଦା ଜୟ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ-୭୫୯୧୩୦
ମୋ: ୯୮୬୧୯୭୦୪୧୮

## ଏମିତି ଏ ଚୈତ୍ର

**ନିରଞ୍ଜନ ସାହୁ**

ଏମିତି ଚଇତ୍ର ସାଜଇ ମଇତ୍ର
ଫଗୁଣ ମାସଟି ସରିଲେ
ବସନ୍ତ ଋତୁର ଦ୍ୱିତୀୟାର୍ଦ୍ଧ ବେଳେ
ଧରାବତରଣ କରିଲେ ।
ଦିନୁଦିନ ଖରା ବଢିବଢି ଯାଏ
ଶୀତ ଧରେ ନିଜ ବାଟରେ
ପ୍ରକୃତି ସୁନ୍ଦରୀ ସାଜେ ମନୋହାରୀ
ବସିଛି କୁସୁମ ହାଟରେ
ଚୋରା ଚଇତାଳି ପରଶେ ପାଦପେ
ନବ କିଶଳୟ ଭରିଲେ ।
ଅଶୋକଅଷ୍ଟମୀ , ଶ୍ରୀରାମନବମୀ
ବାସନ୍ତୀକ ଦୁର୍ଗା ପୂଜନ
ରସାଳ ଶାଖାରେ ନିତି ଶୁଭୁଥାଏ
କୋକିଳ କଣ୍ଠର କୂଜନ
ଥଣ୍ଡା, ଜ୍ୱର ଆଦି ଭୟ ରହିଥାଏ
ମଳୟ ପବନେ ଥରିଲେ ।
ନ ଥାଏଟି ଖରା ଅବା ଶୀତ ଭୟ
ନ ଥାଏ ବର୍ଷାର ଦାଉ ଯେ
ଋତୁଙ୍କର ରାଟ ବସନ୍ତ ପ୍ରକଟ
ଦେଖାଏ ତାହାର ଭାଉ ଯେ
ସପନ ଦେଖାଏ କବିତା ଲେଖାଏ
ମନରେ ଭାବନା ଭରିଲେ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩



# ଅଭିନୟର ରଙ୍ଗ

## ଆଦ୍ୟାଶା ମହାପାତ୍ର



ବୃଦ୍ଧ ମଣିଷ ତାଙ୍କ ରୁମରେ ଶୋଇଥିଲେ, ସମ୍ମାନସ୍ପଦ ଗୁରୁଜନଙ୍କ ପରି। ମୁହଁରେ ତଟସ୍ଥ ଭାବ। ବିଛଣାରେ ସଫା ଚାଦର। ଦେହରେ ନୂଆ ଧୋତି, ପଞ୍ଜାବି। ପାଖ ଟେବୁଲରେ ସଜେଇ ହୋଇ ରହିଥିଲା ଫଳ, ଔଷଧ, ହର୍ଲିକ୍ସ, ଚ୍ୟବନପ୍ରାସ ଇତ୍ୟାଦି..! ହେଲେ ନିକିତାଙ୍କ ବେକରେ, ହାତରେ ନଥିଲା ଦାମୀ ଅଳଙ୍କାର। ହାତର ମୋଟା ମୋଟା ଚୁଡ଼ି, ବେକର ହାର ଆଦି ଆଲମିରା ସିକ୍ରେଟ ଚାମ୍ବରରେ ବିଶ୍ରାମ ନେଉଥିଲେ। ଘରର ଯାବତୀୟ ଦାମୀ ଓ ସୁନ୍ଦର ଜିନିଷ ଥିଲା ଆଢୁଆଳରେ। ଗୋପନରେ ସବୁଆଡେ ଖାଲି ଖାଲି ଭାବ, କିନ୍ତୁ ମୁହଁରେ ଥିଲା ଗୋଟେ ସୁନ୍ଦର ମୁଖା। ଅଳ୍ପକେ ସନ୍ତୁଷ୍ଟିର ମହନୀୟତା...!

ବୃଦ୍ଧଙ୍କ ସାମ୍ନାରେ ଠିଆ ହୋଇଥିଲେ ଝିଅ ଜୋଇଁ। ବହୁତ ଦିନ ପରେ ଆସିଛନ୍ତି ପ୍ରାଚୁର୍ଯ୍ୟମୟୀ ଦେଶ ଆମେରିକାରୁ। ବୃଦ୍ଧ ମଣିଷର ସ୍ୱାସ୍ଥ୍ୟ ପାଇଁ ଉଦବେଗ ଦେଖାଇଲେ। ମନେ ମନେ ଜଳି ଯାଉଥିଲେ ନିକିତା। ହେଲେ ନରମ ଗଳାରେ କହିଲେ -'ଡାକ୍ତର ଆସୁଛନ୍ତି। ଚେକ୍ ଅପ୍ କରୁଛନ୍ତି। ମେଡିସିନ, ଫଳ, କ୍ଷୀର, ହର୍ଲିକ୍ସ ଯେତେ ଯାହା ସମ୍ଭବ ସବୁ ଆଣୁଛନ୍ତି ତୁମ ଭାଇ। ରାତିରେ ବାପାଙ୍କ ଚିନ୍ତାରେ ନିଦ ହୁଏନି ଠିକ୍‌ରେ। ଉଠି ଆସି ଦେଖି ଯାଆନ୍ତି ଥରକୁ ଥର। ମୁଁ ତାଙ୍କୁ ବୁଝାଏ : ତୁମେ ଘରର ମୁରବି। ଏମିତି ଅଧିର ହେଲେ ଘର ଚଳିବ କେମିତି ?'

ବଲବଲ ଚାହିଁଥିଲେ ବୃଦ୍ଧ ମଣିଷ। ଛୁଇଁଲେ ଝିଅକୁ। କଣ୍ଠ ସେପଟେ ଅନେକ ଭାଷା। ଅନୁଚ୍ଚାରିତ କେତେ ଶବ୍ଦ। କିନ୍ତୁ ବୋହୂର ତାଗିଦ୍। ଧମକପୂର୍ଣ୍ଣ ଇଙ୍ଗିତ। 'ବିଜୟା ! ମା' ମୋର! ମୋର କଣ୍ଠରୋଧ କରାଯାଇଛି।' ନିର୍ବାକ ସ୍ୱର।

- 'ବିଜୟା ! ଚାଲ। ଗାଧୁଆ ପାଧୁଆ କର। ଫ୍ରେସ୍ ହୋଇଯାଅ। ତୁମ ପସନ୍ଦର ଖାଇବା ସବୁ ରୋଷେଇ କରିବାକୁ ଚେଷ୍ଟା କରିଛି। ତୁମ ଭାଇ ମାଟି ହାଣ୍ଡି ଦହି ଆଉ କ'ଣ କ'ଣ ସବୁ ତୁମ ପାଇଁ ଆଣି ଫ୍ରିଜରେ ରଖିଛନ୍ତି।' ଖୁସିରେ ଉଛୁଳି ପଡୁଥିଲା ବିଜୟା।

-'ହେଲେ ଭାଉଜ ! ତୁମେ ଆଉ ମୋଟେ ମୋ ସୁନା ଭାଉଜ ଭଳି ଦେଖା ଯାଉନା। ତୁମେ କେତେ ଖାଲି ଖାଲି ଦିଶୁଛ ?'

ଏତିକି ତ ଶୁଣିବାକୁ ଚାହୁଁଥିଲା ନିକିତା। ଆଖି ଛଳଛଳ କରି କହିଲା -'ସବୁଦିନ କ'ଣ ସବୁକଥା ଥାଏ ବିଜୟା ? ଏବେ ଜଞ୍ଜାଳ ବଢିଛି। ଘରଖର୍ଚ୍ଚ, କୁନାର ପଢ଼ା ଖର୍ଚ୍ଚ, ବାପାଙ୍କ ଔଷଧ ପତ୍ର, ଡାକ୍ତର ଖର୍ଚ୍ଚ! ତୁମ ଭାଇଙ୍କ ଦରମାରେ ହିଁ ସବୁ ଆଡଜଷ୍ଟ କରିବାକୁ ପଡୁଛି। ସେ ତ ଦୁର୍ନୀତି ପସନ୍ଦ କରନ୍ତିନି। ଛାଡ.. ସୁନାଗହଣାରେ କ'ଣ ଅଛି ? ସ୍ନେହ ମମତା, ଦୟା, କ୍ଷମା ଏସବୁ ଜଣେ ନାରୀର ତ ଗହଣା ହେବା ଦରକାର।' ବିଜୟା ମୁହଁରେ ଯେମିତି ବିନ୍ଦୁ ବିନ୍ଦୁ ହୋଇ ଝଟକୁଥିଲା ଖୁସିର ଆଲୋକ।

-'ଭାଉଜ ତୁମେ ବହୁତ ଭଲ। ସତରେ ବହୁତ ଭଲ।' ଗିଫ୍ଟ ପ୍ୟାକ ଖୋଲୁ ଖୋଲୁ କହିଲା ବିଜୟା। ନିକିତା ଭାଗରେ ଥିଲା ପରଫ୍ୟୁମ, କସମେଟିକ୍ସ ଗୋଟେ ଭ୍ୟାନିଟି ବ୍ୟାଗ୍। ଯଦିଓ ନିକିତା ସେଥିରେ ଆଦୌ ସନ୍ତୁଷ୍ଟ ନଥିଲା। ହେଲେ କହିଲା -'ତୁମେ ଦୁହେଁ ଆସିଲ ବଡ଼ କଥା। ଏତେ ଜିନିଷ କ'ଣ ଦରକାର ଥିଲା ? ବିଶ୍ୱାସ କର। ଆର୍ଥିକ ଅବସ୍ଥା ଦେଖି କୌଣସି ସଉକରେ ମୋର ଏବେ ଆଉ ଏତେଟା ଦୁର୍ବଳତା ନାହିଁ। ନିଜର ଆର୍ଥିକ ଦୁରାବସ୍ଥା ବିଷୟରେ କହିବାକୁ କୌଣସି ପରିସ୍ଥିତିରେ ମଉକା ଛାଡିବାକୁ ଚାହୁଁ ନଥିଲା ନିକିତା।

ପରଦିନ ରାତିରେ ନିକିତା ହାତରେ ବିଦାଏ ହେବ ଟଙ୍କା ଧରେଇ ଦେଇ ବିଜୟା କହିଲା -' ଭାଉଜ! ତୁମ ଋଣ ଶୁଝି ହେବାର ନୁହେଁ। ତୁମେ ବାପାଙ୍କ ପାଇଁ ବହୁତ କିଛି କରିଚାଲିଛ। ବାପାଙ୍କ ଔଷଧ ପାଇଁ ଇଏ ଖାଲି ଅଳ୍ପ କିଛି..!' ନିକିତା ଟଙ୍କାର ଉଷୁମ ଛୁଆଁରେ ପୁଲକିତ ହୋଇ ଉଠିଲା।

ଆଉ ଯିବା ଦିନ ବିଜୟା ଆଉ ବିନୟ ବେଶ କିଛି ସମୟ ନିଜ ଭିତରେ କଥା ହେଲେ। ଘରର ଶୂନ୍ୟ ରୂପ, ଔଷଧ ଟେବୁଲ୍, ବାପାଙ୍କ ଉଦାସ ଚେହେରା, ନିଷ୍ପ୍ରଭ ଆଖି ବିଗଳିତ କଲା ତାଙ୍କୁ। ତରଳି ଗଲା ଛାତି, ଆଖି ଓ ମନ। ଭାଉଜଙ୍କୁ ଘର ଭିତରକୁ ଡାକି ନେଇ ବିଜୟା କହିଲା - ଗୋଟିଏ କଥା ରଖିବ? ମୁଁ ଜାଣେ ତୁମର ସ୍ୱାଭିମାନ ଅଛି, ଆତ୍ମସମ୍ମାନ ଅଛି, ହେଲେ ମୁଁ ବି ଏ ଘରର ଝିଅ। ଜଣେ ଝିଅ ବାହା ହୋଇଗଲେ ମା'ବାପାଙ୍କ ଉପରୁ ଅଧିକାର, ଦାୟିତ୍ୱ ସରିଯାଏନା। ବାପା ଅଛନ୍ତି, ତାଙ୍କ ପ୍ରତି ମୋର କର୍ତ୍ତବ୍ୟ ଅଛି, ସେ ଦୃଷ୍ଟିରୁ କହୁଛି...

-'କଥା କ'ଣ ବିଜୟା। ତୁମେ ତ ପର କେହି ନୁହଁ। ମୋର ଅତି ଆପଣାର। ତୁମର କୌଣସି କଥାକୁ ମୁଁ ଖରାପ ଭାବିବି ନାହିଁ।'

-'ବାପାଙ୍କ ଅବସ୍ଥା ଦେଖିଲି। ତୁମ ଅବସ୍ଥା ଦେଖିଲି। ମୋତେ ସବୁକଥା ଆଗରୁ ବୁଝିବାର ଥିଲା। ଛାଡ..! ଏବେ ଆମେ ଠିକ୍ କରିଛୁ, ପ୍ରତି ମାସ କିଛି କିଛି ଡଲାର ପଠେଇବୁ..!'

ସେଇ କଥା ତ ଶୁଣିବାକୁ ଚାହୁଁଥିଲା ନିକିତା। ଆଖି ଆଗରେ ଭାସି ଉଠିଲା ବ୍ୟାଙ୍କ୍ ବାଲାନ୍ସ। ସୁନାଗହଣା, ଦାମୀ ଆସବାବପତ୍ରରେ ଭରପୁର ଏକ ସୁନ୍ଦର ଘର। ଏକ ବିଳାସମୟ ଜୀବନ। ଟିକେ ଛଳନା, ଟିକେ ଅଭିନୟ ଯଦି ସେ ନକରି ପାରିଥାନ୍ତା ଚୁରମାର ହୋଇଯାଇଥାନ୍ତା ସବୁ ସ୍ୱପ୍ନ। ସେ ନିଜ ପାରିବାପଣକୁ ତାରିଖ କଲା, କିନ୍ତୁ ମନର ଅସୁମାର ଖୁସିର ବିନ୍ଦୁଏ ବି ପ୍ରତିଫଳନ ପଡିଲା ନାହିଁ ମୁହଁରେ।

-'କୁହ ତ ଏତେ ଦିନ ପରେ, ମୋଟେ ଚାରିଦିନ ପାଇଁ ମାୟା ଲଗେଇବାକୁ କାହିଁକି ଆସୁଥିଲ !' ନିଜର ଭାବମୂର୍ତ୍ତିକୁ ରଙ୍ଗକରି ଆର୍ମଚେୟାରରେ ବସିଥିବା ବୃଦ୍ଧ ମଣିଷଙ୍କ ପାଖରେ ଅନ୍ତରଙ୍ଗ ଭଙ୍ଗୀରେ ଠିଆ ହୋଇଥିଲା ନିକିତା। ଚେଷ୍ଟା କରି ଆଖିକୋଣକୁ ଓଦା କରିଦେଲା। ସୁଁ ସୁଁ ହେଲା। ଭାଉଜ କାନ୍ଧରେ ମୁଣ୍ଡ ରଖି ବିଜୟା କହିଲା-' ବାପାଙ୍କୁ ଆହୁରି ଭଲ ପାଇବ ଭାଉଜ। ସ୍ନେହ, ଆଦର, ଭଲପାଇବାଠୁ ବଳି ଔଷଧ ଆଉ କ'ଣ ଅଛି ? ତୁମକୁ ଅଧିକା କିଛି କହିବାର ଦରକାର ବି ନାହିଁ। ତୁମେ ଯେ ସ୍ନେହ ମମତାର ପ୍ରଶାନ୍ତ ମହାସାଗର..' ତା'ପରେ ଲୋଟିଗଲା ସେ ବାପାଙ୍କ କୋଳରେ।

-'ବାପା ଅବୁଝା ହେବ ନାହିଁ। ଭାଇ ଭାଉଜଙ୍କୁ ହଇରାଣ କରିବ ନାହିଁ। କଟୁ କଥା କହିବ ନାହିଁ। ଯାଉଛି ମୁଁ...'

-'ପାରୁଛୁ ତ ମତେ ନେଇ ଯା.. ନେଇ ଯା'ରେ ମା ଏଠୁ... ମୁଁ ଆଉ ସହି ପାରୁନାହିଁ..' ନିଃଶବ୍ଦର ଶବ୍ଦ.. ସାମ୍ନାରେ ନିକିତା ଆଖିରେ ତାଗିଦର ଚାବୁକ ଲହଲହ କରୁଥିଲା। ଖୁବ୍ ତ ସାହସ ?

ବୃଦ୍ଧ ପିତାଙ୍କର ସେସବୁ ନୀରିହ ଶବ୍ଦ ବିଜୟା ଶୁଣୁଥିଲା ଅଥଚ ମାନେ ବୁଝି ପାରୁନଥିଲା। ମନ ପଢି ପାରିନଥିଲା। ତା ମନକୁ ଯେ ଘୋଡେଇ ଦେଇଥିଲା ନିକିତା, ତା'ର ଅଭିନୟ ଚିତ୍ରିତ ପଣତକାନିରେ..! କହିବାକୁ ଚାହିଁ ନିର୍ବାକ ରହିଗଲେ ବୃଦ୍ଧ ପିତା।

ତା ପରର ଦୃଶ୍ୟ ପୂର୍ବବତ୍। କୁନା ଫେରିଲା ବୃଦ୍ଧଙ୍କ ପ୍ରଶସ୍ତ ରୁମକୁ। ବୃଦ୍ଧ ଫେରିଲେ ବାହାର ବାରଣ୍ଡାରେ ଥିବା ସେଇ ଅନ୍ଧାରୁଆ ଛୋଟିଆ ରୁମକୁ। ସୁନାଗହଣା, ଅନ୍ୟାନ୍ୟ ଜିନିଷ ପତ୍ର ଶୋଭା ପାଇଲେ ନିଜ ନିଜ ଜାଗାରେ। ଗୋପନୀୟତାର ଆଉ ପ୍ରୟୋଜନତା କ'ଣ ?

ଏକ ନୂଆ ଘଟଣା ଘଟିଲା ଠିକ୍ ମାସଟିଏ ପରେ। ଆଗରୁ ନଜଣେଇ ହଠାତ୍ ବିଜୟା ଆଉ ବିନୟ ଆସି ପହଞ୍ଚିଲେ। ନିକିତା ତାଜୁବ। ସବୁ କିଛି ଆଖି ଆଗରେ ଝଲମଲ! ଆଉ କିଛି ବୁଝିବାକୁ ବାକି ନଥିଲା। ଆମେରିକାରେ ଥିଲେ ବି ବିଜୟା ମନରେ ଥିଲା ତା' ବାପାଙ୍କ ପ୍ରତି ଅହେତୁକ ଦୁର୍ବଳତା। ସବୁ କିଛି ଜାଣିଲା ପରେ କେମିତି ଚୁପ୍ ହୋଇ ବସିଥାନ୍ତା ସେଠି। ବାପାଙ୍କୁ ତା'ର ନିଜ ପାଖକୁ ନେଇଯିବାକୁ ସବୁ ବନ୍ଦୋବସ୍ତ କରି ଆସିଥିଲେ ସେମାନେ। କୁନା ଯେ କେତେବେଳେ ତାଙ୍କ ବ୍ୟାଗରେ ଚିଠି ଲେଖି ସବୁ କଥା ଜଣାଇବାକୁ ଚେଷ୍ଟା କରିଥିଲା, ସେ ସେତେବେଳେ ଜାଣି ପାରିନଥିଲେ।

ଆମେରିକାରେ ବୃଦ୍ଧ ମଣିଷ ନୂଆ ଚଷମାରେ ପଢୁଥିଲେ ତାଙ୍କ ପ୍ରିୟ ସାତ ବର୍ଷର ନାତି କୁନାର ଅଙ୍କାବଙ୍କା ଅକ୍ଷରର ଚିଠି।- 'ଅପା ! ମାମା ପାପା ବହୁତ ଖରାପ। ତୁମକୁ ସେମାନେ ସବୁ ମିଛ କହୁଛନ୍ତି। ଜେଜେଙ୍କୁ ଭାରି ହଇରାଣ କରୁଛନ୍ତି। ଜେଜେଙ୍କ ଦେହ ଖରାପ ହେଲେ ବି ଔଷଧ ଦେଉନାହାନ୍ତି। ମୋତେ ମନା କରିଥିଲେ ତୁମକୁ କିଛି କହିବା ପାଇଁ। ମୋତେ ଜେଜେଙ୍କ ପାଖକୁ ଛାଡୁ ନାହାନ୍ତି। ଏ ଚିଠି କଥା ଜାଣିଲେ ମୋତେ ବାଡେଇବେ। ଆଉଥରେ ଆସିଲେ ମୋ ପାଇଁ ବେଶୀ ଚକୋଲେଟ ଆଣିବ। ଜେଜେଙ୍କୁ ତୁମେ ଏଠୁ ନେଇଯାଅ।'

ବୃଦ୍ଧଙ୍କ ଆଖିରେ ଅସରା ଲୁହ। ଏ ଲୁହ ଏତେ ଦିନ ପରେ ସ୍ୱଚ୍ଛନ୍ଦରେ ବହି ଚାଲିଛି। ଲୁହ ଉପରେ ଯେ କଟକଣା ଜାରି ହୋଇଥିଲା ! ହେଲେ ଆଜିର ଲୁହ ଖୁସିର ! ପୁଅ ନହେଲା ନାହିଁ ଏବେ ବଳଟେ ନାତି ମୋର ଦୁଃଖ ବୁଝି ପାରୁଥିଲା ଜାଣି ବିହ୍ୱଳିତ ହୋଇ ପଡୁଥିଲେ ବୃଦ୍ଧ। ସେ ଲୁହକୁ ଝିଅ ଜୋଇଁ ଦୁହେଁ ଦେଖୁଥିଲେ ଆଢୁଆଳରେ...!!!

+ନୂଆପଡା, କଟକ

# ନାରୀ ସବୁବେଳେ ସଶକ୍ତ

## ସମ୍ପର୍କର ରଙ୍ଗ

## ଶ୍ୱେତା ରାଉତ୍



ମହିଳାମାନଙ୍କ ଅଗ୍ରଗତିକୁ ଯଦି କେହି ପ୍ରତିବାଦ କରୁଥାଏ, ତେବେ ସେ ହେଉଛି କେବଳ ମହିଳା। ଝିମିଟି ଖେଳରୁ ମହାଭାରତ ଭଳି ଛୋଟରୁ ବିରାଟ ହେଉଥିବା ପାରିବାରିକ ସମସ୍ୟା ପ୍ରଥମେ ଆରମ୍ଭ ହୋଇଥାଏ ମହିଳାମାନଙ୍କଠାରୁ। କର୍ମକ୍ଷେତ୍ର ହେଉ କି ସାଧାରଣରେ ଜଣେ ମହିଳା ହିଁ ଅନ୍ୟ ଜଣେ ମହିଳାକୁ ଇର୍ଷା କରେ। ଅନ୍ୟ ଜଣେ କିଭଳି ଶାଢୀ ପିନ୍ଧିଲେ, ଗହଣା ପିନ୍ଧିଲେ, କେମିତି ଦିଶିଲେ, କେତେ ଖୁସିରେ ରହିଲେ ନିଜ ସହିତ ତୁଳନା କରି ମନରେ ଇର୍ଷାଭାବ ରଖିଥାନ୍ତି ଅନେକ ମହିଳାମାନେ। ଶାଶୁଘରେ ପୁରୁଷମାନଙ୍କ ଅପେକ୍ଷା ବୋହୁଟିଏ ବା ମହିଳାଟିଏ ଅଧିକ ନିର୍ଯ୍ୟାତିତା ହୋଇଥାଏ ଶାଶୁ, ଯାଆ, ନଣନ୍ଦଙ୍କ ଭଳି ମହିଳାମାନଙ୍କ ଦ୍ୱାରା। ଚାକିରୀ ହେଉ କି ସୃଜନ, ସେବା ହେଉ କି ସ୍ୱାଧୀନତା ଯେତେବେଳେ ମହିଳାଟିଏ ଆଗକୁ ବାହାରେ, ତାକୁ ପ୍ରଥମେ ଅବରୋଧ କରିଥାନ୍ତି ଘରର ମହିଳାମାନେ। ଯଦି କୌଣସି ମହିଳା ଜ୍ଞାନୀ, ଗୁଣୀ ହୋଇଥାଏ, ଅଧିକ ଲୋକପ୍ରିୟତା ପାଉଥାଏ, ତେବେ ସେ ଅଧିକ ମହିଳାମାନଙ୍କ ଇର୍ଷାର ଶୀକାର ହୋଇଥାଏ।

ସବୁଠୁ ବଡ ଦୁଃଖର କଥା ଆମେ କେଉଁଠି ଏତେ ଶୁଣନ୍ତିନି ପୁରୁଷ, ପୁରୁଷମାନଙ୍କୁ ନିର୍ଯ୍ୟାତନା ଦେବା କଥା, ଅନେକ ଜାଗାରେ ପୁରୁଷମାନେ ମହିଳାମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ନୀରବରେ ନିଜ କଷ୍ଟକୁ ମାରି ବଞ୍ଚୁଥାନ୍ତି। ସବୁଆଡେ ପ୍ରାୟ ଆମେ ଶୁଣନ୍ତି କେଉଁଠି ଶାଶୁ ବୋହୁକୁ ନିର୍ଯ୍ୟାତନା ଦେଲାଣି ତ ବୋହୁ ଶାଶୁକୁ ନିର୍ଯ୍ୟାତନା ଦେଲାଣି। ଯେଉଁଠି ଶାଶୁ ଓ ବୋହୁ ଉଭୟ ମହିଳା। ତେବେ କେଉଁ ସଶକ୍ତିକରଣର କଥା କହି ଆମେ ମହିଳାମାନଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ଦାବି କରିବା!! ମହିଳାମାନଙ୍କ ଅଧିକାରର ଅଙ୍କୁଶ ଯେଉଁଠି ମହିଳାମାନଙ୍କ ହାତରେ? ସେଥିପାଇଁ କୁହାଯାଏ ଜଣେ ପୁରୁଷ ଶିକ୍ଷିତ ହେଲେ ସେ ତା ଜୀବନ କ୍ଷେତ୍ରରେ ନିଜେ ସଫଳ ହୁଏ, କିନ୍ତୁ ଜଣେ ନାରୀ ଶିକ୍ଷିତ ହେଲେ, କେବଳ ପରିବାର ନୁହେଁ, ସମଗ୍ର ବିଶ୍ୱକୁ ସମର୍ଥ କରିବାର ସାମର୍ଥ୍ୟ ରଖିଥାଏ। ତେଣୁ ଏ ଦିଗ ପ୍ରତି ଅର୍ଥାତ୍ ମହିଳାଙ୍କୁ ପ୍ରଗତି କ୍ଷେତ୍ରରେ ଆଗେଇ ନେବାକୁ ପରିବାରରେ ପ୍ରଥମେ ମହିଳାମାନଙ୍କ ଭୂମିକା ଜରୁରୀ। ନିଜ ଝିଅକୁ ଗେହ୍ଲା ବସର କରି, ତା ଇଚ୍ଛା ମୁତାବକ ଜୀବନ ଗଢିବାର ପ୍ରେରଣା ଦେଉଥିବା ବେଳେ, ବୋହୂକୁ ସେତିକି ଶ୍ରଦ୍ଧା, ପ୍ରେରଣା ନଦେଇ ତାର ସଫଳତାର ବାଧକ ସାଜିବା ତା' ଠାରେ ଆବଶ୍ୟକରୁ ଅଧିକ ଆକାଂକ୍ଷା ରଖିବା ଆଦୌ ଗ୍ରହଣୀୟ ନୁହେଁ। ସେଥିପାଇଁ ଆଜିକାଲି ବୋହୁମାନଙ୍କ ଭିତରେ ପରିବାର ବା ସମ୍ପର୍କ ପ୍ରତି ଅନାବିଳଭାବ ରହୁନାହିଁ।

ଯାହାକୁ ବନ୍ଧାଯାଏ, ସେ ମୁକ୍ତ ହେବାକୁ ଚାହେଁ, ଯାହା ପ୍ରତି ଅବିଚାର ହୁଏ, ସେ ନ୍ୟାୟ ଚାହେଁ, ଯାହାକୁ ଅଧିକ କଷ୍ଟ ହୁଏ, ସେ ଆରାମ ଚାହେଁ, ଯାହା ପ୍ରତି ପକ୍ଷପାତ କରାଯାଏ ସେ ଅଧିକାର ଆଶା କରେ, ଯାହାକୁ ଶ୍ରଦ୍ଧା ଦିଆ ନଯାଏ, ତା'ଠାରୁ ଶ୍ରଦ୍ଧା ଆଶା କରାଯାଇନପାରେ। ବୋହୂଟିଏ ପ୍ରତି ସବୁବେଳେ ଅଙ୍ଗୁଳି ଉଠେଇ ଖରାପ ଖରାପ କହିଲେ ଭଲ ଥିଲେ ବି ସେ ଖରାପ ହୋଇଯାଏ, ଏବଂ ଏ ଆରୋପ ସବୁବେଳେ ଘରର ମହିଳାମାନଙ୍କଠୁ ହିଁ ଆରମ୍ଭ ହୁଏ। ଝିଅକୁ ଯେତିକି ଆଦର, ପ୍ରେରଣା ଦିଆଯାଏ, ବୋହୂକୁ ବି ସେତିକି ଅନୁଭବ କରାଇବା ନିହାତି ଆବଶ୍ୟକ।

ବିଶ୍ୱ ମହିଳାଦିବସ ଅବସରରେ ସମସ୍ତ ମହିଳାମାନଙ୍କୁ ବିନମ୍ର ଅନୁରୋଧ କେବଳ ନିଜକୁ ଏକ ଉତ୍ତମ ମହିଳାଭାବେ ସଂସ୍କାର ପରାୟଣା କରିପାରିଲେ, ନିଜର ଶ୍ରଦ୍ଧା, ସମର୍ପଣ, ଦାୟିତ୍ୱବୋଧତାରେ ସମ୍ପର୍କ ସଜାଡି ପାରିଲେ ଅଧିକାର ମାଗିବାକୁ ଯୁଦ୍ଧ କରିବାକୁ ପଡିବ ନାହିଁ । ସମସ୍ତଙ୍କ ସଦିଚ୍ଛାରେ ଅଧିକାର ପ୍ରାପ୍ତ ହୋଇପାରିବ ବୋଲି ମୋର ବିଶ୍ୱାସ। ମହିଳାମାନେ ସ୍ୱାଧୀନତା ଆଳରେ ଯେମିତି ସ୍ୱେଚ୍ଛାଚାରିତାର ବଶବର୍ତ୍ତୀ ନ ହୁଅନ୍ତି ଏବଂ ମମତାମୟୀ ମାତୃତ୍ୱର ମୃତ୍ୟୁ ନ ହୁଏ, ଏହା ପ୍ରତି ଯତ୍ନଶୀଳ ହେବା ଆମ ସମସ୍ତଙ୍କର ଦାୟିତ୍ୱ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆଜିର କବିତା

## ସୃଷ୍ଟି ଓ ସ୍ରଷ୍ଟା

### ଦିପ୍ତିମୟୀ ପଣ୍ଡା



ଜୀବନର ଅସଲ ପରିଭାଷାକୁ
ସାଥେ ନେଇ ଜନ୍ମିଥାଏ
ଯେଉଁ ଯୁଗ ପୁରୁଷ
ସତ ମିଛର ସଂସାର ଭିତରେ
ଅସଲ ଯାହାର ପ୍ରତ୍ୟେକଟି
ରୂପ ଓ ପ୍ରତିମ ।
କେବେ ନିହତି ଜରୁରୀ
ମୂଲ୍ୟବାନ ସଂପଦ
ତ ଆଉ କେବେ
ମୂଲ୍ୟହୀନ ଅପଦାର୍ଥ ।
ଜନ୍ମ ହେବା କ୍ଷଣି
କିଏ ଲକ୍ଷ୍ମୀ ବୋଲି ସମ୍ବୋଧି
ବରିନିଏ ଘରକୁ
ପାଦ ପୂଜା କରି
ତ ଆଉ କିଏ
ଧରାଗମ ହେବ ପୂର୍ବରୁ
ତଂଟି ଚିପି ଦେଖାଇଦିଏ
କଦର୍ଯ୍ୟ ପୁରୁଷତ୍ୱ ।
ସାନ ବେଳେ ଯେଉଁ କୋଳ
ପାଇଁ ନିତି ହୁଏ ଝଗଡା
ଆଜି ସେଇ କୋଳ
ମୋର ତୋରର ତିଆରି କରେ
ବାଡ଼ ଓ ଘେର
ହେଇଯାଏ ଅଲୋଡ଼ା ।
କେବେ ସେ ବୋଲାଏ ବୋଝ
ତ ଆଉ କେବେ
ହୁଏ ପିପାସା ମେଣ୍ଟାଇବାର
ଏକ ମାତ୍ର ବ୍ୟବହୃତ ସାମଗ୍ରୀ ।
ତଥାପି ସେ ସହନଶୀଳା
ଦୁଇ କୁଳ ହିତା
ସେ ହିଁ ସୃଷ୍ଟି ସେ ହିଁ ସ୍ରଷ୍ଟା ।

+ଦେଓଗାଁ, ବରଗଡ଼

## ଜୀବନ ସଂଗ୍ରାମ

### ବର୍ଷାରାଣୀ ମହାମଲ୍ଲିକ



କେତେ କେତେ ସଂଗ୍ରାମ କରେ ମଣିଷ
ଏ ଜୀବନ ନିମିତ୍ତ,
ଆଉ ଯୋଡି ହୋଇଯାଏ
ଯନ୍ତ୍ରଣା ମଧ ତା ସହିତ।
ଜୀବନ ଥିଲେ ଯନ୍ତ୍ରଣା ଥାଏ
ଥାଏ ଦୁଃଖ ଯାତନା,
ନ ଭାଙ୍ଗି କି ମନ ହୋଇ ଉଚ୍ଚ ପ୍ରାଣ
ସାମ୍ନା କରେ ସେ ତାଡ଼ନା।
କିଏ ପେଟ ପାଇଁ କିଏ ପାଠ ପାଇଁ
କିଏ ବଞ୍ଚିବା ପାଇଁ କି କରେ ସଂଗ୍ରାମ,
ଯେତେ ଝଡ଼ ଝଞ୍ଜା ଆସିଲେ ବି ମଧ
ସାଧେ ଆପଣାର କାମ।
ସହି ବର୍ଷା ଶୀତ ଅସହିଷ୍ଣୁ ଖରା
ହେଲା ଜମା କରିବନି,
ସଂଗ୍ରାମ ଯଦି ଦିନେ ଅଟକିଲା
କଟିଯିବ ଦାନାପାଣି।
ପ୍ରତି ମୁହୂର୍ତ୍ତରେ ମଣିଷ ଏଠାରେ
ସଂଗ୍ରାମ କରି ବଞ୍ଚୁଛି
କେତେ କଷ୍ଟ ଆଉ ଯନ୍ତ୍ରଣା ସହିକି
ଉପରେ କେତେ ହସୁଛି।
ଦୁନିଆ ମଞ୍ଚରେ ସର୍ବ ସମ୍ମୁଖରେ
ଅଭିନୟେ ଥାଏ ରତ,
ସଂଗ୍ରାମ ର ଅନ୍ତ ଯେ ନାହିଁ
ଚାଲୁଥିବ ଅବିରତ।
କିଏ ମୃତ୍ୟୁ ସହ ଯୁଝୁଛି ଏଠାରେ
କିଏ ଦେଖୁଛି ସପନ
ଏ ସଂଗ୍ରାମ କିନ୍ତୁ ଚାଲିଥିବ ସଦା
ଯେ ଯାଏ ଥିବ ଜୀବନ।

+ବରଗଡ଼
ମୋ: ୮୨୭୦୬୫୯୩୩୨

## ଚିର ବସନ୍ତ

### ରତ୍ନକାନ୍ତି ମିଶ୍ର



ଲୁହର ଯେମିତି ଲାଳିତ୍ୟ ଅଛି
ସାରେଗାମା ଅଛି....
ଲହୁ ବି ସେମିତି
କେବେ କେବେ ଗୀତ ଗାଏ
ନିଉଛୁଣା ନିଛାଟିଆ ଅଂଧାର ରାତିରେ ;
ଯୁଦ୍ଧଭୂଇଁରେ
ଏବେ ଏବେ ବଣ୍ଟା ଚାଲିଚି
ଲହୁ ଭିଜା ମାଟି
ଭରା ଭରା ବ୍ୟୋମଯାନେ
ଅହଂର ବ୍ୟଞ୍ଜନ,
କିଛି କିଛି ଅପଲକ ଆଖିଙ୍କର
କାକୁସ୍ଥ ଔଷଧୀ
ତଥାପି ତ ବାରମ୍ବାର ପଥ ହୁଡ଼େ
ନିର୍ବାକ୍ ସୈନିକ
ଫେରେ ପୁଣି ଶେଷେ
ଦୃଶ୍ୟ ଅବା ବାସ୍ନା ଅନୁସରି ;
କାହାର ମହକ ?
ଟ୍ୟୁଲିପର ଅବା ଡାଫୋଡିଲର
ବସନ୍ତର ନା ବାରୁଦର !
ଯାହାର ବି ହେଉ,
ନିଜ ଶୁଦ୍ଧସ୍ୱର ନେଇ
ସ୍ଥିତି ଜାହିର କରେ ବସନ୍ତ
ଏ ବସନ୍ତ ସତେ ବିଶ୍ୱସ୍ତ ଅତୀତ
ଏ ବସନ୍ତ ସତେ ବିହ୍ୱଳ ଆଗତ
ଏ ବସନ୍ତ ସତେ ବିଜ୍ଞାତ ବୃତ୍ତାନ୍ତ...!!!

+ଆଳି, କେନ୍ଦ୍ରାପଡା

## ମାନପତ୍ର

### କବିତା ପଣ୍ଡା

କେମିତି କାଟିବ ସମୟ
ସ୍ୱାଧିନତାର ଛଅସ୍ତରୀ ବଷର ପରେବି
କାଟୁଛି ଆଜି ନିଁପାପିତ ଜୀବନ ।
କଷଣ ପରେ କଷଣ
ସହି ଚାଲିଛି ପଛକୁ ପିଠି କରି
ଅସହାଟେ ଭଳି ।
ଖାଲି ବଡ ବଡ ପ୍ୟାଣ୍ଡାଲରେ
ଦିଆ ଯାଉଛି ଭାଷଣ ।
କେତେ ଦିନ ଚାଲିଥିବ
ଏମିତି ପଶାପାଲି ବାଜିର ଖେଳ ।
କିଏ ଜଣେ କହିଦେବ
କେବେ ଶେଷ ହେବ
ଏହି ବିର୍ବଷଣ କାହାଣୀ ।
ପ୍ରତି ମୂହୂର୍ତ୍ତର ଘନେଇ ଆସୁଛି
ତା ପାଇଁ ବିପଦର ଉର୍ମି ।
ଅବଳାଟିଏ ବୋଲି
ରକ୍ତାତ ହେବାକୁ ପଡୁଛି
ଯବାନ ତାତିର କାତିରେ ।
ଖାଲି ମହିଳା ଦିବସ ପାଳନ କରି
ଦିଆ ଯାଉଛି ତାକୁ
ବଡ୍ ବଡ ମାନପତ୍ର ।
କିଏ ତାକୁ ଦୁର୍ବଳାଟେ ଭାବି
ଇଛା ମୁତାବକ ବେବହାର କରି
ଅଦରକାରୀ ପଲିଥିନ୍ ଭଳି
ଫିଙ୍ଗିଂଦିଏ ସବୁଦିନ ପାଇଁ ଅଳିଆ ଗଦାକୁ ।
ଯଦି କେହି ପ୍ରତି ଉତ୍ତର ସ୍ୱର କରେ
ଆଇନ୍ ପାଲଟେ ମୁକ
ବଧିର ପାଲଟିଯାଏ ସମାଜ ।
କଣ ପାପ କରିଥିଲା
ତା ଜନ୍ମଟା ଅଧମ ହାତରେ ବଳି ।
ଦିନେ ନିରୋପାୟ ହୋଇ
ଏହି ମହିଳା ଏହି ନାରୀ ଏହି ମଟି
କାଲିର ସୁନେଲି କିରଣ
ଦେଖିବା ଆଗରୁ ଦେଖିବାକୁ ନ ଦେଇ
ସବୁଦିନ ପାଇଁ ଶେଷ କରିଦେବ
ତା ଗର୍ଭସ୍ତ ଶିଶୁ କନ୍ୟାର ଭୃଣକୁ
ଅନ୍ୟ ହାତରେ ଖେଳନା କଣ୍ଢେଇ
ସାଜିବା ଆଗରୁ
ବଧ କରିଦେବ ସବୁ ଦିନ ପାଇଁ ।

+ମଂଗଳପୁର, ସୋର,
ବାଲେଶ୍ୱର

# ଚମ୍ପୁଆ ବ୍ଲକରେ ମିଳୁନି ଟିବି ଔଷଧ: ସଂକଟରେ ରୋଗୀଙ୍କ ଜୀବନ

ଚମ୍ପୁଆ, ୧୪/୦୩ (ନି.ପ୍ର): ଚମ୍ପୁଆ ବ୍ଲକ ରେ ଟିବି ରୋଗ ପାଇଁ ଔଷଧ ମିଳୁ ନ ଥିବାରୁ ରୋଗୀ ମାନେ ଡାକ୍ତରଖାନାରୁ ଔଷଧ ନ ପାଇ ନିରାଶ ହୋଇ ଫେରି ଆସୁଥିବା ଜଣାପଡିଛି। ଓଡିଶା ସରକାର ଜନସାଧାରଣଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ତୃଣମୂଳ ସ୍ତର ରେ କିନ୍ତୁ ଲୋକମାନେ ଏହାର କିଛି ସୁଫଳ ପାଇ ପାରୁ ନାହାଁନ୍ତି। ଏହାର ଏକ ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ। ସୂଚନା ଅନୁସାରେ ଆଜକୁ ଏକ ମାସ ପୂର୍ବେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ସରେଇ ଗ୍ରାମ ର ଭରତ ଚନ୍ଦ୍ର ପାତ୍ର ଙ୍କ ଦେହ ଅସୁସ୍ଥ ହେବାରୁ ସେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ କୁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିଲେ। ଡ଼ାକ୍ତର ତାଙ୍କୁ ପରୀକ୍ଷା କରି ସେ ଟିବି ରୋଗରେ ଆକ୍ରାନ୍ତ ହୋଇଥିବା କହିଥିଲେ। ଏହା ପରେ ଭରତ ଚନ୍ଦ୍ର ପାତ୍ର ଙ୍କୁ ଚମ୍ପୁଆ ଡାକ୍ତରଖାନା ତରଫରୁ ଟିବି ରୋଗର ଔଷଧ କୁ ୬ ମାସ ପର୍ଯ୍ୟନ୍ତ ନିୟମିତ ଖାଇବାକୁ ପରାମର୍ଶ ଦିଆଯିବା ସହିତ ଗୋଟିଏ ମାସ ର ଔଷଧ ଦେଇ ତାହା ନିୟମିତ ଭାବେ ଖାଇବାକୁ କୁହାଯାଇଥିଲା। ତେବେ ଭରତ ଚନ୍ଦ୍ର ପାତ୍ର ତାଙ୍କ ମାସକର ଔଷଧ ସାରିବା ପରେ ଚମ୍ପୁଆ ଡାକ୍ତରଖାନା କୁ ଔଷଧ ନେବା ପାଇଁ ଆସିଥିବା ବେଳେ ଚମ୍ପୁଆ ଡାକ୍ତରଖାନା ରେ ଥିବା ଟିବି ୟୁନିଟ ର କର୍ମଚାରୀ ମାନେ ଟିବି ଔଷଧ ସରିଯାଇଛି ଔଷଧ ଆସିଲେ ଦିଆଯିବ ବୋଲି କହି ଫେରାଇ ଦେଇଥିଲେ। ତେବେ ସ୍ୱାସ୍ଥ୍ୟ ବିଭାଗ ର ନିୟମ ଅନୁସାରେ ଟିବି ରୋଗୀ ମାନେ ଆଶା କର୍ମୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଟିବି ଔଷଧ ଖାଇବା କଥା ଏବଂ ରୋଗୀ ଙ୍କୁ ନିୟମିତ ଔଷଧ ଯୋଗାଣ କରିବା ମଧ ବ୍ଲକ ଟିବି ସୁପରଭାଇଜର ଓ ଆଶା କର୍ମୀ ଙ୍କ ଦାୟୀତ୍ୱ କିନ୍ତୁ ଉଭୟ ଆଶା କର୍ମୀ ଓ ଟିବି ସୁପରଭାଇଜର ତାଙ୍କ ଦାୟିତ୍ୱ ଠିକ୍ ଭାବରେ ପାଳନ ନ କରିବା ହେତୁ ଟିବି ଔଷଧ ରୋଗୀଙ୍କ ପାଖରେ ପହଂଚି ପାରିଲା ନାହିଁ ଏଣୁ ରୋଗୀ ଭରତ ଚନ୍ଦ୍ର ପାତ୍ର ନିଜ ଅସୁସ୍ଥତା ସତ୍ୱେ ଚମ୍ପୁଆ ଡାକ୍ତରଖାନାକୁ ଔଷଧ ନେବା ପାଇଁ ଆସିଥିଲେ। ତେବେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଟିବି ରୋଗ ର ଔଷଧ ଉପଲବ୍ଧ ନ ଥିବାରୁ ସେ ଟିବି ରୋଗ ର ଔଷଧ ପାଇବାରୁ ବଂଚିତ ହେଲେ। ଏଇଠି ପ୍ରଶ୍ନ ଉଠୁଛି ଯଦି ଜଣେ ଟିବି ରୋଗୀ ଠିକ୍ ସମୟରେ ଔଷଧ ନ ପାଇବ ତେବେ ତାଙ୍କ ରୋଗ ଠିକ୍ ହେବ କିପରି ? ତେବେ ଟିବି ୟୁନିଟ ମେଡିକାଲ ଅଫିସର ଦାୟିତ୍ୱ ରେ ଥିବା ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦୀପକ ସାହୁ ଙ୍କୁ ଏ ବିଷୟରେ ପଚାରିବାରୁ ଡାକ୍ତର ଶ୍ରୀ ସାହୁ ଚମ୍ପୁଆ ବ୍ଲକ ରେ ଟିବି ରୋଗ ର ଔଷଧ ର ଅଭାବ ଦେଖା ଦେଇଥିବା କଥା କୁ ସ୍ୱୀକାର କରିବା ସହ ସେ କେନ୍ଦୁଝର ସ୍ଥିତ ଜିଲ୍ଲା ଟିବି ୟୁନିଟ କୁ ଅଧିକ ଔଷଧ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ ମଧ ଏପର୍ଯ୍ୟନ୍ତ ଜିଲ୍ଲା ଟିବି ୟୁନିଟ ତରଫରୁ ଚମ୍ପୁଆ ଟିବି ୟୁନିଟ କୁ ଟିବି ରୋଗ ର ଔଷଧ ଯୋଗାଇ ଦିଆଯାଇନାହିଁ ବୋଲି କହିବା ସହିତ ଆଗାମୀ ଏକ ସପ୍ତାହ ଭିତରେ ଏହି ଔଷଧ ଉପଲବ୍ଧ ହୋଇପାରେ ବୋଲି କହିଛନ୍ତି। ଡାକ୍ତର ଶ୍ରୀ ସାହୁ ପୁର୍ବରୁ ଚମ୍ପୁଆ ବ୍ଲକ ରେ ୧୦୫ ଜଣ ଆକ୍ଟିଭ ଟିବି ରୋଗୀ ଥିବା ବେଳେ ଆଜି ପୁଣି ନୁଆ ୩ ଟି ଟିବି ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ସୁଚନା ଦେଇଛନ୍ତି। ଚମ୍ପୁଆ ବ୍ଲକ ଅଂଚଳରେ ବୃଦ୍ଧି ପାଉଥିବା ଟିବି ରୋଗକୁ ଯଦି ନିୟନ୍ତ୍ରଣ ନ କରାଯାଏ ତେବେ ଆଗାମୀ ଦିନରେ ଏହା ଏକ ବିଷମ ସ୍ୱାସ୍ଥ୍ୟ ସମସ୍ୟା ରୂପେ ଯେ ଉଭା ନ ହେବ ତାହା କିଏ କହିବ। ତେବେ ଜଣେ ସ୍ୱାସ୍ଥ୍ୟ କର୍ମୀ ନିଜ ନାମ ଗୋପନ ରଖି କେନ୍ଦୁଝର କଣ ସମଗ୍ର ରାଜ୍ୟରେ ଏବେ ଟିବି ରୋଗ ର ଔଷଧ ର ଘୋର ଅଭାବ ଦେଖା ଦେଇଛି ବୋଲି କହିଛନ୍ତି । ତାଙ୍କ କଥା ଯଦି ସତ୍ୟ ହୁଏ ତେବେ ସାରା ରାଜ୍ୟ ରେ ଟିବି ରୋଗୀମାନଙ୍କ ସଂଖ୍ୟା ବୃଦ୍ଧି ହେବା ସହିତ ଏହା ଏକ ମହାମାରୀ ର ରୂପ ଧାରଣ କରିପାରେ। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ଡାକ୍ତରଖାନା ଗୁଡିକୁ ଅତି ଶୀଘ୍ର ଟିବି ରୋଗର ଔଷଧ ଯୋଗାଇ ଦେବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲ ରେ ଦାବି ହେଉଛି।

# ପୂର୍ବତଟ ରେଳପଥ ମୁଖ୍ୟ ପରିଚାଳକଙ୍କ ଜୟପୁର ରେଳ ଷ୍ଟେସନରେ ସମୀକ୍ଷା

ଜୟପୁର , ୧୫/୦୩ (ନି.ପ୍ର): ପୂର୍ବତଟ ରେଳପଥ ମୁଖ୍ୟ ପରିଚାଳକ ମନୋଜ ଶର୍ମା ଜୟପୁର ରେଳ ଷ୍ଟେସନର ସମୀକ୍ଷା କରିଛନ୍ତି। ମୁଖ୍ୟ ପରିଚାଳକ ଶର୍ମାଙ୍କ ସହ ୱାଲଟିଅର ଡିଭିଜନର ଡିଆରଏମ ଅନୁପ ଶତପଥି ଉପସ୍ଥିତ ଥିଲେ। ଗସ୍ତ ସମୟରେ କୋରାପୁଟ ମାଲକାନଗିରି ଓନବରଙ୍ଗପୁରର ନାଗରିକ ମାନଙ୍କ ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ୩ ଜିଲା ପଛୁଆ ଅଂଚଳ ହୋଇଥିବା ବେଳେ ତୁରନ୍ତ ଜୟପୁର- ନବରଙ୍ଗପୁର, ଜୟପୁର- ମାଲକାନଗିରି ରେଳ ପଥ ତୁରନ୍ତ ନିର୍ମାଣ କରିବାକୁ ଦାବି କରାଯାଇଛି । ଏହି ରେଳ ପଥ ପାଇ ୨୦୧୫ରେ ନିର୍ମାଣ ପାଇ ପ୍ରସ୍ତାବ ଦିଆଯାଇଥିବା ବେଳେ ୩ ବର୍ଷ ମଧ୍ୟରେ ଶେଷ କରିବାକୁ ଧାର୍ଯ୍ୟ ରଖାଯାଇଥିଲା । କିନ୍ତୁ ୮ ବର୍ଷ ବିତି ଯାଇଥିଲେ ମଧ ରେଳ ପଥ କାଯ୍ୟ ଆରମ୍ଭ ହୋଇ ନାହିଁ । ସେହିପରି ଜନ କଲ୍ୟାଣ ମଂଚ ତରଫରୁ ମଧ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜାତୀୟ ରାଜପଥ କୁ ନିକଟ ହେଉଥିବା ପୁରୁଣା ଗୁଡସେଡ ତଥା ଏକ ନଂ ପ୍ଲାଟଫର୍ମ କଡରେ ଅମୃତ ଭାରତ ଯୋଜନାରେ ନୁଆ ଷ୍ଟେସନ କୋଠା ନିର୍ମାଣ, ରାତ୍ର ରେ ଚାଲୁଥିବା କିରଣ୍ଡଲ- ବିଶାଖାପାଟଣା ଏକ୍ସପ୍ରେସକୁ ଭୁବନେଶ୍ୱର ଯାଏ ସମ୍ପ୍ରସାରଣ, ହୀରାଖଣ୍ଡ ଟ୍ରେନରେ ବଗି ବୃଦ୍ଧି ଦାବି କରାଯାଇଥିଲା । ମଂଚ ପକ୍ଷରୁ ବାଲା ରାୟ, ରାଜେନ୍ଦ୍ର ଗୌଡ ପ୍ରମୁଖ ଦାବି ପତ୍ର ପ୍ରଦାନ କରିଥିଲେ । ଏନେଇ ଡିଆରଏମ ଶତପଥି ସୂଚନା ଦେଇଥିଲେ ଯେ ନୁଆଁ କୋଠା ବିଭାଗର ବିଚାରାଧିନ ରହିଛି, ବଗି ବୃଦ୍ଧି ଏବଂ ସମ୍ପ୍ରସାରଣ ବିଷୟରେ ପରୀକ୍ଷା ନିରିକ୍ଷା କରାଯିବ । ନୁଆ ରେଳ ଲାଇନ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି । ବର୍ତ୍ତମାନ ୧୫ ପ୍ରତିଶତ ହୋଇଛି। ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେଲେ କାର୍ଯ୍ୟ ଆରମ୍ଭ ହେବ ।

# ୧୯ ତମ ସର୍ବ ଭାରତୀୟ ପୁରୁଷ ଓ ମହିଳା ବିଏସଏନଏଲ ଟେବୁଲ ଟେନିସ ପ୍ରତିଯୋଗିତା ଭୁବନେଶ୍ୱରରେ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଓଡିଶା ଦୂରସଂଚାର ପରିମଣ୍ଡଳ, ଭୁବନେଶ୍ୱର ଦ୍ୱାରା ୧୫ ମାର୍ଚ୍ଚ ରୁ ୧୮ ମାର୍ଚ୍ଚ, ୨୦୨୩ ପର୍ଯ୍ୟନ୍ତ ଭୁବନେଶ୍ୱର ଶହୀଦ ନଗର ସ୍ଥିତ ଇନଡୋର ସ୍ପୋର୍ଟ୍ କମ୍ପ୍ଲେସ ରେ ୧୯ ତମ ସର୍ବ ଭାରତୀୟ ବିଏସଏନଏଲ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜନ କରାଯାଉଛି ଯେଉଁଥିରେ ମୋଟ ୨୧ ଗୋଟି ରାଜ୍ୟ ବିଏସଏନଏଲ ସର୍କଲରୁ ଉଭୟ ପୁରୁଷ ଏବଂ ମହିଳା ଟେବୁଲ ଟେନିସ ଦଳ ଏଥିରେ ଅଂଶଗ୍ରହଣ କରିବେ । ଓଡିଶା ଦୂରସଂଚାର ପରିମଣ୍ଡଳ, ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ରୁଦ୍ର ନାରାୟଣ ପଲାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡିଶା ଏଲଏସଏ ମୁଖ୍ୟ ତଥା ଟେଲିକମ୍ ମହାନିର୍ଦ୍ଦେଶକ, ଶ୍ରୀ ବିଜୟ କୁମାର ନାୟକ, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିବେ । ଦୂରସଂଚାର ବିଭାଗ କମୁନିକେସନ ଆକାଉଣ୍ଟସ, କନଟ୍ରୋଲର ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି ସମ୍ମାନିତ ଅତିଥି ଭାବେ ଏହି ଭବ୍ୟ ସମାରୋହରେ ଉପସ୍ଥିତ ରହିବେ ବୋଲି ନିଜର ସହମତି ପ୍ରଦାନ କରିଛନ୍ତି । ଶ୍ରୀ ସତ୍ୟ ହରି ବାବୁ, ମୁଖ୍ୟ ରେଫରୀ ଓ ସହାୟକ ରେଫରି ଭାବେ ୟସର ପସା ଘୋରି (ମଧ ପ୍ରଦେଶ) ମଧ ଏହି କାର୍ଯ୍ୟକ୍ରମରେ ଭାଗନେବେ । ୧୫ ମାର୍ଚ୍ଚ ଦିନ ପ୍ରାୟ ୦୯.୦୦ ରୁ ଆରମ୍ଭ ହୋଇ ଏହି କାର୍ଯ୍ୟକ୍ରମ ୧୮.୩.୨୦୨୩ ଅପରାହ୍ନ ରେ ଉଦଯାପିତ ହେବ ଓ କୃତି ପ୍ରତିଯୋଗିମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହ ଉଦଯାପନ ସମାରୋହ ରେ ପୁରସ୍କୃତ କରାଯିବ। ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ, ଗୁଜୁରାଟ, ହିମାଚଳ ପ୍ରଦାନ, ହରିୟାନା, ଜାମ୍ମୁ ଓ କାଶ୍ମୀର, ମଧ ପ୍ରଦେଶ, ମହାରାଷ୍ଟ୍ର, ନର୍ଥ ଇଷ୍ଟ-୧ ଓ୨, ପଞ୍ଜାବ, ରାଜସ୍ଥାନ, ସିକ୍କିମ, ତେଲେଙ୍ଗାନା, ତାମିଲ ନାଡୁ, ପଶ୍ଚିମ ବଙ୍ଗ, ଉତ୍ତରାଂଚଳ, ସିଏନ-ଟିଏକ୍ସ (ଉତ୍ତର) ଏବଂ ଓଡିଶା ର ଉଭୟ ପୁରୁଷ ଓ ମହିଳା ଟେବୁଲ ଟେନିସ ଦଳ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ରେ ଭାଗ ନେବେ । ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁନ୍ଦର କରିବାକୁ ଆୟୋଜକ ଓଡିଶା ଦୂରସଂଚାର ପରିମଣ୍ଡଳ ର ସମସ୍ତ କର୍ମକର୍ତ୍ତା, ଓଡିଶା ବିଏସଏନଏଲ କ୍ରୀଡା ସଂସ୍କୃତି ପରିଷଦ, ଟୁର୍ଣ୍ଣାମେଣ୍ଟ ସମିତିର ସମସ୍ତ ସଭ୍ୟ ସଭ୍ୟା ଓ ଓଡିଶା ଦୂରସଂଚାର ପ୍ରଶାସନ ତରଫରୁ ବରିଷ୍ଠ ମହାପ୍ରବନ୍ଧକ, ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର ତଥା କ୍ରୀଡା ସଂସ୍କୃତି ପରିଷଦର ଶଚିବ ଉପମହାପ୍ରବନ୍ଧକ ଶ୍ରୀ ଦେବେନ୍ଦ୍ର ଚନ୍ଦ୍ର ପ୍ରଧାନ ଏହି ଟୁର୍ଣ୍ଣାମେଣ୍ଟ କୁ ଆମନ୍ତ୍ରଣ କରିଛନ୍ତି ।

## ବହୁ ପୁରାତନ ସାମନ୍ତରାପୁର ମେଳଣ ଉଦଘାଟିତ

ଧର୍ମଶାଳା, ୧୫/୦୩ (ନି.ପ୍ର): ମଙ୍ଗଳବାର ଯାଜପୁର ଜିଲା ରସୁଲପୁର ବ୍ଲକସ୍ଥିତ ସାମନ୍ତରାପୁର ଫଂଚାୟତରେ ବହୁ ପୁରାତନ ସମାନ୍ତରାପୁର ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମେଳଣ ସୋମବାର ରାତିରେ ଆରମ୍ଭ ହୋଇ ମଙ୍ଗଳବାର ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ସ୍ଥାନୀୟ ଅଂଚଳରୁ ୨୦ରୁ ଉର୍ଦ୍ଧ ଛୋଟବଡ ବିମାନ ଯୋଗ ଦେଇ ପାରମ୍ପରିକ ରିତିରେ ଫଗୁ ଖେଳି ଥିଲେ । ବିମାନ ନିକଟରେ ବାଦ୍ୟ ,ଘୋଡା ନାଚ ,ଲୋକନୃତ୍ୟ ଓ ଘଂଟ ଶବ୍ଦରେ ମେଳଣ ପଡିଆ ପ୍ରକମ୍ପିତ ହୋଇଥିଲା । ସ୍ଥାନୀୟ ଦଧିବାମନଜୀଉ ବିମାନ ଥାନପତି ଆସନ ଅଳଙ୍କୃତ କରିବା ପରେ ଅନ୍ୟ ସମସ୍ତ ବିମାନ ଏକତ୍ର ଫଗୁ ଖେଳି ଥିଲେ । ବିମାନ ନିକଟରେ ଅନୁଷ୍ଠାନ ପକ୍ଷରୁ ଭୋଗ କରାଯାଇଥିଲା । ଏହି ଅବସରରେ ମେଳଣ ପଡିଆରେ ବହୁ ଦୋକାନ ବଜାର ଲାଗିଥିଲା । ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ମେଳଣକୁ ଉପଭୋଗ କରିଥିଲେ । ଯାଜପୁର ସଦର ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ବାଜାୟ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ମେଳଣ କମିଟିର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଉପକୂଳ ଗାଁକୁ ଗିଳୁଛି ସମୁଦ୍ର



ବ୍ରହ୍ମପୁର, ୧୫/୦୩ (ନି.ପ୍ର): ଜଳବାୟୁରେ ପରିବର୍ତ୍ତନ ଯୋଗୁ ପ୍ରକୃତିର ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଗ୍ରୀଷ୍ମର ପ୍ରକୋପ ବଢ଼ିବା ସାଙ୍ଗକୁ ଦିନକୁଦିନ ସମୁଦ୍ର ଲଘି ଜନବସତି ପ୍ରତି ବିପଦ ସୃଷ୍ଟି କରୁଛି। ଏଥିପାଇଁ ଉପକୂଳବର୍ତ୍ତୀ ଗଞ୍ଜାମ ଜିଲ୍ଲାର ୫ଟି ବ୍ଲକ୍‌ର ତଟବର୍ତ୍ତୀ ଗାଁଗୁଡ଼ିକ ପ୍ରତି ଆଗକୁ ବିପଦ ଘନେଇବାରେ ଲାଗିଛି। ଗଞ୍ଜାମ ବ୍ଲକ୍‌ର ଗୋଟିଏ ମତ୍ସ୍ୟଜୀବୀ ଗାଁ ପୋଡ଼ମପେଟା ସମୁଦ୍ର ଆଁରେ ହଜି ସାରିଥିବା ବେଳେ ଏବେ ଚିକିଟି ବ୍ଲକ୍‌ର ରାମେୟାପାଟଣା ପ୍ରତି ବିପଦ ରହିଛି। ଗତ ଦଶବର୍ଷ ଭିତରେ ପର୍ଯ୍ୟାୟ କ୍ରମେ ଏହି ଗାଁକୁ ଗିଳିଚାଲିଛି ସମୁଦ୍ର।

ଗଞ୍ଜାମ ଉପକୂଳ ପ୍ରାୟାଗୀଠାରୁ ସୁନାପୁର ପର୍ଯ୍ୟନ୍ତ ପ୍ରାୟ ୬୦ କିମି ବେଳାଭୂମି ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ସମୟରେ ଉପକୂଳ ଅଞ୍ଚଳବାସୀ ପ୍ରାକୃତିକ ଦୁର୍ବିପାକର ସାମ୍ନା କରୁଛନ୍ତି। ସମୁଦ୍ର କୂଳରେ ଥିବା ଗଞ୍ଜାମ ବ୍ଲକ୍‌ର ପୋଡ଼ମପେଟା(ପୁରୁଣା) ଗ୍ରାମରେ ୨ଶହରୁ ଅଧିକ ପରିବାରବର୍ଗ ରହୁଥିଲେ। ସମୁଦ୍ରରୁ ମାଛ ଧରି ଜୀବନଜୀବିକା ନିର୍ବାହ କରୁଥିଲେ। ଗତ ୨୦୦୭ରୁ ସମୁଦ୍ର ଅଶାନ୍ତ ହୋଇ ବେଳାଭୂମି ଅବକ୍ଷୟ ଆରମ୍ଭ ହୋଇଥିଲା। ଧୀରେ ଧୀରେ କୂଳ ଖାଇ ପୋଡ଼ମପେଟା ଗ୍ରାମବାସୀଙ୍କ ଘରଦ୍ୱାର ସମୁଦ୍ର ଜୁଆରରେ ଭାଙ୍ଗି ଧୋଇ ହୋଇଯାଇଥିଲା। ଅନୁଧ୍ୟାନରୁ ଜଣାପଡ଼ିଛି ଯେ ୧୯୯୦ରୁ ସମୁଦ୍ର ୫୨.୩୬ ମିଟର ଆଗକୁ ବଢ଼ିଛି। ୨୦୫୦ ସୁଦ୍ଧା ଆହୁରି ୪୪ମିଟର ବୃଦ୍ଧି ହେବାନେଇ ଅନୁମାନ କରାଯାଇଛି। ସାମୁଦ୍ରିକ ସୁରକ୍ଷା ଆଇନ ଅନୁସାରେ, ପୋଡ଼ମପେଟା ଗ୍ରାମ ସମୁଦ୍ରଠାରୁ ୨କିମି ଭିତରେ ଥିବାବେଳେ ବାରମ୍ବାର କୂଳ ଖାଉଥିବା ଯୋଗୁ ଗାଁକୁ ସ୍ଥାନାନ୍ତର କରାଯାଇଥିଲା। ୨୦୧୭ ମସିହାରେ ଗଞ୍ଜାମ ତହସିଲ ରାମଗଡ଼ ପଞ୍ଚାୟତ ଝାଡ଼ିପଦରରେ ଓଡିଆରପିରେ ସରକାରଙ୍କ ତରଫରୁ ପରିବାରବର୍ଗଙ୍କୁ ଘର ଯୋଗାଇ ଦିଆଯାଇଥିଲା। ଚିକିଟି ବ୍ଲକ୍‌ର ରାମେୟାପାଟଣା ଗାଁ ପ୍ରତି ମଧ ବିଭିନ୍ନ ସମୟରେ ବିପଦ ମାଡ଼ି ଆସୁଛି। ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ରହିଥିବା ଏହି ଗ୍ରାମବାସୀଙ୍କ ପାଇଁ ଗାଁ ଠାରୁ ପ୍ରାୟ ୩କିମି ଦୂରରେ ଓଡିଆରପିରେ ଘର ତିଆରି କରାଯାଇଛି।

# କିଡ୍‌ନି ରୋଗ ପାଇଁ ଗାଁ ଛାଡ଼ିବେ: ୨ ମୃତ୍ୟୁ ପରେ କରାବିରାଖୋଲରେ ପହଞ୍ଚିଲା ପ୍ରଶାସନ



ଅନୁଗୁଳ/ବନ୍ତଳା, ୧୫/୦୩ (ନି.ପ୍ର): 'ପିଇବାକୁ ଭଲ ପାଣି ମୁନ୍ଦେ ମିଳୁନି। ଭତ୍ତା ପାଇଁ ଯିବାକୁ ପଡୁଛି ୨୦ କିମି। ସରକାରୀ ସୁବିଧା ସୁଯୋଗ ଦୂରେ ଥାଉ, ମୌଳିକ ସୁବିଧା ଟିକେ ବି ଏଠି ପାଉନୁ। ତେଣୁ ଗାଁକୁ ଉଠାଇ ଅନ୍ୟତ୍ର ଥଇଥାନ କର।' ପ୍ରଶାସନିକ ଅଧିକାରୀଙ୍କୁ ପାଖରେ ପାଇ ଆଜି ଏମିତି ଗୁହାରି କରିଛନ୍ତି ଅନୁଗୁଳ ବ୍ଲକ୍ କରାବିରାଖୋଲର ଗ୍ରାମବାସୀ। କିଡ୍‌ନି ରୋଗରେ ଏହି ଗାଁରୁ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ଗାଁ ମଣିଷଶୂନ୍ୟ ହେବା ଆଗରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଏପଟେ ପ୍ରଶାସନ ଲୋକଙ୍କ କଥା ଶୁଣିବା ସହ କିଡ୍‌ନି ରୋଗର କାରଣ ଖୋଜିବା ଉପରେ ଗୁରୁତ୍ୱ ଦେଇଛି। ଲୋକମାନଙ୍କଠାରୁ ଆଜି ରକ୍ତ ନମୁନା ସଂଗ୍ରହ କରାଯାଇଛି। ଆଗକୁ ଗାଁରେ ନିୟମିତ ସ୍ୱାସ୍ଥ୍ୟ ଶିବିର କରିବାକୁ ମଧ ନିଷ୍ପତ୍ତି ହୋଇଛି।

ଅନୁଗୁଳ ଜିଲ୍ଲା ସଦର ବ୍ଲକ୍ ବଡ଼କନ୍ତକୁଳ ପଞ୍ଚାୟତ କରାବିରାଖୋଲ ଗ୍ରାମରେ ଦୀର୍ଘଦିନ ଧରି କିଡ୍‌ନି ରୋଗ ଗ୍ରାମବାସୀଙ୍କୁ ଆତଙ୍କିତ କରି ରଖିଛି। ବଣ ପାହାଡ଼ ଘେରା ଏହି ଦୁର୍ଗମ ଗାଁରେ ପାନୀୟ ଜଳର ଉପଯୁକ୍ତ ବ୍ୟବସ୍ଥା ନାହିଁ। ଲୋକମାନେ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ଗତ ୩ ବର୍ଷରେ କିଡ୍‌ନି ଜନିତ ରୋଗରେ ଗାଁରୁ ୮ ଜଣଙ୍କର ମୃତ୍ୟୁ ହୋଇଛି। ଏଇ ୧୦ ଦିନ ଭିତରେ ୨ ଜଣ ଏହି ରୋଗରେ ପ୍ରାଣ ହରାଇବା ପରେ ଗ୍ରାମବାସୀ ଗାଁ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଗାଁ ଛାଡ଼ି ଅନ୍ୟତ୍ର ରହିବାକୁ ଗତକାଲି ଗାଁ ବୈଠକରେ ନିଷ୍ପତ୍ତି ହେବାପରେ ଆଜି ଗାଁରେ ପହଞ୍ଚିଥିଲା ପ୍ରଶାସନ। ଉପଜିଲ୍ଲାପାଳ ବଇତୁରା ଦୀପଙ୍କ ସମେତ ବ୍ଲକ୍, ପାନୀୟ ଜଳଯୋଗାଣ ଓ ଡାକ୍ତରୀ ଟିମ୍ ମଧ ଗାଁରେ ପହଞ୍ଚିଥିଲେ। ସେମାନେ ଗ୍ରାମବାସୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ତେବେ ଲୋକମାନେ ସେମାନଙ୍କ ଅଭାବ, ଅସୁବିଧା ଅଧିକାରୀଙ୍କୁ ଜଣାଇବା ସହ ଗାଁ ସ୍ଥାନାନ୍ତର ପାଇଁ ଦାବି କରିଥିଲେ।

## ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ଚାଷୀ

ଜୟପୁର, ୧୫/୦୩ (ନି.ପ୍ର): କେନାଲ ତଳେଥିବା ଡଙ୍ଗର ଜମିକୁ ଧାନ ଜମିର ସ୍ୱତ୍ୱ ପରିବର୍ତନ ସହସେହି ଜମି ଗୁଡିକର ଧାନ ଆସନ୍ତା ରବି ମଣ୍ଡିରେ ବିକ୍ରୟ ପାଇଁ ଜୟପୁର ଉପଖଣ୍ଡର ଚାଷୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୁମୁଲିପୁଟ ଲ୍ୟାମ୍ପସ ସଭାପତି ତ୍ରିନାଥ ମୁଦୁଲି ଓ ବାଲିଙ୍ଗି ରାଓ ଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜୟପୁର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ତହସିଲଦାର ସାଗରିକା ଷଡଙ୍ଗୀ ଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ବ୍ଲକର ଚାଷୀ ମାନଙ୍କ ନାମ ଗତ ଖରିଫ ଋତୁରେ ପଞ୍ଜିକୃତ ହୋଇଥିଲା । ପରବର୍ତୀ ସମୟରେ ବହୁ ଚାଷୀଙ୍କ ଜମି ପଞ୍ଜିକୃତରୁ ନାମ ଏବଂ ଜମି କଟିଯାଇଥିଲା । ଯଦ୍ୱାରା ଚାଷୀମାନେ ମଣ୍ଡି ରେ ଧାନ ବିକ୍ରି କରିପାରିଲେ ନାହିଁ। ପ୍ରକାଶ ଥାଉକି ଯେଉଁ ଚାଷୀମାନଙ୍କ ଜମି ଚାଷୀ ପଞ୍ଜିକୃତରୁ କଟି ଯାଇଥିଲା । ସେହି ଜମି ଗୁଡିକ ଡଙ୍ଗର ୧.୨.୩ କିସମ କେନାଲ ତଳେ ଥାଇ ମଧ ଧାନ ଚାଷୀଙ୍କ ଧାନ ଥାଇ ବି ମଣ୍ଡିରେ ବିକ୍ରି ପାଇଁ ଅନୁମତି ପ୍ରଦାନ କରାକଲା ନାହିଁ । ଏପରିକି କେତେକ କ୍ଷେତ୍ରରେ ଜଳ କର ମଧ ଦିଆଯାଉଛି । ତେଣୁ ପ୍ରଶାସନ କେନାଲ ତଳେ ଥିବା ଡଙ୍ଗର ଜମିର ଧାନକୁ ଧାନ ଜମିର ସତ୍ୱ ପରିବର୍ତନ କରି ଆସନ୍ତା ରବି ମଣ୍ଡିରେ ଅନୁମତି ପ୍ରଦାନ କରିବା ଏବଂ କେନାଲ ତଳେ ଥିବା ଡଙ୍ଗର ଜମିକୁ ଧାନ ଜମିର ସତ୍ୱ ପରବର୍ତି ସକାଶେ ପଦେକ୍ଷପ ନେବାକୁ ପ୍ରଶାସନ ନିକଟରେ ଶତାଧିକ ଚାଷୀ ଦ୍ୱାରସ୍ଥ ହୋଇଥିଲେ ।

## ମାଟ୍ରିକ ପରୀକ୍ଷା, ମାଲକାନଗିରି ଜିଲ୍ଲାରେ ୪୧୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ

ମାଲକାନଗିରି, ୧୫/୦୩ (ନି.ପ୍ର): ଗତ ୧୦ ତାରିଖ ଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ମାଲକାନଗିରି ଜିଲ୍ଲାରେ ରେଗୁଲାର ଓ ଏକ୍ସ ରେଗୁଲାର ମିଶି ସମୁଦାୟ ୭୨୭୧ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡ଼ିଛି। କେଉଁ କାରଣରୁ ସେମାନେ ଅନୁପସ୍ଥିତ ରହିଲେ ସେ ସମ୍ପର୍କରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କୈଫିୟତ ମଗା ଯାଇଥିବାର ଜିଲ୍ଲା ଶିକ୍ଷାଧିକାରୀ ମାନସ କୁମାର ଜେନା କହିଛନ୍ତି।

ସୂଚନାଯୋଗ୍ୟ, ମାଲକାନଗିରି ଜିଲ୍ଲାରେ ରେଗୁଲାର ଓ ଏକ୍ସ ରେଗୁଲାର ମିଶି ୭୨୭୧ ଜଣ ଓ ରାଜ୍ୟମୁକ୍ତ ବିଦ୍ୟାଳୟର ୩୫୮ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ । ସେମାନଙ୍କ ମଧ୍ୟରୁ ପରୀକ୍ଷାରେ ୪୧୯ ଜଣ ଅନୁପସ୍ଥିତ ହୋଇଛନ୍ତି। ଜିଲ୍ଲାରେ ସମୁଦାୟ ୪୭ଟି ପରୀକ୍ଷା କେନ୍ଦ୍ର ସହିତ ୧୦ଟି ନୋଡାଲ୍ ସେଂଟର ହୋଇଛି।

# ଆସିକା ଚିନିଶିଳ୍ପ : ମଦବୋତଲ କିଣାରେ ଦୁର୍ନୀତି

## ସମ୍ପାଦକ, ପ୍ରାକ୍ତନ ପରିଚାଳନା ନିର୍ଦ୍ଦେଶକଙ୍କ ନାଁରେ ମାମଲା




ଆସିକା, ୧୫/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ଚିନିଶିଳ୍ପ ବିନା ଗ୍ୟାରେଣ୍ଟି ଓ ଋଣରେ ଆଖୁଚାଷୀଙ୍କୁ ପ୍ରାପ୍ୟ ଦେବାରେ ସଫଳ ହେଉଥିବାରୁ ଭଲଦିନ ଫେରିବ ବୋଲି ଆଶା କରାଯାଉଥିଲା। ହେଲେ,ଏଭଳି ପରିସ୍ଥିତିରେ ଚିନିଶିଳ୍ପ ଡିଷ୍ଟିଲେରି ନିମନ୍ତେ ମଦକାଚ କିଣାରେ ଦୁର୍ନୀତି ଅଭିଯୋଗ ଆସିବାପରେ ଆଲୋଡ଼ନ ସୃଷ୍ଟି ହୋଇଛି । ପୂର୍ବରୁ ଏହି ଅଭିଯୋଗ ଆରସିଏସ୍‌ଙ୍କ ନିକଟରେ ହୋଇଥିଲା। ଏବେ ଥାନାରେ ଏତଲା ଦିଆଯାଇଛି। ଆସିକା ଜେଏମ୍‌ଏଫ୍‌ସି କୋର୍ଟଙ୍କ ନିର୍ଦ୍ଦେଶାନୁସାରେ,ଏକ ୱାନ୍ ?ସିସି ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଥିବା ସେ କହିଛନ୍ତି। ମଦ ପ୍ରସ୍ତୁତି ଚିନିଶିଳ୍ପର ଏକ ଲାଭଜନକ ମାଧ୍ୟମ। ଏଠାରେ ପ୍ରସ୍ତୁତ ହେଉଥିବା ମଦକୁ ବୋତଲରେ ଭର୍ତ୍ତିକରି ଓଡ଼ିଶାର ଆଠଟି ଜିଲ୍ଲାକୁ ରପ୍ତାନି କରାଯାଏ। ତେବେ,ଏହି ବୋତଲ କିଣାରେ ଏବେ ବ୍ୟାପକ ଦୁର୍ନୀତି ସାମ୍ନାକୁ ଆସିଛି। ବୋତଲ କିଣିବା ଲାଗି ଚିନିଶିଳ୍ପ ପକ୍ଷରୁ ୨୦୨୨ ମସିହା ମାର୍ଚ୍ଚ ଟେଣ୍ଡର୍ ଆହ୍ୱାନ୍ କରାଯାଇଥିଲା। କୋଲକାତାର ଏକ ନିର୍ଦ୍ଦିଷ୍ଟ କମ୍ପାନି ଟେଣ୍ଡର୍ ପାଇବାପରେ ଚିନିଶିଳ୍ପକୁ କାଚ ବୋତଲ ଯୋଗାଇଥିଲା। ଏକବର୍ଷ ପାଇଁ ତଥା ୨୦୨୨ ଏପ୍ରିଲ୍ ୧ରୁ ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ୯୦ ଲକ୍ଷ ଖାଲି ବୋତଲ ଯୋଗାଇଦେବ ବୋଲି ଉକ୍ତ ସଂସ୍ଥା ଚୁକ୍ତି କରିଥିଲା। ଗୋଟିଏ ବୋତଲର ମୂଲ୍ୟ ୪ ଟଙ୍କା ୧୬ ପଇସା ଧାର୍ଯ୍ୟ ହୋଇଥିଲା। ଏକମାସ ପରେ ବୋତଲ ଯୋଗାଇ ପାରିବନି କହି ଉକ୍ତ ସଂସ୍ଥା ପଛଘୁଞ୍ଚା ଦେଇଥିଲା।

ମାତ୍ର, ଆଶ୍ଚର୍ଯ୍ୟଜନକ ଭାବେ ଟେଣ୍ଡର୍ ଚୁକ୍ତିର ଖୋଲାଖୋଲି ଉଲ୍ଲଂଘନ କରିଥିବା ସଂସ୍ଥା ବିରୋଧରେ ଚିନିଶିଳ୍ପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା କି କଳାତାଲିକାଭୁକ୍ତ ଘୋଷଣା କରି ନଥିଲା। ଓଲଟା ଦ୍ୱିତୀୟଥର ପାଇଁ ପୁଣିଥରେ ଟେଣ୍ଡର୍ ଆହ୍ୱାନ କରି ଉକ୍ତ କମ୍ପାନି ପ୍ରତି ଅନୁକମ୍ପା ଦେଖାଇ ଟେଣ୍ଡର୍ ଦେଇଥିଲା। ପୂର୍ବ ଧାର୍ଯ୍ୟ ଦରଠାରୁ ବୋତଲ ପିଛା ପ୍ରାୟ ଏକଟଙ୍କା ଅଧିକ (୪ ଟଙ୍କା ୯୮ ପଇସା)ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ୨୦୨୨ ମେ ୧ ତାରିଖରେ ବର୍ଷକ ପାଇଁ ଚୁକ୍ତି ହୋଇଥିଲା। ଫଳରେ, ଚିନିଶିଳ୍ପକୁ ମାସକୁ ୭୩.୮୦ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ଏଭଳି ଭାବେ ଗତ ଏକବର୍ଷ ମଧ୍ୟରେ ଏଭଳି ଭାବେ ପାଞ୍ଚକୋଟିରୁ ଅଧିକ ଟଙ୍କା କ୍ଷତି ସହିଥିବା ଜଣାପଡ଼ିଛି। ଏହା ଜଣାପଡ଼ିବା ପରେ ପ୍ରାକ୍ତନ ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ନାୟକ ଓ ବର୍ତ୍ତମାନର ସଂପାଦକ ଆର୍.ଚନ୍ଦ୍ରଶେଖର ରେଡ୍ଡୀଙ୍କ ବିରୋଧରେ ଚାଷୀନେତା ତଥା ବର୍ତ୍ତମାନର ଆସିକା ଏନଏସିର ୧୬ ନମ୍ବର ୱାର୍ଡ଼ ରାଘବ ସିୟ ଆସିକା ଥାନାରେ ଏତଲା ଦେଇଥିଲେ। ଯାହାକୁ ଆଧାର କରି ଏହାର ତଦନ୍ତ ଆରମ୍ଭ ହୋଇଛି।

# ଆନ୍ତଃରାଜ୍ୟ ଆଂଚଳିକ ସଂଯୋଗୀକରଣ ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ଗୁରୁତ୍ୱ ଦେଉଛି : ମନ୍ତ୍ରୀ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ରାଜ୍ୟ ତଥା ଆନ୍ତଃରାଜ୍ୟ ପରିବହନ ବ୍ୟବସ୍ଥାକୁ ନିରବଚ୍ଛିନ, ସୁନିଶ୍ଚିତ କରିବା ଏବଂ ମଲଫିମୋଡାଲ ଇକୋସିଷ୍ଟମକୁ ମଜବୁତ କରିବା ସହ ପରିବହନ ସଂଯୋଗୀକରଣ କରିବା ପାଇଁ ବିହିତ ପଦକ୍ଷେପ ନିଆଯାଇଛି । ସେହିପରି ରାଜ୍ୟର ସମସ୍ତ ଜିଲ୍ଲାକୁ ରେଳ ସଂଯୋଗୀକରଣ କରିବା, ଓଡିଶାକୁ ସ୍ଥାୟୀ ସାମୁଦ୍ରିକ ବନ୍ଦରର ବିକାଶ କ୍ଷେତ୍ରରେ ଦେଶରେ ଏକ ଅଗ୍ରଣୀ ପ୍ରଗତିଶୀଳ ରାଜ୍ୟ ଭାବେ ପରିଣତ କରିବା ଏବଂ ସଡ଼କ ଦୁର୍ଘଟଣା ଏବଂ ତତ୍ ଜନୀତ ମୃତାହତଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ସମ୍ପୃକ୍ତ ସଂସ୍ଥାମାନଙ୍କ ସହଯୋଗରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି କରିବା ନିମନ୍ତେ ରାଜ୍ୟ ସରକାର ବିଭାଗ ମ୍ନମରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସେହିପରି ଆକାଶ ମାର୍ଗ ପରିବହନ ବ୍ୟବସ୍ଥା ମାଧ୍ୟମରେ ଆନ୍ତଃରାଜ୍ୟ ଆଂଚଳିକ ସଂଯୋଗୀକରଣକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ କହିଛନ୍ତି। ବୁଧବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ବଜେଟ୍ ୨୦୨୩-୨୪ ସଂପର୍କିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି ଯେ ଲଜିଷ୍ଟିକ୍ ଇଜ୍ ଆକ୍ରସ୍ ଡିଫରେଂଟ ଷ୍ଟେଟ୍ (ଲିଡସ୍) - ୨୦୨୨ ମାନଦଣ୍ଡରେ ଭାରତର ଉପକୂଳବର୍ତୀ ରାଜ୍ୟଗୁଡ଼ିକ ମଧ୍ୟରେ ଓଡିଶା ୯୦% ରୁ ଅଧିକ ସ୍କୋର ସହିତ 'ଆଚିଭର'ର ମାନ୍ୟତା ପାଇଛି । 'ସଡକ ସୁରକ୍ଷା ଉପରେ ସୁପ୍ରିମକୋର୍ଟ କମିଟି' ଦ୍ୱାରା ନିୟୋଜିତ ଏଜେନ୍ସିର ଅଡିଟ୍ ରିପୋର୍ଟ ଅନୁଯାୟୀ ସଡକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଓଡିଶାକୁ ଶତକଡା ୬୭.୩% ସହିତ 'ଉଚ୍ଚ ପ୍ରଦର୍ଶନକାରୀ' ମାନ୍ୟତା ଦିଆଯାଇଛି । ଫେବୃଆରୀ ୨୦୨୩ ପର୍ଯ୍ୟନ୍ତ ୧୮୮୭.୪୮ କୋଟି ସଂଗ୍ରହ କରାଯାଇଛି, ଯାହାକି ଗତ ବର୍ଷର ଏହି ଅବଧି ମ୍ନରେ ସଂଗୃହିତ ରାଜସ୍ୱ ତୁଳନାରେ ୩୦% ଅଧିକ । ବିଭିନ୍ନ ଅନୁଷ୍ଠାନର ଦିବ୍ୟାଙ୍ଗ(ଭିନ୍ନକ୍ଷମ ବ୍ୟକ୍ତି) ସମେତ ଅନେକ ଛାତ୍ରଛାତ୍ରୀଙ୍କୁ ରାଉରକେଲାଠାରେ ଆୟୋଜିତ ପୁରୁଷ ହକି ବଶ୍ୱକପ୍ ମ୍ୟାଚ୍ ୨୦୨୨ ଦେଖିବା ପାଇଁ ବିମାନ ଯାତ୍ରାର ସୁବିଧା ପ୍ରଦାନ କରାଯାଇଥିଲା । ସେମାନଙ୍କ ମ୍ନରୁ ଅନେକ ପ୍ରଥମ ଥର ପାଇଁ ଉଡ଼ାଣ ଅଭିଜ୍ଞତାକୁ ଉପଭୋଗ କରିବାର ସୁଯୋଗ ପାଇଥିଲେ । ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ଦେବା ଅବସରରେ କହିଛନ୍ତି ଯେ ସାରା ରାଜ୍ୟରେ ସୁନିଶ୍ଚିତ ତଥା ସୁଲଭ ପରିବହନ ସହ ଓଡ଼ିଶାର ଲୋକଙ୍କୁ ସୁବିଧାଜନକ ସେବା ପାଇଁ ଲୋକେସନ୍ ଆସେସିବୁଲ୍ ମଲଫିମୋଡାଲ୍ ଇନିସିଏଟିଭ୍ ନାମକ ଏକ ନୂତନ ଯୋଜନା କରାଯାଇଛି । ବିଦ୍ୟୁତଚାଳିତ ଯାନ କ୍ରୟରେ ହିତାଧିକାରୀଙ୍କୁ ସବସିଡ୍ ପ୍ରଦାନ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୨୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଡ୍ରାଇଭରଙ୍କର ଯାନ ଚାଳନା ଦକ୍ଷତାର ବିକାଶ ପାଇଁ ଚାରିଟି ଡ୍ରାଇଭିଙ୍ଗ ଟ୍ରେନିଂ ଓ ଗବେଷଣା ପ୍ରତିଷ୍ଠାନ ର ସ୍ଥାପନା, ମୋଟରଗାଡିର ଫିଟ୍‌ନେସ ଓ ପରୀକ୍ଷା ପାଇଁ ଅଟୋମେଟିକ୍ ଟେଷ୍ଟିଂ ଷ୍ଟେସନ୍ ସ୍ଥାପନ ଏବଂ ପଣ୍ୟବାହୀ ଟ୍ରକ ଯାନ ରହଣି ପାଇଁ ଟ୍ରକ୍ ଟର୍ମିନାଲ୍ ପ୍ରତିଷ୍ଠା, ଜଳପଥରେ ଯାତ୍ରା ସମୟରେ ଇନ୍‌ଲ୍ୟାଣ୍ଡ ୱାଟର ଟ୍ରାନ୍ସପୋର୍ଟ ଯାତ୍ରୀମାନଙ୍କ ନିରାପତା ପାଇଁ ଲାଇଫ୍ ବୟ, ଲାଇଫ୍ ଜ୍ୟାକେଟ୍ ପ୍ରଦାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗର ୨୦୨୩-୨୪ ଆର୍ଥିକ ବର୍ଷ ବଜେଟରେ ମୋଟ ୧୫୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ବିମାନ ଚଳାଚଳ ପାଇଁ ଉଡାନ୍ ଯୋଜନା ଅଧୀନରେ ବିମାନ ଅବତରଣ କେନ୍ଦ୍ର ନିର୍ମାଣ ଏବଂ ଉଡ଼ାଣର କ୍ଷତିଭରଣା ପାଇଁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ସବସିଡି ଏବଂ ଢେଙ୍କାନାଳ ଜିଲ୍ଲାର ବିରାଶାଲ ଠାରେ ଥିବା ବିଜୁ ପଟ୍ଟନାୟକ ଏଇରୋସ୍ପେସ୍ ଏକାଡେମୀ ପାଇଲଟ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ କୁ ବିଶ୍ୱସ୍ତରୀୟ ଉନ୍ନତିକରଣ ତଥା ଏଠାରେ ୫୦୦ ଜଣ ପାଇଲଟ୍ ଙ୍କୁ ବିଶ୍ୱସ୍ତରୀୟ ପାଇଲଟ୍ ଟ୍ରେନିଙ୍ଗ୍ ପ୍ରଦାନର ସୁବିଧା ପାଇଁ ଆଗାମୀ ୨୦୨୩-୨୪ ଆର୍ଥିକ ବର୍ଷ ବଜେଟ୍ ରେ ୩୨୫.୦୦ କୋଟି ଟଙ୍କା ରଖାଯାଇଛି ।

## ସାବରଙ୍ଗ ବଜାରରେ କୋଟ୍‌ପା ଚଢ଼ଉ : ୧୦ ଜଣଙ୍କ ଠାରୁ ୧୯୦୦ ଟଙ୍କା ଜୋରିମାନା ଆଦାୟ

ଭଦ୍ରକ, ୧୫/୦୩ (ନି.ପ୍ର): ଜାତୀୟ ତମାଖୁ ଦ୍ରବ୍ୟ ବିକ୍ରୟ ନିଷେଧ ଆଇନ୍ ର କାର୍ଯ୍ୟାନ୍ୱୟନ ନେଇ ଆଜି ଭଦ୍ରକ ବ୍ଲକ୍ ଅନ୍ତର୍ଗତ ସାବରଙ୍ଗ ବଜାରରେ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ଓ ପୋଲିସ୍ ବିଭାଗ ଦ୍ୱାରା ମିଳିତ ଧରପଗଡ଼ କରାଯାଇଥିଲା । ଏହି ଆଇନ୍‌ର ଅବମାନନା ଆଧାରରେ ନିଷେଧ ଥିବା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରୟ କରୁଥିବା ଅପରାଧରେ ୧୦ ଜଣ ଦୋକାନୀଙ୍କ ଠାରୁ ୧୯୦୦ ଟଙ୍କା ଜୋରିମାନା ଆଦାୟ କରାଯିବା ସହିତ ଜବତ କରାଯାଇଥିବା ଦ୍ରବ୍ୟ ସବୁ ନଷ୍ଟ କରି ଦିଆଯାଇଥିଲା । ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏପିଡ଼େମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ଅଣ ସଂକ୍ରାମକ ରୋଗର ସହକାରୀ ପରିଚ୍ଛଳକ ଦୀପକ କୁମାର ରାଉତ ଏବଂ ସାବରଙ୍ଗ ଥାନାଧିକାରୀ ଅମିତ୍ କୁମାର ଭୂୟାଁ, ଏ.ଏସ୍.ଆଇ. ଯତୀନ୍ଦ୍ର ନାଥ ସିଙ୍କୁ ଏହି ଚଢ଼ଉରେ ସାମିଲ ଥିଲେ । କୋଟ୍‌ପା ଆଇନ୍-୨୦୦୩ ଅନୁଯାୟୀ ଶିକ୍ଷାନିଷ୍ଠାନର ନିକଟବର୍ତ୍ତୀ ଅଞ୍ଚଳରେ ତମାଖୁ ଯାଜୀୟ ଦ୍ରବ୍ୟ ବିକ୍ରୟ କରାଯିବା ନିଷେଧ ଥିବା ବିଷୟନେଇ ଦୋକାନିମାନଙ୍କୁ ସଚେତନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ....

ଆମେ ଆମ ନିଜ ପଇସାରେ ୟୁନିଫର୍ମ କରିଛୁ, ସେ ଏନେଇ ଭତା ଦିଅନ୍ତୁ । ଯେହେତୁ ଭତାକୁ ନେଇ ସରକାର ରାଜି ନାହାନ୍ତି ତେଣୁ ଆମେ ୟୁନିଫର୍ମ ବର୍ଜନ କରିବୁ। ପ୍ରାଥମିକ ଶିକ୍ଷକ ସଂଘର ଦାବିଗୁଡିକ ହେଲା ଶିକ୍ଷାଗତ ଯୋଗ୍ୟତା ବଦଳିଥିବାରୁ ମୂଳ ଦରମାକୁ ପରିବର୍ତନ କରିବା, ଚୁକ୍ତିଭିତିକ ନିଯୁକ୍ତିକୁ ବାତିଲ କରି, ନିୟମିତ ଶିକ୍ଷକ ନିଯୁକ୍ତି କରିବା, ୪/୬ ବର୍ଷକୁ ମୂଳ ଚାକିରିରେ ଗଣନା କରି,ପେନ୍‌ସନ୍ ପ୍ରଦାନ କରିବା, ଟିଜିଟିଯୋଗ୍ୟତାଧାରୀ ଶିକ୍ଷକଙ୍କୁ ହାଇସ୍କୁଲ , ପ୍ରାଥମିକ ବିଦ୍ୟାଳୟରେ ନୂତନ ପଦବୀ ସୃଷ୍ଟି କରିବା, ପୁରାତନ ପେନ୍‌ସନ୍ ଲାଗୁ କରିବା, ଏଲିମେଂଟାରୀ ସ୍ତରରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀମାନଙ୍କ ମଧ୍ୟରେ ଥିବା ଦରମାରେ ତାରତମ୍ୟ ଦୂର କରିବା ଇତ୍ୟାଦି।

### ୧୭ରୁ ବଢିବ....

କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ଗଂଜାମ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ବହିବ । ଅନ୍ୟ ସମସ୍ତ ଜିଲ୍ଲାରେ ମଧ୍ୟ ଘଡଘଡି ବିଜୁଳି ସହ ବର୍ଷା ସମ୍ଭାବନା ଥିବାରୁ ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୯ରୁ ୨୦ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା,ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, ଅନୁଗୁଳ, ଢେଙ୍କାନାଳ , କେନ୍ଦୁଝର ଓ ମୟରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଗଡି ବିଜୁଳି ସହ ବର୍ଷା ସମ୍ଭାବନା ଥିବାରୁ ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ବିଜେଡିର ବିରୋଧ ଯୋଗୁଁ ....

ଏହାର ଜବାବ୍ ରେ ବିଜେଡି ବିଧାୟକ ଭାଗିରଥୀ ସେଠୀ କହିଛନ୍ତି, ଧର୍ମେନ୍ଦ୍ର ବହୁତ କଥା କହୁଛନ୍ତି, ସେ ତାଙ୍କ ନିଜ ଦଳ କଥା ବୁଝନ୍ତୁ। ତାଙ୍କ ଦଳରେ ନେତାଙ୍କ ଭିତରେ ଅନେକ ଫାଟ ଅଛି। ଭର୍ତୃହରି ବାବୁଙ୍କ କଥା କାହିଁକି ଚିନ୍ତା କରୁଛନ୍ତି । ଭର୍ତୃହରି ବାବୁ ୬ ଥର ସାଂସଦ ହେଲେଣି, ତାଙ୍କର ମୁଖ୍ୟମନ୍ତ୍ରୀଙ୍କ ସହ ସୁସମ୍ପର୍କ ରହିଛି। ସେ ଦଳରେ ବର୍ତମାନ ଅଛନ୍ତି ଏବଂ ରହିବେ ମଧ୍ୟ। ବିଜେଡି ଭର୍ତୃହରିଙ୍କ ପ୍ରତି କେବେ ଅବହେଳା କରିନାହିଁ।

## ୪ ସହରରେ ୫-ଜିର ଶୁଭାରମ୍ଭ କଲା ଜିଓ

ମୁମ୍ବାଇ/ଭୁବନେଶ୍ୱର, ୧୫/୦୩ (ନି.ପ୍ର): ରିଲାଏନ୍ସ ଜିଓ ପକ୍ଷରୁ ଓଡ଼ିଶାର ସୁନ୍ଦରଗଡ଼, ଭବାନୀପାଟଣା, ଜଟଣୀ ଓ ଖୋର୍ଦ୍ଧା ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଆଜି ଘୋଷଣା କରାଯାଇଛି । ଏଥି ସହିତ ଟ୍ରୁ-୫ଜିର ଲାଭ ସାରା ଓଡ଼ିଶାର ୧୭ଟି ସହରରେ ପହଂଚିପାରିଛି। ଜିଓ ପକ୍ଷରୁ ପୂର୍ବରୁ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ, ବଲାଙ୍ଗୀର, ନାଲ୍‌କୋ-ଅନୁଗୁଳ, ତାଳଚେର ସହରରେ ଟ୍ରୁ ୫ଜି ସେବାର ଶୁଭାରମ୍ଭ କରାଯାଇଥିଲା । ଜାତୀୟ ସ୍ତରରେ ୧୦ଟି ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳର ୩୪ଟି ଅଧିକ ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ବିଷୟରେ ଆଜି ରିଲାଏନ୍ସ ଜିଓ ପକ୍ଷରୁ ଘୋଷଣା କରାଯାଇଛି ଯାହା ମଧ୍ୟରେ ଓଡ଼ିଶାର ୪ଟି ସହର ରହିଛି । ଆଜିଠାରୁ ଏହି ସହରଗୁଡ଼ିକର ଜନତା ଓ ବ୍ୟବସାୟ ପାଇଁ ହାଇ ସ୍ପିଡ୍, ଲୋ-ଲାଟେନ୍‌ସି, ଷ୍ଟାଣ୍ଡ-ଏଲୋନ୍ ଟ୍ରୁ-୫ଜି ସେବାର ଉନ୍ନତ ପ୍ରଯୁକ୍ତି ଉପଲବ୍ଧ ହୋଇଛି ଯାହା ଏହି ଅଂଚଳର ପର୍ଯ୍ୟଟନ, ମାନୁଫାକ୍‌ଚରିଂ, ଏସ୍‌ଏମ୍‌ଇ, ଇ-ଗଭର୍ଣ୍ଣାନ୍ସ, ଶିକ୍ଷା, ସ୍ୱାସ୍ଥ୍ୟ ସେବା, କୃଷି, ଅଟୋମେସନ, ଆର୍ଟିଫିସିଆଲ ଇଂଟେଲିଜେନ୍ସ, ଗେମିଂ ଓ ଆଇଟି ଭଳି କ୍ଷେତ୍ରରେ ନୂଆ ଅଭିବୃଦ୍ଧିର ସୁଯୋଗକୁ ଉନ୍ମୁକ୍ତ କରିଛି ।

## ଡକାୟତି ଘଟଣାର ପର୍ଦ୍ଦାଫାସ, କାବୁ ହେଲା ଚୋର : ନଗଦ ୩୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଜବତ

ନୀଳଗିରି, ୧୫/୦୩ (ନି.ପ୍ର): ଗତ ଫେବୃଆରୀ ୨୪ତାରିଖ ନୀଳଗିରି ଘାଟଘରସାହି ଅଂଚଳରେ ଏକ ଚୋରୀ ଘଟଣାରେ ନୀଳଗିରି ପୋଲିସକୁ ସଫଳତା ମିଳିବା ସହ ଚୋରକୁ ଧରିବାରେ ସକ୍ଷମ ହୋଇଥିବା ବେଳେ ତା'ଠାରୁ ନଗଦ ୩୦ହଜାର ଟଙ୍କା ଏବଂ ଚୋରୀ ଅଳଂକାର ଜବତ ହୋଇଥିବା ନେଇ ପୋଲିସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ ନୀଳଗିରି ସହର ଘାଟଘରସାହି ଅଂଚଳର ମନୋରଂଜନ ବେହେରା ଏବଂ ତାଙ୍କ ସ୍ତ୍ରୀ ୨୪.୨.୨୩ରିଖରେ ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ଭୁବନେଶ୍ୱର ଯାଇଥିଲେ । ତାଙ୍କ ପୁଅ ଅନ୍ୱେଷ ମଧ୍ୟ ଏକ ଏନ.ସି.ସି. କ୍ୟାମ୍ପରେ ଯୋଗ ଦେବା ପାଇଁ ବାଲେଶ୍ୱର ଯାଇଥିବା ବେଳେ ଏହାର ସୁଯୋଗ ନେଇ ଉକ୍ତ ରାତିରେ ପାଚେରୀ ଡେଇଁ ଘରର ତାଲା ଭାଙ୍ଗି ସୁନା ଅଳଙ୍କାର ଏବଂ ନଗଦ ଟଙ୍କା ନେବା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥବା ନେଇ ଅନ୍ୱେଷ ନୀଳଗିରି ଥାନାରେ ୨୫.୨.୨୩ରିଖରେ ଅଭିଯୋଗ କରିଥିଲେ । ନୀଳଗିରି ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ସି..ସି. ଟିଭି ଫୁଟେଜ ଆଧାରରେ ଅନୁସନ୍ଧାନ କରି ଜଗତସିଂହପୁର ଜିଲ୍ଲା ନୂଆଗାଁ ଥାନା ଗଜରାଜପୁର ଅଂଚଳର ଏକ ଡକାୟତକୁ ଧରିବାରେ ସକ୍ଷମ ହୋଇଛି । ତା'ଠାରୁ ନଗଦ ୩୦ହଜାର ଟଙ୍କା, ଗୋଟିଏ ଲୁହା ରଡ଼, ସହ କଟର ଏବଂ ସ୍କୃଡ୍ରାଇଭର ଜବତ କରିଛି । ଏ ନେଇ ନୀଳଗିରି ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ସମସ୍ତ ବିଷୟରେ ସୂଚନା ଦେଇଥିବା ବେଳେ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଥିବା ନେଇ ଆଇ.ଆଇ.ସି. ଗୋପାଳଚନ୍ଦ୍ର କର୍ଣ୍ଣ ସୂଚନା ଦେଇଛନ୍ତି ।

## ଡିଆରଡିଓକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଓଡିଶା ଉପକୂଳର ଚାନ୍ଦିପୁରରୁ ଭେରି ସର୍ଟ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ (ଭିଏସଏଚଓଆରଏଡିଏସ) କ୍ଷେପଣାସ୍ତ୍ରର ଦୁଇଟି ସଫଳ ପରୀକ୍ଷଣ ପାଇଁ ଡିଆରଡିଓ କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

## ଯୁବକମାନେ ହିଁ ପରିବର୍ତ୍ତନର ବାହକ : ସ୍ୱେଚ୍ଛାସେବୀ ତାଲିମ ଶିବିର




ଉଦଳା, ୧୫/୦୩ (ନି.ପ୍ର): ଜନଜାଗୃତି ମଂଚ ତରଫରୁ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କିରିକିଚିଆ ଗ୍ରାମ ଠାରେ ଆଜି ମାର୍ଚ୍ଚ ୧୫ ତାରିଖ ବୁଧବାର ଦିନ ସ୍ୱେଚ୍ଛାସେବୀ ତାଲିମ ଶିବିର ଆରମ୍ଭ ହୋଇଛି । ସ୍ଥାନୀୟ ପଂଚାୟତ ସମିତି ସଦସ୍ୟ ରଂଜନ ମହାନ୍ତି ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ଆୟୋଜକ ଜନଜାଗୃତି ମଂଚର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଶିକ୍ଷକ ଭାବରେ ଓଡ଼ିଶା ଶ୍ରମଜୀବି ମଂଚ, ଭୁବନେଶ୍ୱରର ସାମାଜିକ କର୍ମୀ ପଂଚାନନ ପ୍ରଧାନ, ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ ଓ ସଦସ୍ୟ ସୁବ୍ରତ କୁମାର ମହାନ୍ତି, ମନରେଗା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବିଜୁ ସ୍ୱାସ୍ଥ୍ୟ କାର୍ଡ଼, ସୂଚନା ଅଧିକାର ଆଇନ, କର୍ତବ୍ୟ ଓ ଅଧିକାର ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଶିବିର ପରିଚାଳନାରେ ଗୌତମ ମହାପାତ୍ର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଏହାକୁ ସଫଳ କରିବାରେ ସୁମତୀ ମୁର୍ମୁ, ନିରୁପମା ଦାସ ଓ ଖୁଲଣା କୁଅଁର ପ୍ରମୁଖ ସହଯୋଗ କରୁଛନ୍ତି ।

## ବାରିପଦା ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା




ବାରିପଦା, ୧୫/୦୩ (ନି.ପ୍ର): ବାରିପଦାର ୱାଲିଗଞ୍ଜ ସ୍ଥିତ ଅରବିନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ତିନି ଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରଭାତୀ ପଟ୍ଟନାୟକ ମୁଖ୍ୟ ଅତିଥି ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ଏହି କର୍ମଶାଳାରେ ବାରିପଦା ବ୍ଲକ ଅନ୍ତର୍ଗତ ସମସ୍ତ ତେରଟି କ୍ଲଷ୍ଟରର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଦୁଇ ଜଣ ଲେଖାଏଁ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ କଳା ଶିକ୍ଷକ ମାନେ ଅଂଶ ଗ୍ରହଣ କରିଥିଲେ । ତିନି ଦିନ ଧରି ସମସ୍ତଙ୍କ ଉଦ୍ୟମରେ ଶିକ୍ଷଣ ଫଳାଫଳ, ଦକ୍ଷତା ଭିତ୍ତିକ ଓ ଦୀର୍ଘସ୍ଥାୟୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିଲା । ସାଧନ କର୍ମୀ ଭାବେ ଯୋଗ ଦେଇ ବବିତା କୁମାରୀ ସାହା ଓ ନାରାୟଣ କିଙ୍କର ଦତ ତାଲିମ ପ୍ରଦାନ କରିଥିଲେ । ଏହି ଶିକ୍ଷଣ ସାମଗ୍ରୀ ଗୁଡିକ ଶ୍ରେଣୀ ଗୃହରେ ଶିକ୍ଷାଦାନ ସମୟରେ ଶିକ୍ଷକମାନଙ୍କୁ ବେଶ ସହାୟକ ହେବ ବୋଲି ଶ୍ରୀ ମୁର୍ମୁ କହିଛନ୍ତି । ପରବର୍ତ୍ତୀ ସମୟରେ ବ୍ଲକ ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହେବା ସହ ପ୍ରତ୍ୟେକ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ନିଜ ନିଜ କ୍ଲଷ୍ଟରରେ ଥିବା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନେଇ କର୍ମଶାଳା ମାଧ୍ୟମରେ ଏହିପରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ତାଲିମ ଦିଆଯିବ ବୋଲି ଶ୍ରୀମତୀ ପଟ୍ଟନାୟକ ଜଣାଇଛନ୍ତି ।

## ୧୦ ଦଫା ଦାବି ନେଇ ବସ୍ତା ବ୍ଲକ ଡ୍ରାଇଭର ସଂଘର ଆନ୍ଦୋଳନ



ଅମର୍ଦ୍ଦାରୋଡ, ୧୫/୦୩ (ନି.ପ୍ର): ରାଜ୍ୟ ଡ୍ରାଇଭର ସଙ୍ଘର ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ଡାକରାରେ ବାଲେଶ୍ୱର ଜିଲ୍ଲା ଜିଲ୍ଲା ସଭାପତି ରାମକୃଷ୍ଣ ଦାସ ନେତୃତ୍ୱରେ ଆଜି ୬୦ ନମ୍ବର ଜାତୀୟ ରାଜପଥ କୁଡିଆ ପୋଲ ଠାରେ ଦଶ ଦଫା ଦାବି ନେଇ ଆଜି ବସ୍ତା ବ୍ଲକର ୩୦ ଟି ପଞ୍ଚାୟତର ଥିବା ବସ୍ତା ଡ୍ରାଇଭର ସଙ୍ଘର କର୍ମକର୍ତ୍ତା ମାନେ ଆନ୍ଦୋଳନ କରାଯାଇଛି ।ଆଜି ଠାରୁ ରାଜ୍ୟବ୍ୟାପୀ ଡ୍ରାଇଭର ମହାସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବା ବେଳେ, ନିଜର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତା ପ୍ରକାଶ କହିଛନ୍ତି । ଦଶ ଦଫା ତଥା ଦୁର୍ଘଟଣାରେ ଡ୍ରାଇଭର ମୃତ୍ୟୁରେ ୨୦ ଲକ୍ଷ ଟଙ୍କାର ବୀମାରାଶି, ରାଜରାସ୍ତାର ପ୍ରତ୍ୟକ ୧୦୦ କିଲୋମିଟରରେ ବିଶ୍ରାମ ଗୃହ, ଡ୍ରାଇଭର ସୁରକ୍ଷା, ନେଇ ସରକାରଙ୍କ ପାଖରେ ଦାବି ରଖିଛନ୍ତି । ତେବେ ବସ୍ତା ଡ୍ରାଇଭର ମହାସଂଘ ପକ୍ଷରୁ ୬୦ ନଂ ଜାତୀୟ ରାଜପଥ ଗାନ୍ଧୀଛକ କୁଡିଆ ପୋଲ ଠାରେ ଆନ୍ଦୋଳନ କରାଯାଇଥିଲା । ଜରୁରୀ କାଳୀନ ଯାନକୁ ଛାଡି ଦେବା ସହିତ ପରିବହନ କରୁଥିବା ଗାଡ଼ିକୁ ଅଟକାଇ ଡ୍ରାଇଭର ମାନଙ୍କ ହକ ପାଇଁ ଏହି ଆନ୍ଦୋଳନ କରାଯାଉଛି। ଏଥିରେ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ଜଣାଇ ଛାଡି ଦେଉଥିବା କହିଛନ୍ତି ସଂଘର କର୍ମକର୍ତ୍ତା । ଜିଲ୍ଲା ଉପସଭାପତି ଚନ୍ଦନ ଭଟାଚାର୍ଯ୍ୟ, ସର୍ବେଶ୍ୱର ଦାଶ, ବସନ୍ତ ବେହେରା, ଅରୁଣ କୁମାର ଜେନା, ପରେଶ କୁମାର ଦାସ, ଦୟାନିଧି ସେନ, ରାଜେନ୍ଦ୍ର ସାହୁ, ଚନ୍ଦନ ଦାସ, ଜୟ ନାରାୟଣ ଶୂର, ରତ୍ନାକର ଜେନା,କୃଷ୍ଣ ମୋହନ ପାତ୍ର, ସୁକାନ୍ତ ବେହେରା, ସିପୁନ ବେହେରା, ମୁରଲୀ ଧର ଚଣ୍ଡ ସମେତ ବହୁ ସଙ୍ଘର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଓଡିଶା ଡ୍ରାଇଭର ମହାସଂଘ ଡାକରାରେ ଜଳେଶ୍ୱରରେ ଚକାବନ୍ଦ



ଜଳେଶ୍ୱର, ୧୫/୦୩ (ନି.ପ୍ର): ୧୦ ଦଫା ଦାବିରେ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଚକାବନ୍ଦ ଆନ୍ଦୋଳନ ଆଜି ଅନୁଷ୍ଠିତ ହୋଇଛି । କାଁ ଭାଁ ଛାଡିଦେଲେ ବସ୍ ଓ ଟ୍ରକ୍ ଚଳାଚଳ ହୋଇ ପାରିନାହିଁ । ସରକାର ଦାବି ସଂପର୍କରେ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ଯୋରଦାର କରାଯିବା ସଂପର୍କରେ ଜଳେଶ୍ୱର ସଂଘ ପକ୍ଷରୁ କୁହାଯାଇଛି । ପୂର୍ବ ସୂଚନା ଅନୁଯାୟୀ ମହାସଂଘର କର୍ମକର୍ତ୍ତାମାନେ ୬୦ନଂ ଜାତୀୟ ଓ ୫୭ ରାଜ୍ୟ ରାଜପଥ ସମ୍ମିଳିତ ସ୍ଥାନ ଜଳେଶ୍ୱର ଅଣ୍ଡରପାସ୍ ଠାରେ ଏପରି ବନ୍ଦ କାର୍ଯ୍ୟକ୍ରମ କରିଥିଲେ । ଚନ୍ଦନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ରଘୁନାଥ ବସ୍ ଯାତାୟାତ କରିଥିବା ବେଳେ ଅନ୍ୟ ବସ୍ ଗୁଡିକ ଚଳାଚଳ କରିନାହିଁ। ବନ୍ଦ ଡାକରା ଯୋଗୁଁ ଟେମ୍ପୋ, ଟଟୋ ଇତ୍ୟାଦି ଗାଡି କମ୍ ଚଳାଚଳ କରିଥିବା ଜଣାଯାଇଛି । ଡ୍ରାଇଭର ମାନଙ୍କୁ କରୋନାଯୋଦ୍ଧା ଓ ୨ୟ ସୈନିକର ମାନ୍ୟତା, ସୁରକ୍ଷା ପ୍ରଦାନ ଲାଗି ସ୍ୱତନ୍ତ୍ର ଆଇନ୍, ୫ ହଜାର ଟଙ୍କାର ପେନ୍‌ସନ, ରାସ୍ତାକଡରେ ଗାଡି ପାର୍କିବେଳେ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା, ଦୁର୍ଘଟଣାରେ ଡ୍ରାଇଭରଙ୍କର ମୃତ୍ୟୁଜନୀତ ୨୦ଲକ୍ଷ ଟଙ୍କା ବୀମା, ନିର୍ଦ୍ଧାରିତ ମୁଲ୍ୟାଙ୍କନ ଓ ସମୟସୀମା ଧାର୍ଯ୍ୟ, ଡ୍ରାଇଭର ପିଲାମାନଙ୍କୁ ଉଚ୍ଚଶିକ୍ଷାର ବ୍ୟବସ୍ଥା ଓ ଲାଇସେନ୍ସ ଲାଗି ୧୫ ହଜାର ପରିବର୍ତେ କମ୍ ଅର୍ଥର ପ୍ରଦାନ ଲାଗି ବ୍ୟବସ୍ଥା ହେବା ଇତ୍ୟାଦି ଦାବି କରାଯାଇଛି । ନିର୍ଦ୍ଧାରିତ ସ୍ଥାନରେ କେତେକ ପୁଲିସ୍ କର୍ମଚାରୀ ଜଗିଥିବା ବେଳେ ଅନ୍ୟ କୌଣସି ପ୍ରଶାସନୀକ ଅଧିକାରୀ ଆସିନଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଜିଲା ଉପସଭାପତି ଚନ୍ଦନ ଭଟ୍ଟାଚାର୍ଯ୍ୟ, ଜଳେଶ୍ୱର ବ୍ଲକ ସଂପାଦକ ଭାସ୍କର ମାହାଲି, ସଂଜୟ ପାତ୍ର, ସମ୍ଭୁନାଥ ବେହେରା ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ସୂଚନା ଦେଇଛନ୍ତି ।

## ବିଷପାନ ଜନିତ ମୃତ୍ୟୁ : ସାଧାରଣରେ ଚାଞ୍ଚଲ୍ୟ

ଜଳେଶ୍ୱର, ୧୫/୦୩ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ଚମାରଗାଁର ଜନୈକ ସାଂଗ ବିଷପାନ କରି ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣେ ବିଷପାନ କରି ଚିକିତ୍ସିତ ଥିବାରୁ ଘଟଣାଟି ଆଲୋଚ୍ୟର ବିଷୟ ହୋଇଛି । ଗତ ମଂଗଳବାର ସୁଶାନ୍ତ ଭୂୟାଁଙ୍କ ପୁଅ ଜ୍ୟୋତିର୍ମୟ ଭୂୟାଁ(୨୨) ବିଷପାନ କରିଥିବାରୁ ପ୍ରଥମେ ହାତୀଗଡ ଓ ପରେ ବାଲେଶ୍ୱର ଓ କଟକ ନିଆଯାଇଥିବା ବେଳେ ଆଜି ତାର ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ତାର ଜଣେ ସାଂଗ ଜ୍ୟୋତିର୍ମୟ ଜେନା ପୂର୍ବାହ୍ନରେ ହଠାତ୍ ବିଷପାନ କରି ଅସୁସ୍ଥ ହେବାର ବାଲେଶ୍ୱରରେ ଚିକିତ୍ସା କରାଯାଉଥିବା ଜଣାଯାଇଛି । ଏପରି ଘଟଣାରେ ବହୁ କଥାର ଶୁଣିବାକୁ ମିଳୁଛି ।

## ଭିଜନ ଇଣ୍ଡିଆ, ପାୱାର ଏମ୍ପ୍ଲୋଇଜ ୟୁନିୟନ ଓ ଟାଟା ପାୱାର ପକ୍ଷରୁ ତ୍ରିପାକ୍ଷିକ ଆଲୋଚନା



ବାରିପଦା, ୧୫/୦୩ (ନି.ପ୍ର): ଆଜି ରାଇରଙ୍ଗପୁର ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସରେ ଏକ ତ୍ରିପାକ୍ଷିକ ଆଲୋଚନା ଠିକା ଶ୍ରମିକ ମିଟର ରିଡର କର୍ମଚାରୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଠିକା ସଂସ୍ଥା ଭିଜନ ଇଣ୍ଡିଆ, ପାୱାର ଏମ୍ପ୍ଲୋୟସ ୟୁନିଅନର କର୍ମକର୍ତା ଓ ଟାଟାପାୱାର ଅଧିକାରଙ୍କ ସହ ପୂର୍ବରୁ ଦେଇଥିବା ଲିଖିତ ଦାବୀ ପତ୍ର ସମ୍ବନ୍ଧରେ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ମିଟର ରିଡିଂ କର୍ମଚାରୀଙ୍କ ଦରମାରେ ଥିବା ତାରତମ୍ୟ ଦୂରକରିବା, ଦରମା ଏବଂ ଇ.ଏସ.ଆଇ. ସ୍ଲିପ ଯୋଗାଣ, ବର୍ଦ୍ଧିତ ମୋବାଇଲ ଖର୍ଚ୍ଚରାଶି ଠିକା ସଂସ୍ଥା ଏହି ମାସ ଠାରୁ ଲାଗୁ କରିବା ନେଇ ଚୁକ୍ତି କରିଛନ୍ତି । ଆଲୋଚନାରେ ପାୱାର ଏମ୍ପ୍ଲୋଇଜ ୟୁନିୟନର ଡେପୁଟି ଜେନେରାଲ ସେକ୍ରେଟାରୀ ଜ୍ୟୋତି କୃଷ୍ଣ ବେହେରା, ଆର୍ତବନ୍ଧୁ ବିଶ୍ୱାଳ, ଅଶ୍ୱିନୀ କୁମାର ପଣ୍ଡା, ଦୁଲାଲ ରାୟ, ବିଜୟ କୃଷ୍ଣ ମାଇତୀ, ଅମିୟ ସ୍ୱାଇଁ, ଜଗନ୍ନାଥ ମହାକୁଡ, ଦେବାଶିଷ ସାହୁ, ସୁଶାନ୍ତ ବଗାଳ, ଶିବ ମୁଣ୍ଡା, ସମସ୍ତ ମିଟର ରୀଡ଼ିଂ ସୁପରଭାଇଜର, ଡିଭିଜନ ହେଡ କ୍ଲର୍କ ସୈଲେନ୍ଦ୍ର ସାହୁ, ରାଜେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଭିଜନ ଇଣ୍ଡିଆ ତରଫରୁ ମାନେଜିଂ ଡାଇରେକ୍ଟର ସୁରେନ୍ଦ୍ର ରାଣା, ଅମରଜିତ ଦୁହାନ, ରାଇରଙ୍ଗପୁର ନିର୍ବାହୀ ଯନ୍ତ୍ରୀ ରାଧେଶ କିଶୋର ସିଂ, ବିଲିଂ ମୁଖ୍ୟ ଟାଟା ପାୱାର ବାଲେଶ୍ୱର ଆଲୋଚନା ସମୟ ରେ ଉପସ୍ଥିତ ଥିଲେ ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନଂ(୧) e-Tender/ 2023/ 06 (2) e-Tender/ 2023/ 07 dt. 14.03.2023 ଭାରତ ରାଷ୍ଟ୍ରପତିଙ୍କ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (Engg.) ଦକ୍ଷିଣପୂର୍ବ ରେଳପଥ, ଖଡଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି । ଆଇଟମ୍ ଏଗ୍‌ନେକ୍ସରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । ସିରିଏଲ ନଂ, ଟେଣ୍ଡର ନମ୍ବର, କାର୍ଯ୍ୟଗୁଡ଼ିକର ବର୍ଣ୍ଣନା: (1) E-KGP-South-୦୨-୨୦୨୩ । ସ୍ଲିପରର ନବୀକରଣ (ପ୍ରାଥମିକ) ଯଥା TSR (P) ର କାର୍ଯ୍ୟର କାର୍ଯ୍ୟକାରିତା, ବର୍ତ୍ତମାନର ସ୍ଲିପରର ପରୀକ୍ଷଣ ଏବଂ 25.912 Tr ର ସହନଶୀଳତା ସହିତ ଫାଟିଙ୍ଗ୍ ସିଷ୍ଟମ୍ । ସିନିଅର DEN (ଦକ୍ଷିଣ) / କଏଚ ଅଧୀନରେ ଖରାଗପୁର ଡିଭିଜନର ଦାନ୍ତନ-ବସ୍ତା ବିଭାଗରେ କିମି । (୨) ଇ-କେଜିପି-ଦକ୍ଷିଣ-୦୩-୨୦୨୩ । ୫୦ ମିଲିମିଟର ଗେଜ୍ ହାର୍ଡ ଷ୍ଟୋନ୍ ମେସିନ୍ ଚୂର୍ଣ୍ଣ ବାଲାଷ୍ଟ ଯୋଗାଣ ଏବଂ ଖରାଗପୁର ଡିଭିଜନ୍ ପାଇଁ ପାକୁର / ବାକୁଡିହ / ବାରହରୱା / ପିନାରଗରିଆ / ତାଲଜାରୀ ଡିପୋରେ ରେଳବାଇର ୱାଗନ୍ / ହପର୍ରେ ସମାନ ଲୋଡ୍ କରନ୍ତୁ । ଟେଣ୍ଡର ମୂଲ୍ୟ: ୧୬,୪୯,୧୫,୪୦୮.୯୮ (SI ନମ୍ବର ୧ ପାଇଁ), ୧୭,୩୪,୯୪,୯୫୯ / -। (SI ନମ୍ବର ୨ ପାଇଁ) ଇର୍ଣ୍ଣେଷ୍ଟ ମନି: ୯,୭୪,୬୦୦ / - (SI ନମ୍ବର ୧ ପାଇଁ), ୧୦,୧୭,୫୦୦ / - (ଝଓ। ନମ୍ବର ୨ ପାଇଁ) । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ନିଲ୍। ଖୋଲିବାର ତାରିଖ: ୨୭.୦୩.୨୦୨୩ (ଝଓ। ନମ୍ବର ୧ ପାଇଁ), ୨୮.୦୩.୨୦୨୩ (SI ନମ୍ବର ୨ ପାଇଁ) । କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ (SI ନମ୍ବର ୧ ପାଇଁ), ୧୮ ମାସ (SI ନମ୍ବର ୨ ପାଇଁ) । ବିଡିଂ ଆରମ୍ଭ ତାରିଖ: ଠାରୁ ୧୩.୦୩.୨୦୨୩ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୭.୦୩.୨୦୨୩ ରେ (SI ନମ୍ବର ୧ ପାଇଁ), ୧୪.୦୩.୨୦୨୩ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୮.୦୩.୨୦୨୩ରେ (SI ନମ୍ବର ୨ ପାଇଁ) । ଆଗ୍ରହୀ ଟେଣ୍ଡରଗୁଡିକ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ଏବଂ ଅନ୍‌ଲାଇନ୍‌ରେ ସେମାନଙ୍କର ବିଡ୍ ଦାଖଲ କରନ୍ତୁ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । N.B : ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବେ ର www.ireps.gov.in ପରିଦର୍ଶନ କରିପାରିବେ ।

(PR-1199)

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

## ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ପ୍ରଭାବିତ ଜନଜୀବନ

ବାଲେଶ୍ୱର, ୧୫/୦୩ (ନି.ପ୍ର): ଓଡ଼ିଶା ଡ୍ରାଇଭର ଏକତା ମଞ୍ଚର ଆହ୍ୱାନ କ୍ରମେ ବୁଧବାର ଆରମ୍ଭ ହୋଇଥିବା ରାଜ୍ୟ ବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ପ୍ରତିଫଳନ ବାଲେଶ୍ୱରରେ ବେଶ ପ୍ରିଫଳିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ବନ୍ଦ ରହିବା ଫଳରେ ସାଧାରଣ ଲୋକେ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ତେବେ ବାଲେଶ୍ୱର ଘରୋଇ ବସ ମାଲିକ ସଂଘ, ଟ୍ରକ ମାଲିକ ଓ ଡ୍ରାଇଭର ସଂଘ ଏବଂ ନିଖିଳ ଓଡ଼ିଶା ଅଟୋ ମହାସଂଘ ପ୍ରଭୃତି ସଂଗଠନ ଏହି ଆନ୍ଦୋଳନରୁ ନିବୃତ ହୋଇଥିବା ବେଳେ ଅନ୍ୟାନ୍ୟ ବର୍ଗର ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଡ୍ରାଇଭରମାନେ ସହର ଉପକଣ୍ଠ ଜାତୀୟ ପଥରେ ଏକାଧିକ ସ୍ଥାନରେ ସମ୍ମିଳିତ ହୋଇ ଓଡ଼ିଶା ଡ୍ରାଇଭର ଏକତା ମଞ୍ଚର ଦାବିକୁ ସମର୍ଥନ ଜଣାଇ ବିରୋଧ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ଉଦାସୀନତା ଅସହ୍ୟ ହୋଇଥିବା ବେଳେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନରତ ଡ୍ରାଇଭରମାନେ ସୂଚନା ଦେଇଛନ୍ତି। ଜାତୀୟ ରାଜପଥରେ ଯାଉଥିବା ବ୍ୟବସାୟିକ ପରିବହନରେ ନିୟୋଜିତ ଗାଡ଼ିଗୁଡିକୁ ଅଟକାଇ ତା'ର ଡ୍ରାଇଭରଙ୍କ ବେକରେ ସେମାନେ ଫୁଲମାଳ ପକାଉଥିବା ଲକ୍ଷ୍ୟ କରାଯାଇଥିଲା । ତେବେ ମଞ୍ଚର ନିଷ୍ପତ୍ତି କ୍ରମେ ସ୍କୁଲ ବସ୍, ପରୀକ୍ଷା ଡ୍ୟୁଟିରେ ନିୟୋଜିତ ଗାଡି, ଛାତ୍ରଛାତ୍ରୀ ଯାଉଥିବା ଗାଡି, ଆମ୍ବୁଲାନ୍ସ, ମେଡିକାଲ ଷ୍ଟାଫ୍ ଯାଉଥିବା ଗାଡ଼ି, ବିଦ୍ୟୁତ ବିଭାଗ ଗାଡି, ଦମକଳ ଓ ଘରୋଇ ନମ୍ବର ଥିବା ଗାଡ଼ି ବ୍ୟତୀତ ହଳଦିଆ ନମ୍ବର ପ୍ଲେଟ ଥିବା ଗାଡ଼ିକୁ ଆନ୍ଦୋଳନକାରୀ ଅଟକାଉଥିଲେ। ତେବେ ୧୦ ଦଫା ଦାବି ମଧ୍ୟରୁ କର୍ମଜୀବୀ ଡ୍ରାଇଭରଙ୍କ ପାଇଁ ଦୁର୍ଘଟଣା ଜନିତ ମୃତ୍ୟୁ ବାବଦରେ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଦୁର୍ଘଟଣାରେ ବିକଳାଙ୍ଗ ହେଲେ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ଆହତ ଡ୍ରାଇଭରଙ୍କ ଚିକିତ୍ସା ପାଇଁ ୫ଲକ୍ଷ ଟଙ୍କାର ସହାୟତା ରାଶି ତୁରନ୍ତ ଯୋଗାଇ ଦେବା ଦାବି ଉପରେ ସରକାର ସମ୍ପ୍ରତି ପ୍ରକାଶ କରିଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ ଏଥିରୁ ଓହରିବା ଯୋଗୁଁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ଡ୍ରାଇଭର ସଂଘ ବାଲେଶ୍ୱର ଶାଖା କର୍ମକର୍ତ୍ତା କହିଛନ୍ତି।

## କେନ୍ଦ୍ର ସରକାରଙ୍କ ଆଦାନୀ ପ୍ରୀତି ଓ ଏସ୍‌ବିଆଇ ଏବଂ ଏଲ୍‌ଆଇସିରେ ହୋଇଥିବା ମହାଦୁର୍ନୀତି ବିରୁଦ୍ଧରେ ରେମୁଣା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ

ବାଲେଶ୍ୱର, ୧୫/୦୩ (ନି.ପ୍ର): ଶୁକ୍ରବାର ହିଣ୍ଡେନବର୍ଗ ରିପର୍ଟ ଅନୁସାରେ କେନ୍ଦ୍ର ସରକାରଙ୍କ ଆଦାନି ପ୍ରୀତି ଦ୍ୱାରା ଏସବିଆଇ ଓ ଏଲଆଇସି ରେ ହୋଇଥିବା ମହା ଦୁର୍ନୀତି ବିରୁଦ୍ଧରେ ଏଆଇସିସିର କାର୍ଯ୍ୟକ୍ରମ ମୁତାବକ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ ରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ସଞ୍ଜୀବ କୁମାର ଗିରିଙ୍କ ପରାମର୍ଶ ରେ ରେମୁଣା କଂଗ୍ରେସ ପକ୍ଷରୁ ରେମୁଣା ଗୋଲେଇ ଏସବିଆଇ ସମ୍ମୁଖ ରେ ବିକ୍ଷୋଭ ଓ ପ୍ରତିବାଦ ଧାରଣା ରେମୁଣା ବ୍ଲକ ସଭାପତି ତରୁଣ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇ ଅଛି। ନିକଟରେ ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବା ପାରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ



ବିଜେପି ସରକାର ର ପୁଞ୍ଜିପତି ଆଦାନି ଙ୍କ ସହ ସମ୍ପର୍କ ଯୋଗୁଁ କିଭଳି ଭାବେରେ ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ପତି ଏବଂ ଭାରତ ବର୍ଷର କୋଟି କୋଟି ଜନତା ଙ୍କ ବ୍ୟାଙ୍କ ରେ ସଞ୍ଚିତ ଅର୍ଥ ଏବଂ ଏଲଆଇ ସି ରେ ଥିବା ଯମାରାଶି କୁ ଟେକି ଦିଆଯାଇଛି ତାର ସମ୍ପୂର୍ଣ୍ଣ ପର୍ଦ୍ଦାଫାଶ ଆଜି ହେଉଛି। ଏସବିଆଇ ଭଳି ଅନ୍ୟ ବ୍ୟାଙ୍କ ଓ ଏଲଆଇସିରେ କୋଟି କୋଟି ଜନତାଙ୍କ ପଇସା କୁ ସରକାର ଚାପ ପ୍ରୟୋଗ କରି ଆଦାନି ଗ୍ରୁପ ଅଫ କମ୍ପାନୀ ରେ ପୁଞ୍ଜି ବିନିଯୋଗ କରାଉଛନ୍ତି । ଯାହାଦ୍ୱାରା ଆଜି ଭାରତ ବର୍ଷ ର ଜମାକାରୀଙ୍କ ଜମାରାଶି ସୁରକ୍ଷିତ ନୁହଁ, ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବା, ଦେଶର ଅର୍ଥନୀତି କୁ ରକ୍ଷା କରିବା କଂଗ୍ରେସ ଦଳ ର ପରମ ଧର୍ମ। ଏଥି ପାଇଁ ଜାତୀୟ କଂଗ୍ରେସ ତରଫରୁ ସାରା ଦେଶ ରେ ଏଲଆଇସି ଓ ଏସବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ଧାରଣା ହେଉ ଥିବା ଭଳି ରେମୁଣା ରେ ମଧ ଏହି ବିକ୍ଷୋଭ ଓ ପ୍ରତିବାଦ ଧାରଣା ଅନୁଷ୍ଠିତ ହୋଇ ଥିଲା । ଅନ୍ୟମାନଙ୍କ ମଧରେ ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସ ବା କେକେସି ର ରାଜ୍ୟ ଉପାଧକ୍ଷା ଜୋସ୍ନା ସେନାପତି, ବାଲେଶ୍ୱର କେକେସି ଜିଲ୍ଲା ସଭାପତି ବିକାଶ କୁମାର ଦାସ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନିରଞ୍ଜନ ବେହେରା, ଶ୍ରମିକ ନେତା ଅରୁଣ ଜେନା,ବିଧାନ ରାୟ, ଯୁବ କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ପାରିତଷୋ ମଣ୍ଡଳ କେକେସି ଜିଲ୍ଲା ସାଧାରଣ ସମ୍ପାଦକ ଜୀବନ ବାରିକ, କୁମୁଦୁନି ଦାସ, ସୁରେଶ ଜେନା, ଆରତୀ ଜେନା, କବିତା ଜେନା, ଲେମ୍ବୁଧର ମହାନ୍ତି, ବୋଲାଇ ଦାସ, ଜୋସଦା ଜେନା, ବିଦ୍ୟାଧର ବାରିକ, ଆଶିଷ ମହାନ୍ତି, ସୁରଜିତ ପୁଥାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ମତ ରଖିଥିଲେ।

## ଦଶଦଫା ନେଇ ବାଲିଆପାଳ ଡ୍ରାଇଭର ମହାସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ



ବାଲିଆପାଳ, ୧୫/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଦଶ ଦଫା ନେଇ ଆଜି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି । ଆଜି ସକାଳଠାରୁ ଡ୍ରାଇଭର ସଂଘର ଶତାଧିକ ଡ୍ରାଇଭର ଭାଇମାନେ ସ୍ଥାନୀୟ ବ୍ଲକଛକ ନିକଟରେ ଏକତ୍ରୀତ ହୋଇଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥିଲେ । ସେମାନଙ୍କର ଦାବି ଯଥାର୍ଥ ହୋଇଥିବା ବେଳେ ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ କରିବା ପାଇଁ ସଂଘର ନେତୃବୃନ୍ଦ ମାନେ ଦାବି ଉପସ୍ଥାପନ କରିଥିଲେ । ସ୍ଥାନୀୟ ଅ ଳର କିଛି ନେତୃବୃନ୍ଦ ମଧ ଡ୍ରାଇଭର ସଂଘର ଆନ୍ଦୋଳନରେ ଯୋଗଦେଇ ସରକାର ଡ୍ରାଇଭର ମାନଙ୍କର ଦାବି ପୂରଣ କରିବା ପାଇଁ ଦାବି ରଖିଥିଲେ । ତେବେ ବାଲିଆପାଳର ସମସ୍ତ ବସଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଆଜିର ଏହି ଆନ୍ଦୋଳନରେ ସଂଘର ବ୍ଲକ ସଂଯୋଜକ ଜୟକୃଷ୍ଣ ଗଙ୍ଗାଇ, ଶସୀକାନ୍ତ ପ୍ରଧାନ, ପ୍ରଭାକର ମହାନ୍ତି, ଗୌରାଙ୍ଗ ଜେନା, ସୁବାସ ମଣ୍ଡଳ,ସମେତ ସଂଘର କା ର୍ତ୍ତିକ ଗିରି, ମୃତ୍ୟୁଞ୍ଜୟ ଜେନା, ସାଗର ଗିରି, ଅମୁଲ୍ୟ ସାହୁ, ବୁଦ୍ଧିରାମ ଜେନା, ସୁଦର୍ଶନ ବେହେରା, ସଞ୍ଜୟ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁଁ ଯାତ୍ରୀମାନଙ୍କୁ ନାନା ଅସୁବିଧାର ସମ୍ମୁଖୀଣ ହେବାକୁ ପଡିଥିବା ଦେଖିବାକୁ ମିଳିଥିଲା ।

## ସହପାଠୀର ପରଲୋକରେ ବେସାହାର ପରିବାରକୁ ସହାୟତା

ଜଳେଶ୍ୱର, ୧୫/୦୩ (ନି.ପ୍ର): ଜନୈକ ସହପାଠୀର ଦୁର୍ଘଟଣା ଜନୀତ ମୃତ୍ୟୁରେ ଅନ୍ୟ ସହପାଠୀମାନେ ସହାୟତା ଯୋଗାଇ ନିଆରା ପରିବେଶ ସୃଷ୍ଟି କରିଛନ୍ତି । ବେସାହାରା ପରିବାରକୁ ସହାୟତା ଯୋଗାଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଘଟଣାରୁ ପ୍ରକାଶ ଗତ ଶିବରାତ୍ରୀ ପରଦିନ ପାଇକସିଦା ପଂଚାୟତର ଚିତମିଶ୍ରର ଗାଁର ନବ କୁମାର ଦାସ (୪୦) ସବୁଦିନ ପରି ସେ ଦିନ ମଧ୍ୟ ଜଣେ ଡ୍ରାଇଭରଭାବେ ବିଲକୁ ଲଙ୍ଗଳ ଲାଗି ପାୱାରଟିଲର ନେଇ ଯାଇଥିଲେ । ସେଦିନ ଥିଲା ତାଙ୍କ ଜୀବନର ଶେଷ ସମୟ । ପାୱାରଟିଲର ଦୁର୍ଘଟଣାରେ ନବକୁମାରଙ୍କ ମୃତ୍ୟୁପରେ ତାଙ୍କ ଅଭାବୀ ପରିବାର ବେସାହାରା ହୋଇଥିଲେ । ଘଟଣା ଜାଣିବାପରେ ପାଇକସିଦା ହାଇସ୍କୁଲର ୧୯୯୯ ବ୍ୟାଚ୍‌ର ସାଂଗମାନେ ସହାୟତାର ହାତ ବଢାଇଛନ୍ତି । କେତେକ ସହପାଠୀ ମିଳିତଭାବେ ୨୨ହଜାର ନଗଦ ଟଙ୍କା ସହିତ କିଛି ଖାଦ୍ୟ ସାମଗ୍ରୀ ଧରି ନବକୁମାର ବିଧବା ସ୍ତ୍ରୀ ଓ ନାବାଳକ ପୁଅକୁ ଦେଇଛନ୍ତି । ଏପରି ଘଟଣା ଏ ଅଂଚଳରେ ଆଲୋଚ୍ୟର ବିଷୟ ହୋଇଛି ।

## ଖ୍ୱମଜୀ ଛକ ନିକଟରେ ଟ୍ରାଫିକ ସିଗନାଲ ପୋଷ୍ଟ ଉଦ୍‌ଘାଟିତ

ବାଲେଶ୍ୱର, ୧୫/୦୩ (ନି.ପ୍ର): ସହରର ୦ଟି ରୋଡ଼କୁ ସଂଯୋଗ କରୁଥିବା ଶୋଭାରାମପୁର ରେଳ ଓଭର ବ୍ରିଜ ରାସ୍ତା ସଂଗମସ୍ଥଳ ଖ୍ୱମଜୀ ଛକଠାରେ ନୂତନ ଟ୍ରାଫିକ ସିଗନାଲ ପୋଷ୍ଟ ମଙ୍ଗଳବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି। ବାଲେଶ୍ୱର ଏସପି ସାଗରିକା ନାଥ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ନୂତନ ଲାଇଟ ପୋଷ୍ଟ ସ୍ଥାପନର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ସହରରେ ଯାନବାହାନ ଚଳାଚଳ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଶୋଭାରାମପୁର ରେଳ ଓଭର ବ୍ରିଜ ନିର୍ମାଣ ପରେ ଟ୍ରାଫିକ ସମସ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ଲାଇଟ ପୋଷ୍ଟ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା ପାଇଁ ଅନ୍ୟାନ୍ୟ ସ୍ଥାନରେ ମଧ ଏହି ଭଳି ଲାଇଟ ପୋଷ୍ଟ ସ୍ଥାପନ କରାଯିବ ବୋଲି ଶ୍ରୀମତୀ ନାଥ କହିଛନ୍ତି । ତେବେ ଟ୍ରାଫିକ ନିୟମ ପାଳନ ଦିଗରେ ସହଯୋଗ ପାଇଁ ସେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ହରି ପ୍ଲାଷ୍ଟ ସହଯୋଗରେ ଏହି ଟ୍ରାଫିକ ଲାଇଟ ପୋଷ୍ଟ ସ୍ଥାପନ କରାଯାଇଥିବା ବେଳେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଯୁବ ଶିଳ୍ପୋଦ୍ୟୋଗୀ ସଂଗ୍ରାମ ଦାସ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଜେକେସିସି ଟିମ ବିଜୟୀ



ବାରିପଦା, ୧୫/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଂଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଓସିଏ ଭିଜନ - ୨୦୨୪ ଆନ୍ତଃ କ୍ଲବ କ୍ରିକେଟ ଲିଗ ଟୁର୍ଣ୍ଣାମେଂଟର ଷଷ୍ଠ ଦିନର ଏକ ମାତ୍ର ମ୍ୟାଚରେ ଜେକେସିସି ଟିମ କରଂଜିଆ ଟିମକୁ ୯ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି କରଂଜିଆ ୩୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ପୁରୁଷୋତମ ଦାସ ୩୮, କେଶବ ନାଏକ ୩୬, ସୁବିତ ସେଠି ୨୯ ଓ ଦେବାଶିଷ ପାତ୍ର ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ସାମନ୍ତ ଶେଖର ପାଲ ଓ ସତ୍ୟବ୍ରତ ଧଳ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଜେକେସିସି ୧୮ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ସ୍ମୃତି ରଂଜନ ନାୟକ ୪୦ ଓ ଶ୍ୱେତ ଦାସ ୩୨ ରନ କରିଥିବା ବେଳେ ବିପକ୍ଷ ଦଳର ଶ୍ରୀମନ୍ତ ସାହୁ ଏକ ମାତ୍ର ଉଇକେଟ ନେଇଥିଲେ । ଜେକେସିସି ଟିମର ସଂଜୀବ କୁମାର ମହାପାତ୍ର ୪୦ ରନ ଓ ୫ ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଓ ଅମିତାଭ ପଟ୍ଟନାୟକ ଓ ଦିଲ୍ଲିପ ଦାସ ଖେଳ ପରିଚାଳନା କରିଥିବା ବେଳେ ସସ୍ମିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନେତା ତଥା କ୍ରୀଡା ସଂଗଠକ ଜୀବନ କୁମାର ସାହୁ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧରେ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଏବଂ ବରିଷ୍ଠ ସଦସ୍ୟ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋପାଳଗାଁ ପ୍ରିମିୟର କ୍ରିକେଟ ଲିଗ : ଭିକ୍ଟୋରି ଓ୍ୱାରିୟର୍ସ ଚାମ୍ପିୟନ

ବାଲେଶ୍ୱର, ୧୫/୦୩ (ନି.ପ୍ର): ସହରର ଗୋପାଳଗାଁରେ ଚାଲିଥିବା ଦୁଇ ଦିନିଆ ଦିବାରାତ୍ର ଗୋପାଳଗାଁ କ୍ରିକେଟ ପ୍ରିମିୟର ଲିଗ ସିଜିନ-୬ ମଙ୍ଗଳବାର ଉଦଯାପିତ ହୋଇଯାଇଛି।ଏଥିରେ ଅଂଶଗ୍ରହଣ କରିଥିବା ୯ଟି କ୍ରିକ୍ରେଟ ଟିମଙ୍କ ମଧ୍ୟରୁ ଫାଇନାଲକୁ ଉନ୍ନୀତ ଗ୍ୟାଲେକ୍ସି ଫାଇଟର୍ସ ଏବଂ ଭିକ୍ଟୋରି ଓ୍ୱାରିୟର୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ଗ୍ୟାଲେକ୍ସି ଟିମ ନିର୍ଦ୍ଧାରିତ ୬ ଓଭରରେ ୬ଟି ଓ୍ୱିକେଟ ହରାଇ ୩୮ରନ କରିଥିଲା। ଜବାବରେ ଭିକ୍ଟୋରିଆ ଟିମ ନିର୍ଦ୍ଧାରିତ ଓଭରରେ ମୋଟ ୫.୧ଓଭରରେ ୪୨ରନ କରି ଚାମ୍ପିୟନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସନସାଇନ ଓ୍ୱାରିୟର୍ସ ଟିମର ଶଶି କୁମାରଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଛି।

## ନୀଳଗିରିରେ ରିଲାଏନସ ଟ୍ରେଣ୍ଡସର ସୋରୁମ ଉଦ୍‌ଘାଟିତ

ନୀଳଗିରି, ୧୫/୦୩ (ନି.ପ୍ର): ନୀଳଗିରି ସହରର ଜଗନ୍ନାଥ ମନ୍ଦିର ସମ୍ମୁଖରେ ରିଲାଏନ୍ସ ଟ୍ରେଣ୍ଡସର ନୂଆ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି । ନୀଳଗିରି ସହର ଓ ନିକଟବର୍ତ୍ତୀ ଅଂଚଳର ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଲୋଭନୀୟ ମୂଲ୍ୟର ଫ୍ୟାସନ ଡିଜାଇନର ବିଭିନ୍ନ କିସମର ଡ୍ରେସ ସୁଲଭ ମୂଲ୍ୟରେ ଏହି ଷ୍ଟୋରରେ ମିଳିବାର ସୁଯୋଗ ରହିଥିବା ନେଇ କମ୍ପାନୀ ପକ୍ଷରୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ବାଲେଶ୍ୱର ଜିଲ୍ଲାର ଟ୍ରେଣ୍ଡସର ଏହା ୩ୟ ଷ୍ଟୋର ବୋଲି କମ୍ପାନୀ




ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ ଟ୍ରେଣ୍ଡସ ବାସ୍ତବରେ ଭାରତରେ ଫ୍ୟାସନ କ୍ଷେତ୍ରକୁ ଲୋକାଭିମୁଖୀ କରି ଫ୍ୟାସନରେ ବିକାଶ କରିଛି । ଏହି ଉଦ୍‌ଘାଟନୀ ଉତ୍ସବରେ ନୀଳଗିରି ପୋଲିସ ଏସ.ଡି.ପି.ଓ. ରିତେଶ କୁମାର ମହାପାତ୍ର ଫିତା କାଟି ଉଦଘାଟନ କରିଥିବା ବେଳେ କମ୍ପାନୀ ପକ୍ଷରୁ ପ୍ରଶାନ୍ତ କୁମାର ଭୋଇ, ସଂଜୀବ ବେଉରିଆ, ଚିନ୍ମୟ ନାୟକ, ଦୀପକ ଦାସ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଡ୍ରାଇଭର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ନୀଳଗିରିରେ ସଫଳ

ନୀଳଗିରି, ୧୫/୦୩ (ନି.ପ୍ର): ଓଡ଼ିଶା ଡ୍ରାଇଭର ମହାସଂଘର ୧୦ଦଫା ଦାବୀକୁ ନେଇ ବୁଧବାର ଦିନ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦେଇଥିବା ବେଳେ ନୀଳଗିରି ଡ୍ରାଇଭର ସଂଘ ପକ୍ଷରୁ ନୀଳଗିରି ବାଇପାସ ଠାରେ ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ କୌଣସି ହଳଦିଆ ନମ୍ବର ପ୍ଲେଟ ଗାଡ଼ି ଚାଲି ନ ଥିବାର ଦେଖିବାକୁ ମିଳିଛି। ୧୦ଦଫା ଦାବୀ ମଧ୍ୟରେ ସଡ଼କ ଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ବିଶ୍ରାମଗାର ନିର୍ମାଣ,



ଶୌଚାଳୟ ବ୍ୟବସ୍ଥା, ଡ୍ରାଇଭର ପାଣ୍ଠି ଗଠନ, ସାମାଜିକ ନିରାପଦା, ଡ୍ରାଇଭରଙ୍କ ପାଇଁ ବୀମା, ପେସନ ବ୍ୟବସ୍ଥା, ଆଦି ଦାବୀ ନେଇ ଆନ୍ଦୋଳନ କରାଯାଇଥିଲା । ଶତାଧିକ ଡ୍ରାଇଭରବନ୍ଧୁମାନେ ଏକତ୍ରିତ ହୋଇ ନୀଳଗିରି ବାଇପାସ ଠାରେ ଶାନ୍ତିପୂର୍ଣ୍ଣ ଆନ୍ଦୋନ କରି ସ୍ଲୋଗାନ ଦେଇଥିଲେ । ଆଇନଶୃଙ୍ଖଳା ଦୃଷ୍ଟିରୁ ନୀଳଗିରି ଆଇ.ଆଇ. ସି. ଗୋପାଳ ଚନ୍ଦ୍ର କର୍ଣ୍ଣ ଘଟଣା ସ୍ଥଳରେ ପୋଲିସ ମୁତୟନ କରିଥିବା ବେଳେ ପେଟ୍ରୋଲିଂ କଡ଼ାକଡ଼ି କରିଥିଲେ । ତେବେ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ଉପୁଜି ନ ଥିଲା ।

## ବାମନଘାଟୀ ରଙ୍ଗତୂଳୀ କଳାକାର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ବାରିପଦା, ୧୫/୦୩ (ନି.ପ୍ର): ରଙ୍ଗତୂଳୀ କଳାକାରଙ୍କ ଜୀବନ, ଜିବିକା ଓ ସାମାଜିକ ସୁରକ୍ଷା ଆଜି ବିପନ୍ନ । ଡିଜିଟାଲ ଯୁଗରେ କଳା ସଂସ୍କୃତି ହଜି ଯାଉଥିବା ବେଳେ, ଚିତ୍ରକଳାକୁ ନେଇ ପ୍ରତିପୋଷଣ କରୁଥିବା କଳାକାର ପରିବାର ଆଜି ଆର୍ôଥିକ ଅନାଟନରେ କାଳାତିପାତ କରୁଛନ୍ତି । ତେଣୁ କଳାକାଳଙ୍କ ଜୀବନ ଜୀବିକାକୁ ନେଇ ୧୧ ଦଫା ଦାବିରେ ଆଜି ବାମନଘାଟୀ ରଙ୍ଗତୂଳୀ କଳାକାର ସଂଘ ପକ୍ଷରୁ ବାମନଘାଟୀ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯିବାସହ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧରେ ରଙ୍ଗତୂଳୀ କଳାକାରଙ୍କୁ ଚିହ୍ନଟ କରି ଶ୍ରମ ବିଭାଗ ଅଧିନରେ ପଂଜିକରଣ କରିବା, ସ୍ୱତନ୍ତ୍ର କଲ୍ୟାଣ ବୋର୍ଡ଼ ଗଠନ କରି ଦୁର୍ଘଟଣା ଓ ମୃତ୍ୟୁ କାଳୀନ ସହାୟତା ଯୋଗାଇଦେବା, ୫୦ ବର୍ଷ ପରେ ଆର୍ôଥିକ ଦୁର୍ବଳ ରଙ୍ଗତୂଳୀ କଳାକାରଙ୍କୁ ମାସିକ ୧୫,୦୦୦ ଟଙ୍କା ପେନସନ, ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ଚିତ୍ର ଓ ସାଇନ୍ ବୋର୍ଡ଼ କାମରେ ଠିକାଦାରୀ ପ୍ରଥା ଉଠାଇ ସିଧାସଳଖ କାମ ଯୋଗାଇଦେବା, ରଙ୍ଗତୂଳୀ କଳାକାରଙ୍କ କର୍ମ ନିଯୁକ୍ତି ପାଇଁ ବିଧାନସଭାରେ ବଜେଟ ପ୍ରସ୍ତୁତ କରିବା, ରଙ୍ଗତୂଳୀ କଳାକାରଙ୍କ ପାଇଁ ଗୋଷ୍ଠୀ କର୍ମଶାଳା ଗୃହ ଯୋଗାଇଦେବା ଇତ୍ୟାଦି ଦାବୀ ରହିଛି । ଏଥିରେ ରାଜ୍ ?ଯ ସାଧାରଣ ସଂପାଦକ ରଂଜନ ମିଶ୍ରଙ୍କ ସମେତ ବାମନଘାଟୀ ଉପଖଣ୍ଡ ରଙ୍ଗତୂଳୀ କଳାକାର ସଂଘ ସଭାପତି ଛୋଟରାୟ ବାସ୍କେ, ସଂପାଦକ ରତ୍ନାକର ପାତ୍ର, ସେକ ସାମସୁଦ୍ଦିନ, ସାକିଲା ବାରିଷା ଟୁଡୁ ସମେତ ବହୁ ରଙ୍ଗତୂଳୀ କଳାକାର ଯୋଗ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆଗାମି ଦିନରେ ସରକାର ଯଦି କିଛି ପଦକ୍ଷେପ ନନିଅନ୍ତି ତେବେ ରଂଗତୁଳୀ କଳାକାର ମାନେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି କହିଛନ୍ତି ।

## ଭତ୍ତା ନପାଇ ହିତାଧିକାରୀ ଅଫିସରେ ପକାଇଲେ ତାଲା

ବାଲିଆପାଳ, ୧୫/୦୩ (ନି.ପ୍ର): ସରକାର ବୃଦ୍ଧ ବୃଦ୍ଧା, ବିଧବା ମହିଳା, ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ଆଦି ବହୁ ଅସହାୟ ବ୍ୟକ୍ତିବିଶେଷଙ୍କପାଇଁ ସାମାଜିକ ମଙ୍ଗଳ ଯୋଜନା ଅଧୀନରେ ଭତ୍ତା ପ୍ରଦାନର ବ୍ୟବସ୍ଥା କରିଛନ୍ତି ମାତ୍ର ପ୍ରଶାସନିକ ଅବ୍ୟବସ୍ଥାଏବଂ ଜନ ପ୍ରତିନିଧିଙ୍କ ସ୍ଥାଣୁତା ଯୋଗୁଁ ବହୁ ହିତାଧିକାରୀ ଭତ୍ତା ନପାଇ ତିନି ଚାରି ମାସ ହେଲା ବାର ଦୁଆର ହେଉଛନ୍ତି । ବାରମ୍ବାର ବ୍ୟାଙ୍କ, ପଞ୍ଚାୟତ ଅଫିସ ଏବଂ ବ୍ଲକ ଅଫିସରେ ଅଭିଯୋଗ କଲେ ମଧ ସୁଫଳ ମିଳୁନି ଶେଷରେ ବାଧ ହୋଇ ହିତାଧିକାରୀ ଆଜି ପଞ୍ଚାୟତ ଅଫିସରେ ଭତ୍ତା ପ୍ରଦାନ ପାଇଁଥିବାସରକାରୀ କର୍ମଚାରୀଙ୍କୁ ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା



ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତରେ ଆଜି ସରକାରୀ ଭତ୍ତା ପାଉଥିବା ବହୁ ହିତାଧିକାରୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା ବହୁ ହିତାଧିକାରୀ ଦୀର୍ଘ ତିନି ଚାରି ମାସ ହେଲା ଭତ୍ତା ନପାଇବା, ବାରମ୍ବାର ବ୍ୟାଙ୍କ ଏବଂ ଆଧାର କପିର ନକଲ ମାଗିବା, ଜାନୁଆରୀ ମାସରେ ଇନ୍ଦିରା ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଭତ୍ତା ନମିଳିବା, ଶଯ୍ୟାଶାୟୀ ହିତାଧିକାରୀଙ୍କୁ ବ୍ୟାଙ୍କରେ ଭତ୍ତା ଦେବା, ଅସି ବର୍ଷରୁ ଉର୍ଦ୍ଧ ଏବଂ ୬୦ପ୍ରତିଶତରୁ ଉର୍ଦ୍ଧ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବ୍ୟାଙ୍କ ମାଧମରେ ଭତ୍ତାର ପରିମାଣ କମାଇ ୫୦୦ ଦେବା, କେତେବେଳେ ବ୍ୟାଙ୍କ ତ ପୁଣି କେତେବେଳେ ପଞ୍ଚାୟତ ଅଫିସରେ ଭତ୍ତା ପ୍ରଦାନ କରିବା ଆଦି ଅଭିଯୋଗ ହିତାଧିକାରୀଙ୍କ ପାଖରୁ ଶୁଣିବାକୁ ମିଳିଥିଲା ବୈକୁଣ୍ଠ ମୈକାପ, ସୁଗନ୍ଧା ମଲ୍ଲିକ, ନିୟତି ସିଂ, ଅତୁଳ ମୈକାପ, ଗେହ୍ଲାମଣି ପାତ୍ର, ବାସନ୍ତି ଜେନା, ବ୍ରଜେଶ୍ୱରୀ ପାଳ, ନିୟତି ସାନ୍ତରା, ଆଶାଲତା ଦଳାଇ, ପୁନି ସିଂ, ସାମଲତା ସିଂ, ସୁରବାଳା ପାତ୍ର, ଉତ୍ପଳ ମହାନ୍ତି, ରାଗ ମୁର୍ମୁ, କୃତିବାସ ଖଟୁଆ, ପୂର୍ଣଚନ୍ଦ୍ର ଗିରି, ଦୁର୍ଗାମଣି ସାମଲ, ସାଧୁ ସିଂ, ସଦାଶିବ ଦଳାଇ ଆଦି ବହୁ ହିତାଧିକାରୀ ଭତ୍ତା ନପାଇବା ଯୋଗୁଁ ପରିବାର ଚଳାଇବା, ଔଷଧ କିଣିବା ଭଳି ଅସୁବିଧା ହେଉ ଥିବାରୁ ଦୁଃଖ ପ୍ରକାଶ କରି ଜନ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କୁ ଏଥିପାଇଁ ଦାୟୀ କରିଥିଲେ ତେବେ ସବୁମାସ ଭତ୍ତା ପ୍ରଦାନ ସମୟରେ ସରପଞ୍ଚ ଓ ସମିତି ସଭ୍ୟ ପ୍ରତିନିଧିଙ୍କ ଉପସ୍ଥିତି ରହୁଥିଲା ବେଳେ ଆଜି ନିଜେ ଜନ ପ୍ରତିନିଧି କିମ୍ବା ତାଙ୍କ ପ୍ରତିନିଧିଙ୍କ ଅନୁପସ୍ଥିତ ଲୋକଙ୍କୁ ନିରାଶ କରିଥିଲା ଭତ୍ତା ପ୍ରଦାନ ସମୟରେ ବସିବାର ବ୍ୟବସ୍ଥା ନକରିବା, ଖରାରୁ ରକ୍ଷା ପାଇଁ ପାଲ ନ ଖାଞ୍ଜିବା, ପାନୀୟ ଜଳର ବ୍ୟବସ୍ଥା ନକରିବା ଆଦି ମାନବିକତାର ଅଭାବ ନବ ନିର୍ବାଚିତ ପ୍ରତିନିଧିଙ୍କ ଠାରେ ଦେଖିବାକୁ ମିଳିଥିଲା ତେବେ ହିତାଧିକାରୀ ବାଧ ହୋଇ ଭତ୍ତା ପ୍ରଦାନ ପାଇଁ ଆସିଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଫିସରେ ତାଲା ପକାଇ ବାଲିଆପାଳ ବିଡ଼ିଓଙ୍କୁ ଆସିବା ପାଇଁ ଫୋନ ଯୋଗେ ବାଧ କରିଥିଲେ ମାତ୍ର ବିଡ଼ିଓ ଘଟଣା ସ୍ଥଳକୁ ଆସିନଥିଲେ ପରେ ସରପଞ୍ଚ ଏବଂ ସଦସ୍ୟାଙ୍କ ପ୍ରତିନିଧି ଆସି ବୁଝାବୁଝି କରିବାରୁ ପରିସ୍ଥିତି ଶାନ୍ତ ପଡିବା ସହିତ ତାଲା ଖୋଲା ଯାଇଥିଲା ଶେଷରେ ହିତାଧିକାରୀଙ୍କ ସମସ୍ୟା ମାସେ ଭିତରେ ସମାଧାନ ହେବ ବୋଲି ଉଭୟ ପ୍ରତିନିଧି ଏବଂ ସରକାରୀ କର୍ମଚାରୀ ପ୍ରତିଶୃତି ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo